ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୫ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 15 July 2024

Vol.No. 35 ■ No.189 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ୪୬ ବର୍ଷ ଅପେକ୍ଷାର ହେଲା ଅନ୍ତ: ଖୋଲିଲା ମହାପ୍ରଭୁଙ୍କ ରତ୍ନଭଣ୍ଡାର



- ଅସ୍ଥାୟୀ ଷ୍ଟ୍ରଙ୍ଗରୁମକୁ ଗଲା ରତ୍ନ ଭଣ୍ଡାର ଅଳଙ୍କାର
- ଖୋଲିଲାନି, ଭଙ୍ଗାଗଲା ଭିତର ରତ୍ନଭଣ୍ଡାର ତାଲା
- ରତ୍ନ ଭଣ୍ଡାର ଭିତରୁ ଉଡ଼ି ଆସିଲେ ଶହଶହ ଚେମେଣିଆ
- ରତ୍ନଭଣ୍ଡାର ଅଳଙ୍କାର ରଖିବା ପାଇଁ ଆସିଛି ୬ ସିନ୍ଦୁକ

ଆଜି ନିର୍ଦ୍ଧାରିତ ସମୟ ଦିନ ୧ଟା ୨୮ରେ ଖୋଲାଗଲା ରତ୍ନଭଣ୍ଡାର। ପ୍ରଥମେ ବାହାର ରତ୍ନ ଭଣ୍ଡାର ଖୋଲାଯାଇଥିବା ସୂଚନା। ଭିତର ରତ୍ନ ଭଣ୍ଡାର ତାଲା ଖୋଲିବାକୁ ଉଦ୍ୟମ ଆରମ୍ଭ ହୋଇଥିବା ସୂଚନା ମିଳିଛି। ରତ୍ନଭଣ୍ଡାର ଭିତରକୁ ଯାଇଛନ୍ତି ୧୧ ଜଣ ସଦସ୍ୟ। ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ସଦସ୍ୟ ଡାକ୍ତର ସିବିକେ ମହାନ୍ତି, ଗଜପତି ମହାରାଜାଙ୍କ ପ୍ରତିନିଧି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏଏସ୍ଆଇ ଅଧୀକ୍ଷକ ଡିବି ଗଡ଼ନାୟକ, ରତ୍ନଭଣ୍ଡାର ସବ୍ କମିଟି ସଦସ୍ୟ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ତଢ଼ଉ କରଣ ଓ ଦେଉଳ କରଣ ପ୍ରମୁଖ ରତ୍ନଭଣ୍ଡାର ଭିତରକୁ ଯାଇଛନ୍ତି। ରତ୍ନଭଣ୍ଡାର ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସରେ ଏକ ପୋଷ୍ଟ କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ତୁମ ଇଚ୍ଛାରେ ଓଡ଼ିଆ ଜାତି ଆଜି ତାର ଅସ୍ମିତାର ପରିଚୟକୁ ନେଇ ଆଗକୁ ବଢ଼ିବାକୁ ଉଦ୍ୟମ ଆରମ୍ଭ କରିଛି। ତୁମ ଇଚ୍ଛାରେ ପ୍ରଥମେ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିଲା। ତୁମ ଇଚ୍ଛାରେ ୪୬ ବର୍ଷ ପରେ ଆଜି ଏକ ମହତ୍ ଉଦ୍ଦେଶ୍ୟ ନେଇ ରତ୍ନ ଭଣ୍ଡାର ଖୋଲାଗଲା। ଏ ମହାନ୍ କାର୍ଯ୍ୟ ସଫଳ ହେବ ବୋଲି ମୋର ଦୃଢ଼ ବିଶ୍ୱାସ। ଆଜି ହେବନି ରତ୍ନ ଭଣ୍ଡାର ଗଣତି। ଆଜି ବାହାର ଓ ଭିତର ରତ୍ନ ଭଣ୍ଡାର ଖୋଲାଯିବ। ବାହାର ରତ୍ନ ଭଣ୍ଡାର ସମସ୍ତ ଚାବି ଅଛି। ଭିତର ରତ୍ନ ଭଣ୍ଡାର ଚାବିରେ ନଖୋଲିଲେ ଏହାକୁ ଭଙ୍ଗାଯିବ ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ତିନିଟି ପର୍ଯ୍ୟାୟରେ


▶▶ପୃଷ୍ଠା ୭


# ଜନ୍ମବେଦୀରେ ସରିଲା ମହାପ୍ରଭୁଙ୍କ ଲୀଳାଖେଳା : ଆଜି ଭାଇ-ଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀମନ୍ଦିର ଫେରିବେ କାଳିଆ ଠାକୁର



ପୁରୀ , ୧୪/୭ (ନି.ପ୍ର): ଆସନ୍ତାକାଲି ବାହୁଡ଼ା ଯାତ୍ରା । ଜନ୍ମବେଦୀରେ ଲୀଳାଖେଳ ସାରି ବାହୁଡ଼ିବେ ମହାପ୍ରଭୁ । ଶ୍ରୀଜୀଉଙ୍କୁ ନେଇ ଆସିବା ପାଇଁ ନାକଚଣା ଦ୍ୱାର ଆଗରେ ପ୍ରସ୍ତୁତ ହୋଇ ଠିଆ ହୋଇଛି ତିନି ରଥ। କାଲି ବଡଭାଇ ବଳଭଦ୍ର , ଉଭଣୀ ସୁଭଦ୍ରାଙ୍କୁ ଧରି ଶ୍ରୀମନ୍ଦିର ଫେରିବେ ଶ୍ରୀଜଗନ୍ନାଥ । ବାହୁଡାଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସବୁପ୍ରକାରର ବ୍ୟବସ୍ଥା ହୋଇଛି । ବାହୁଡ଼ା ଯାତ୍ରା ପାଇଁ ସଂଧ୍ୟା ଦର୍ଶନ ନୀତିକାନ୍ତିକୁ ସଂକୁଚିତ କରାଯାଇଥିଲା । ସଂଧ୍ୟା ୫ ଟା ପରେ ମନ୍ଦିର ଶୋଧ କରି ଆରମ୍ଭ ହୋଇଛି ବାହୁଡ଼ା ପ୍ରସ୍ତୁତି । ଅନ୍ୟପଟେ ବାହୁଡ଼ା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ନୀତିକାନ୍ତି ନିର୍ଦ୍ଧାରଣ କରାଯାଇଛି । ପ୍ରାତଃ ୪ଟାରେ ମଙ୍ଗଳଆଳତି, ମଇଲମ ପ୍ରାତଃ ୪ଟା ୧୫, ତଡପଲାଗି ପ୍ରାତଃ ୪ଟା ୩୦,


▶▶ପୃଷ୍ଠା ୭


# ଡିଜିଟାଲ ଆରେଷ୍ଟ ଫାଶରେ କି ଓଡ଼ିଶା ?



ଭୁବନେଶ୍ୱର, ୧୪/୭ (ନି.ପ୍ର): ସାଇବର ଫ୍ରଡର ନୂଆ ତରିକା ଡିଜିଟାଲ ଆରେଷ୍ଟ ଫାଶରେ ପଡ଼ିଲାଣି କି ଓଡ଼ିଶା ? ନିକଟରେ କିଛି ଉଚ୍ଚ ପଦସ୍ତ ଅଧିକାରୀ ସାଇବର ଅପରାଧୀଙ୍କ ଜାଲରେ ଫସି ମୋଟା ଅଙ୍କରେ ଲୁଟର ଶିକାର ଅଭିଯୋଗ ପରେ ଏ ଘଟଣା ସାମ୍ନାକୁ ଆସିଛି। ଗତକାଲି କ୍ରାଇମବ୍ରାଞ୍ଚର ସାଇବର ସେଲ୍ ଦିଲ୍ଲୀରୁ ୨ ନାଇଜେରୀୟଙ୍କୁ ଗିରଫ କରି ଓଡ଼ିଶା ଆଣିବା ପରେ ଆମ ରାଜ୍ୟରେ ବି ଡିଜିଟାଲ ଆରେଷ୍ଟ ତରିକାର ନେଟୱାର୍କ ବଢୁଥିବା ନେଇ ଚର୍ଚ୍ଚା ହେଉଛି।


▶▶ପୃଷ୍ଠା ୭


# ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଗୁଳିମାଡ଼: କାନରେ ଗୁଳି ବାଜିଥିବା ସୂଚନା

ନୂଆଦିଲ୍ଲୀ, ୧୪/୭ : ଡୋନାଲ୍ଡ ଟ୍ରମ୍ପଙ୍କୁ ଗୁଳିମାଡ଼ । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରକୁ ଗୁଳିମାଡ଼ ହୋଇଛି । ଟ୍ରମ୍ପଙ୍କ ଡାହାଣ କାନରେ ଗୁଳି ବାଜିଥିବା ସୂଚନା ମିଳିଛି । ପେନସିଲଭାନିଆରେ ଏକ ରାଲି ସମୟରେ ତାଙ୍କ ଉପରେ ଗୁଳିମାଡ଼ ହୋଇଛି । ଗୁଳିମାଡ଼ ପରେ ତାଙ୍କୁ ଉପସ୍ଥିତ ଥିବା ସିକ୍ରେଟ ସର୍ଭିସ ଏଜେଣ୍ଟ ସେଠାରୁ ଉଦ୍ଧାର କରି ହସପିଟାଲରେ ଭର୍ତ୍ତି କରିଥିଲେ । ସୁରକ୍ଷାକର୍ମୀଙ୍କ ପାଲଟା ଗୁଳିରେ ସନ୍ଦିଗ୍ଧ ସୁଟର ନିହତ ହୋଇଛି । ଏହାସହ ରାଲିରେ ଯୋଗଦେଇଥିବା ଜଣେ ବ୍ୟକ୍ତିଙ୍କର ମଧ୍ୟ ମୃତ୍ୟୁ ହୋଇଛି । ବର୍ତ୍ତମାନ ଟ୍ରମ୍ପ ସୁରକ୍ଷିତ ଥିବା ସିକ୍ରେଟ ସର୍ଭିସ ପକ୍ଷରୁ କୁହାଯାଇଛି । ଗୁଳି ମାଡ଼ ପରେ ବି ଡୋନାଲ୍ଡ ଟ୍ରମ୍ପ ଉପସ୍ଥିତ ଜନତାଙ୍କ ଆଡ଼କୁ ହାତ ହଲାଇ ସମ୍ବୋଧିତ କରୁଥିବା ଦେଖିବାକୁ ମିଳିଥିଲା । ମଞ୍ଚରୁ ଟ୍ରମ୍ପ ଓହ୍ଲାଇବା ମାତ୍ରେ ରାଲି ଗ୍ରାଉଣ୍ଡକୁ


▶▶ପୃଷ୍ଠା ୭





# ଟ୍ରେନ୍, ଟ୍ରାକ ଏବଂ ଷ୍ଟେସନରେ ପରିଷ୍କାର ପରିଚ୍ଛନ୍ନତା ପାଇଁ ପୂର୍ବତଟ ରେଳପଥ ପ୍ରୟାସକୁ ତୀବ୍ର କଲା

ଭୁବନେଶ୍ୱର, ୧୪/୦୭ (ନି.ପ୍ର): ପୂର୍ବତଟ ରେଳପଥ ଏହାର ନେଟୱର୍କରେ ସ୍ୱଚ୍ଛତା ମାନ ବୃଦ୍ଧି ପାଇଁ ଏକ ବିସ୍ତୃତ ଅଭିଯାନ ଆରମ୍ଭ କରିଛି । ଏହି ପଦକ୍ଷେପ ଯାତ୍ରୀମାନଙ୍କୁ ବର୍ଜ୍ୟବସ୍ତୁର ସଠିକ୍ ନିଷ୍କାସନ ବିଷୟରେ ସଚେତନତା କରାଇବା ଏବଂ ଉଭୟ ଟ୍ରେନ୍ ଏବଂ ଷ୍ଟେସନରେ ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ସୁନିଶ୍ଚିତ କରିବା ସମ୍ବନ୍ଧରେ ଧ୍ୟାନ ଦେବା । ଅଳିଆ ଆବର୍ଜନାର ମୁକାବିଲା ଏବଂ ବର୍ଜ୍ୟବସ୍ତୁ ନିଷ୍କାସନକୁ ପ୍ରୋତ୍ସାହିତ କରିବା ପାଇଁ ଦାୟିତ୍ୱପୂର୍ଣ୍ଣ ଭାବେ ପୂର୍ବତଟ ରେଳପଥ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାର୍ଯ୍ୟକାରୀ କରିଛି:

ଯାତ୍ରୀ ସଚେତନତା ଅଭିଯାନ: ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପ୍ରତ୍ୟେକ କୋଚର ଉଭୟ ପାର୍ଶ୍ୱରେ ଅବସ୍ଥିତ ଡଷ୍ଟବିନ ବ୍ୟବହାର କରିବାର ଗୁରୁତ୍ୱ ଉପରେ ଯାତ୍ରୀମାନଙ୍କୁ ସଚେତନତା କରାଇବା ପାଇଁ ପୂର୍ବତଟ ରେଳପଥ ଏକ ଅଭିଯାନ ଆରମ୍ଭ କରିଛି । ଯାତ୍ରୀମାନଙ୍କୁ ସ୍ୱଚ୍ଛ ଏବଂ ପରିଚ୍ଛନ୍ନତା ଟ୍ରେନ୍ ପରିବେଶ ବଜାୟ ରଖିବାରେ ସହଯୋଗ କରିବାକୁ ଉତ୍ସାହିତ କରିବା ପାଇଁ ଏହି ପଦକ୍ଷେପର ଲକ୍ଷ୍ୟ ଅଟେ ।

କ୍ୟାଟରିଂ ବର୍ଜ୍ୟବସ୍ତୁ ପରିଚାଳନା: ଅନ ବୋର୍ଡ ଟ୍ରେନରେ ଲାଇସେନ୍ସପ୍ରାପ୍ତ କର୍ମଚାରୀଙ୍କୁ ପ୍ରତ୍ୟେକ ଭୋଜନ ପରେ ଯାତ୍ରୀଙ୍କ ଠାରୁ କ୍ୟାଟରିଂ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ଦାୟିତ୍ୱ ଦିଆଯାଇଛି । ସେମାନେ ଅବଶିଷ୍ଟ ଖାଦ୍ୟ, ପ୍ଲାଷ୍ଟିକ୍ ବୋତଲ ଏବଂ ଅନ୍ୟାନ୍ୟ ନିଷ୍କ୍ରିୟ ସାମଗ୍ରୀକୁ ଅଳିଆ ବ୍ୟାଗରେ ସଂଗ୍ରହ କରିବା, ଉଭୟ ଯାତ୍ରା ସମୟରେ ଏବଂ ପ୍ରତ୍ୟେକ ଯାତ୍ରା ଶେଷରେ ନିର୍ଦ୍ଦିଷ୍ଟ ସଂଗ୍ରହ ପଏଣ୍ଟରେ ଉପଯୁକ୍ତ ନିଷ୍କାସନ ସୁନିଶ୍ଚିତ କରନ୍ତି । ଅଳିଆ ସଂଗ୍ରହ ଷ୍ଟେସନ: ଟ୍ରେନ ଯାତ୍ରା ସମୟରେ ମାର୍ଗରେ ମନୋନୀତ ଷ୍ଟେସନଗୁଡିକ ଠାରେ ଅଳିଆ ସଂଗ୍ରହ ପାଇଁ ବ୍ୟବସ୍ଥା କରାଜଯାଇଅଛି, ଯାହା ଟ୍ରେନ ଯାତ୍ରା ସମୟରେ କୋଚ ଗୁଡ଼ିକରୁ ଉତ୍ପନ୍ନ ବର୍ଜ୍ୟବସ୍ତୁକୁ କ୍ରମାଗତ ଭାବରେ ବିସର୍ଜନ କରିବାରେ ସହଜ କରିଥାଏ । ଅଳିଆ ଆବର୍ଜନା ବିରୋଧରେ କାର୍ଯ୍ୟାନୁଷ୍ଠାନ : ଟ୍ରେନ କୋଚ ଗୁଡ଼ିକରୁ ବାହାରୁଥିବା ଆବର୍ଜନା ରେଳ ଟ୍ରାକରେ ଫିଙ୍ଗିବା ବିରୁଦ୍ଧରେ ଲାଇସେନ୍ସ ପ୍ରାପ୍ତ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ମାପ ରେଳ ଲାଇନରେ ପରିବେଶ ଅଖଣ୍ଡତା ଏବଂ ନିରାପତ୍ତା ବଜାୟ ରଖିବା ପାଇଁ ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ସୂଚିତ କରୁଛି । ପୂର୍ବତଟ ରେଳପଥରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱଚ୍ଛତା ଏକ ନିରନ୍ତର ପ୍ରୟାସ ଯାହାକୁ ଷ୍ଟେସନ ଏବଂ ଟ୍ରେନରେ ଉତ୍ପାଦିତ ବର୍ଜ୍ୟବସ୍ତୁ ଉପରେ ନଜର ରଖିବା, ପୃଥକ କରିବା, ସଂଗ୍ରହ କରିବା, ସଂରକ୍ଷଣ କରିବା ଏବଂ ଦାୟିତ୍ୱବୋଧକ ଭାବରେ ବିସର୍ଜନ କରିବା । ରେଳ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କ ଆରାମ ଏବଂ ନିରାପତ୍ତା ପାଇଁ ସମସ୍ତ କୋଚ୍ ଏବଂ ଷ୍ଟେସନ ପରିସରଗୁଡିକ ସୁପରିଚାଳିତ ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ଉତ୍ସର୍ଗୀକୃ । ଯାତ୍ରା ସମୟରେ ନିୟମିତ କୋଚ୍ ସଫା କରିବା ପାଇଁ ମଧ୍ୟ ଉଦ୍ୟମ ଚାଲିଛି, ସ୍ୱଚ୍ଛତା ମାନଦଣ୍ଡକୁ ବଜାୟ ରଖିବା ପାଇଁ ଚଟାଣ, ଖାଦ୍ୟ ଟ୍ରେ ଏବଂ ଶୌଚାଳୟ ପରି କ୍ଷେତ୍ର ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ।

# ଆରମ୍ଭରୁ ନଗଡ଼ା ଧାନକଳ ଅଚଳ: ହାତରେ ଧାନ କୁଟୁଛନ୍ତି ମହିଳା



କାଳିଆପାଣି, ୧୪/୦୭ (ନି.ପ୍ର): ଯାଜପୁର ଜିଲ୍ଲା କୃଷି ବିଭାଗ ପକ୍ଷରୁ ନଗଡ଼ାକୁ ଦିଆଯାଇଥିବା ଧାନକଳ ଆରମ୍ଭରୁ ଅଚଳ ପଡ଼ିଛି । ଏହି ଗାଁରେ ଏଯାବତ୍ ଧାନପେଷା କଳ ନଥିବାରୁ ଗାଁର ଝିଅବୋହୂମାନେ ହାତରେ ଧାନକୁଟି ଚାଉଳ ପ୍ରସ୍ତୁତ କରୁଥିବା ଦେଖାଯାଇଛି । ଅଧିକ ଧାନ ଥିବା ଲୋକମାନେ ଧାନ ପେଷାଇବା ପାଇଁ ଗାଁଠାରୁ ୩ କିଲୋମିଟର ଦୂର ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍‌ର ଏକୁଳ ଗାଁକୁ ଯାଇଥାନ୍ତି ।

୨୦୧୭ ମସିହା ମାର୍ଚ୍ଚ ମାସ ୩ ତାରିଖ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) ଅଖିଳ ବିହାରୀ ଓତାଙ୍କ ପ୍ରଥମ ନଗଡ଼ା ଗସ୍ତ ଅବସରରେ ଗାଁର ମହିଳାମାନେ ତତ୍କାଳୀନ ଜିଲ୍ଲାପାଳ ରଞ୍ଜନ କୁମାର ଦାସଙ୍କୁ ଘେରି ଧାନକଳ ପାଇଁ ଦାବି କରିଥିଲେ । ନଗଡ଼ା ସଡ଼କ ଉନ୍ନତୀକରଣ ପରେ କରୋନା ସମୟରେ ୨୦୨୦ ମସିହା ଜୁନ୍ ୨୮ ତାରିଖରେ ତତ୍କାଳୀନ ଜିଲ୍ଲାପାଳ ଶ୍ରୀ ଦାସ ତଳନଗଡ଼ା ମଣ୍ଡପରେ ବସି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସେଦିନ ମହିଳାମାନେ ଗାଁରେ ଧାନକଳ ପ୍ରତିଷ୍ଠା ପାଇଁ ଅଡ଼ି ବସିଥିଲେ । ୨୦୨୧ ଏପ୍ରିଲ ମାସରେ ତତ୍କାଳୀନ ଜିଲ୍ଲା କୃଷି ଅଧିକାରୀ ବିମଳ କୁମାର ରସ୍ତାନ ଓ ବ୍ଲକ୍ କୃଷି ଅଧିକାରୀ ପ୍ରବୋଧ କୁମାର ବିଶ୍ୱାଳ ନଗଡ଼ା ଗସ୍ତରେ ଆସି ଗ୍ରାମବାସୀଙ୍କୁ ଏକ ବିଦ୍ୟୁତ୍ ଚାଳିତ ଧାନକଳ ପ୍ରଦାନ କରିଥିଲେ । ସେବେଠାରୁ ତଳନଗଡ଼ା ଅଙ୍ଗନବାଡ଼ି କେନ୍ଦ୍ର ଘରେ ରଖାଯାଇଥିବା ଏହି ଧାନକଳ ଅଚଳ ପଡ଼ିଛି । କୃଷି ବିଭାଗର ଯାନ୍ତ୍ରିକ ପ୍ରତିନିଧି ଦଳ ଓ ବିଦ୍ୟୁତ୍ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏହା ଆଦୌ ଚାଲିପାରି ନଥିବା ନଗଡ଼ା ୱାର୍ଡ ମେମ୍ବର ଲକ୍ଷ୍ମୀ ପ୍ରଧାନ, ଚୁକୁଲି ପ୍ରଧାନ, ରୂପାଲି ପ୍ରଧାନ, ବ୍ରାହ୍ମଣୀ ପ୍ରଧାନ, କୁଶୁମଲି ପ୍ରଧାନ, ସୁନିଆରି ପ୍ରଧାନ, ଜାମୁନି ପ୍ରଧାନ, ଚୁକେଇ ପ୍ରଧାନ, ଟୁଇ ପ୍ରଧାନ ଅଭିଯୋଗ କରିଛନ୍ତି ।

ଏ ସଂପର୍କରେ କୃଷି ଅଧିକାରୀ ଶ୍ରୀ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରେ ଆରମ୍ଭରୁ ଧାନକଳ ଅଚଳ ପଡ଼ିବା ଜାଣି ସେ ଦୁଃଖ ପ୍ରକାଶ କରିଥିଲେ । ସେତେବେଳେ ଏହାକୁ କାର୍ଯ୍ୟକ୍ଷମ କରାଇବା ଦିଗରେ କୃଷି ବିଭାଗ ଇଞ୍ଜିନିୟରିଂ ଶାଖାର ସହଯୋଗ ଲୋଡ଼ା ଯାଇଥିଲା ବୋଲି କହିଥିଲେ । ଖୁବ୍‌ଶୀଘ୍ର ଏହାକୁ ସେବା ଉପଯୋଗୀ କରାଯିବ ବୋଲି କୃଷି ଅଧିକାରୀ ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି ।

## ଦୁହୁରିଆ ଠାରେ ସିରିଡି ସାଇ ବାବା ମନ୍ଦିର ପ୍ରତିଷ୍ଠା ଉତ୍ସବ

କେନ୍ଦ୍ରାପଡ଼ା, ୧୪/୦୭ (ନି.ପ୍ର): କେନ୍ଦ୍ରାପଡା ଦୁହୁରିଆ ଠାରେ ନବ ନିର୍ମିତ ସିରିଡି ସାଇ ବାବା ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଜଗେଶ୍ୱର ସିରିଡି ସାଇ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ଗ୍ରାମବାସୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବହୁ ସଂଖ୍ୟାରେ ଯୋଗ ଦେଇ ସିରିଡି ସାଇ ବାବାଙ୍କ ଆଶିଷ ଲାଭ କରିଥିଲେ । ଶ୍ରୀମତୀ ଦମୟନ୍ତି ସାହୁଙ୍କ ଉଦ୍ୟମରେ ଅନୁଷ୍ଠିତ ମନ୍ଦିର ନିର୍ମାଣ ଏବଂ ଉତ୍ସବ ପାଳନରେ ସଂଘମିତ୍ରା ପଣ୍ଡା, ସରିତା ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ପରିଡା, ପ୍ରଭାତୀ ଜେନା, ସୁମିତ୍ରା ମାହାପାତ୍ର, ତନୁଜା ମହାନ୍ତି, ରାଜଶ୍ରୀ ବେହେରା, ବିଶ୍ୱଜିତ ଦାସ, ବଳୟ ଜେନା ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଆର୍ଥିକ ଓ ଶାରୀରିକ ସାହାଯ୍ୟ କରିଥିବା ସମସ୍ତ ସାଇ ପ୍ରେମୀ ବନ୍ଧୁ ମାନଙ୍କୁ କମିଟିର ଉପଦେଷ୍ଟା ପ୍ରଫେସର ରଂଜିତ ରଂଜନ ସାହୁ, ଶରତ କୁମାର ପ୍ରଧାନ, ଲକ୍ଷ୍ମୀଧର ପତି, କାହ୍ନୁ ଚରଣ ମହାପାତ୍ର, ଯୁଧିଷ୍ଠିର ଦାସ, ସଂଜୟ କୁମାର ପଲାଇ, ଅନାଦି ଚରଣ ଓଝା କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଦର୍ଶକ ମନଭରି ଦେଖୁଛନ୍ତି ରଥ ନିର୍ମାଣର କଳାକୌଶଳ: ଫଟୋ ଦେଖି ଉଲ୍ଲସିତ ବିଶ୍ୱକର୍ମା ପରିବାର ସଦସ୍ୟ

ପୁରୀ/ଭୁବନେଶ୍ୱର, ୧୪/୦୭ (ନି.ପ୍ର): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପବିତ୍ର ଶ୍ରୀପଂଚମୀରୁ ପ୍ରସ୍ତୁତ ହୁଅନ୍ତି ରଥ-ପଥ-ଜଗନ୍ନାଥ । ନାବାଳକ ଠାରୁ ଆରମ୍ଭ କରି ଶତାୟୁ ବିଶ୍ୱକର୍ମା ସେବକମାନଙ୍କ ଯାଦୁକରୀ ହାତର ସ୍ପର୍ଶରେ ପ୍ରଥମେ ପ୍ରସ୍ତୁତ ହୁଅନ୍ତି ରଥତ୍ରୟ । ଶ୍ରୀଜଗନ୍ନାଥଙ୍କ ଆଦ୍ୟରୂପ ପ୍ରଭୁ ନୀଳମାଧବଙ୍କ ବିଜେସ୍ଥଳୀ ନୟାଗଡ ଜିଲ୍ଲାର ବନାଂଚଳରୁ ରଥକାଠ ଆସି ପୁରୀରେ ପହଂଚିବା ପରେ ଶ୍ରୀମନ୍ଦିରର ଆଜ୍ଞାମାଳ ସହିତ ଶ୍ରୀପଂଚମୀରୁ ଶ୍ରୀନଅର ସମ୍ମୁଖସ୍ଥ ରଥଖଳା ହୁଏ ଚଳଚଂଚଳ । ଏହାକୁ ଲକ୍ଷ୍ୟ କରି ପୁରାତନ ରଚନାରୁ ଉର୍ଦ୍ଧୃତ ହୋଇଛି 'ରଥଖଳା ଠାରୁ ବଡଦାଣ୍ଡ ଯାଏ ଲାଗିଛନ୍ତି ସେବାୟତ, ବିଶ୍ୱନିୟନ୍ତାଙ୍କ ରଥଯାତ ଲାଗି ଚାଲିଅଛି ଯାତାୟାତ ।' ପୂଜାବିଧି ପରେ ଆରମ୍ଭ ହୁଏ ରଥକାଠ ଚିରଟ ପ୍ରକ୍ରିୟା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱକର୍ମା ସେବକମାନେ ପାରମ୍ପରିକ ଯନ୍ତ୍ରପାତି ବ୍ୟବହାର କରି ଅତି ନିଷ୍ଠାର ସହିତ ବିଭିନ୍ନ ତିଥି ଅନୁସାରେ ରଥର ବିଭିନ୍ନ ଅଂଶର ନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତି ଏବଂ ସମାପନ ମଧ୍ୟ କରନ୍ତି । ଯାହାକୁ ଅତି ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ମଣ୍ଡପରେ ।

ରଥକାଠ ପୂଜାବିଧି ଠାରୁ ଆରମ୍ଭ କରି ରଥଖଳାରେ ବିଭିନ୍ନ ବର୍ଗର ବିଶ୍ୱକର୍ମା ସେବକମାନଙ୍କ ରଥର ନିର୍ମାଣ କାର୍ଯ୍ୟକୁ ଦର୍ଶକମାନେ ମନଭରି ଉପଭୋଗ କରୁଛନ୍ତି । ଫଟୋଚିତ୍ରରେ ଦେଖିବାକୁ ମିଳୁଛି ପରିବାରର ବୟୋଜ୍ୟେଷ୍ଠଙ୍କ ତତ୍ତ୍ୱାବଧାନରେ ଜଣେ ରୂପକାର ନାବାଳକ ବିଶ୍ୱକର୍ମା ନିଜ ନିହଣ ହାତୁଡି ଧରି କାଠରେ ଖୋଦେଇ କରୁଛି ବିଭିନ୍ନ ପାରମ୍ପରିକ ମୂର୍ତ୍ତି, ତ ଆଉ କେଉଁଠାରେ ଦେଖିବାକୁ ମିଳୁଛି ଜଣେ ଶତାୟୁ ଭୋଇ ସେବକଙ୍କ ଦ୍ୱାରା ରଥ ନିର୍ମାଣ ପାଇଁ ବ୍ୟବହୃତ ଲୌହ ସାମଗ୍ରୀର ପ୍ରସ୍ତୁତି କାର୍ଯ୍ୟ । ସେହିପରି ଚିତ୍ରକାର ସେବକ ମଧ୍ୟ ମନେମନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଚିନ୍ତନ କରୁଛି 'ଅନନ୍ତ ସୃଷ୍ଟିର ତୁମେ ଚିତ୍ରକର, ବିଶାଳ ଧରିତ୍ରୀର ତୁମେ ଆଧାର, ଅବତାରୀ ପୁରୁଷ ତୁମେ ଦଶ ଅବତାର, ତୁମେ ମଧ କରୁଣା ସାଗର' ଏବଂ ଆକର୍ଷଣୀୟ ରଙ୍ଗରେ ସୁଚିତ୍ରିତ କରୁଛି ରଥର ବିଭିନ୍ନ ଅଂଶକୁ । କେଉଁଠାରେ ଦେଖିବାକୁ ମିଳୁଛି ଦରଜୀ ସେବାକାର ଯାଦୁକରୀ ସିଲେଇ କାର୍ଯ୍ୟ ତ ଆଉ କେଉଁଠାରେ ଅଖ-ଚକ ଡେରା କାର୍ଯ୍ୟ । ସମସ୍ତଙ୍କ ମନରେ ସେହି ଗୋଟିଏ ଲକ୍ଷ୍ୟ ଓ ଉଦ୍ଦେଶ୍ୟ 'ତାଳଧ୍ୱଜ ସାଥେ ଦେବଦଳନ ଓ ନନ୍ଦିଘୋଷ ଉଭା ହେବ, ନୀଳାମ୍ବର ସାଥେ ହଳଦୀ ମୁଖୀଙ୍କୁ ସାଙ୍ଗରେ ଧରି ଆସିବ ।' ଚଳିତ ବର୍ଷର ରଥଯାତ୍ରା ପାଇଁ ପ୍ରସ୍ତୁତ ରଥଖଳାର ଏହି ଫଟୋଚିତ୍ରଗୁଡିକରେ ନିଜ ପରିବାରର ବିଭିନ୍ନ ସଦସ୍ୟଙ୍କୁ ଦେଖି ବିଶ୍ୱକର୍ମା ପରିବାରବର୍ଗ ଅତ୍ୟନ୍ତ ଉଲ୍ଲସିତ ହେବା ସହିତ ପ୍ରଦର୍ଶନ ବୋର୍ଡ ନିକଟରେ ଫଟୋ ଉଠାଉଥିବା ଦେଖିବାକୁ ମିଳୁଛି ।

# ରାଜଭବନ ପରିସରରେ ଧ୍ୟାନ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୧୪/୦୭ (ନି.ପ୍ର): ରବିବାର ଦିନ ଏକ ଆଧ୍ୟାତ୍ମିକ ପରିବେଶରେ ରାଜଭବନ ପରିସରରେ ସ୍ଥାପିତ ଧ୍ୟାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟପାଳ ରଘୁବର ଦାସଙ୍କ ପୌରହିତରେ ଯଥାରିତି ପୂଜାକାର୍ଯ୍ୟ ସଂପନ୍ନ ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମନ୍ତ୍ରୀମଣ୍ଡଳର ସଦସ୍ୟ, ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ରାଜଭବନର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ବିଏସକେୱାଇରୁ ବାଦ୍ ପଡିଲା ତ୍ରିଶା ହସ୍ପିଟାଲ

ଭୁବନେଶ୍ୱର, ୧୪/୦୭ (ନି.ପ୍ର): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତାଲିକାରୁ ତ୍ରିଶା ହସ୍ପିଟାଲ ବାଦ୍ ପଡ଼ିଛି । ଯାଂଚ ପ୍ରକ୍ରିୟା ଜାରି ଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଗତକାଲି କଟକ ସ୍ଥିତ 'ତ୍ରିଶା' ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡ ପରେ ଏକାଧିକ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା । ସେମାନଙ୍କ ମଧ୍ୟରୁ କଟକ ଶିଶୁଭବନରେ ୧୦ ଜଣ, ଏସସିବି ଏନଆଇସିୟୁରେ ୩ ଜଣ, ଆଇସିୟୁରେ ୪ ଜଣ ଓ ୱାର୍ଡରେ ୧୦ ଜଣ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ରବିବାର ଜଣେ ୧୧ ଦିନର ଶିଶୁର ମୃତ୍ୟୁ ଘଟିଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରାଯାଉଛି ।

# ଶେଷ ନିଶ୍ୱାସ ଗଣୁଛି ହାଉସିଂ ବୋର୍ଡ କାର୍ଯ୍ୟାଳୟ: ଅଧିକାରୀ, କର୍ମଚାରୀ ନାହାନ୍ତି




ରାଉରକେଲା, ୧୪/୦୭ (ନି.ପ୍ର): ୧୯୫୯ରେ ରାଉରକେଲା ଇସ୍ପାତ କାରଖାନା ସ୍ଥାପନପରେ ରାଉରକେଲା ସହର ବିକଶିତ ହେବାରେ ଲାଗିଥିଲା । ଜନସଂଖ୍ୟା ସହ ସହରର ପରିସର ବୃଦ୍ଧି ଘଟିଥିଲା । ଏହାକୁ ଦୃଷ୍ଟିରେ ରଖି ତତ୍କାଳୀନ ରାଜ୍ୟସରକାର ସହରବାସୀଙ୍କୁ ବାସଗୃହ ଯୋଗାଇବାକୁ ଉଭୟ ଭୁବନେଶ୍ୱର ଓ ରାଉରକେଲାରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା(ଓଏସ୍ଏଚ୍‌ବି) ସ୍ଥାପିତ ହୋଇଥିଲା । ଏହି କ୍ରମରେ ୧୯୭୭ ମସିହାରେ ବାସନ୍ତୀକଲୋନିରେ ଓଏସ୍ଏଚ୍‌ବି ପ୍ରକଳ୍ପ କାର୍ଯ୍ୟାଳୟ ସ୍ଥାପନ କରାଯାଇଥିଲା । ତେବେ ଯେଉଁ ଉଦ୍ଦେଶ୍ୟ ନେଇ ଏହି କାର୍ଯ୍ୟାଳୟର ଶୁଭାରମ୍ଭ ହୋଇଥିଲା, ତାହା କିନ୍ତୁ ପୂରଣ ହୋଇପାରିନି । ଓଏସ୍ଏଚ୍‌ବି ପକ୍ଷରୁ ନୂଆ ବାସଗୃହ ପ୍ରକଳ୍ପ ହାତକୁ ନିଆଯାଉନି କିମ୍ବା ଯେଉଁ ବାସଗୃହ ନିର୍ମାଣ ହୋଇଥିଲା, ସେନେଇ ଉପୁଜିଥିବା ସମସ୍ୟାର ସମାଧାନ ବି କରାଯାଉନି । ମୋଟାମୋଟିଭାବେ ଏହି କାର୍ଯ୍ୟାଳୟ ଏବେ ଶେଷ ନିଶ୍ୱାସ ଗଣୁଥିବା କହିଲେ ଅତ୍ୟୁକ୍ତି ହେବନାହିଁ । ଓଏସ୍ଏଚ୍‌ବି ପ୍ରକଳ୍ପ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବାପରେ ବାସନ୍ତୀକଲୋନି ଓ ଛେଣ୍ଡ୍ ପାଖାପାଖି ୬ ହଜାର ଜମି ଓ ଘର ଆବଣ୍ଟନ କରାଯାଇଥିଲା । ଗତ ୨/୩ ଦଶନ୍ଧି ହେଲା, ଉକ୍ତ ବାସଗୃହ ସଂକ୍ରାନ୍ତୀୟ ସମସ୍ୟାର ସମାଧାନ କରାଯାଇନାରିନି । ଏଯାଏ ଉକ୍ତ ଜମି ଫ୍ରି' ହୋଲ୍‌ଡ ହୋଇନପାରିବା ବିଡ଼ମ୍ବନା ବ୍ୟତିତ ଅନ୍ୟ କିଛି ହୋଇନପାରେ । ଜମି ଫ୍ରି'ହୋଲ୍‌ଡ ହୋଇପାରୁନଥିବାରୁ ଜମି/ଘର ମାଲିକ କିଣାବିକା କରିବାରୁ ବଞ୍ଚିତ । ୨୦/୩୦ ବର୍ଷ ହେଲା ଲୋକେ ଘର ତିଆରି ରହୁଥିଲେ ସୁଦ୍ଧା ଏଯାଏ ଘରର ମାଲିକାନାସତ୍ତ୍ୱ ତାଙ୍କ ନାଁରେ ହୋଇପାରୁନି । ଅର୍ଥାତ୍, ନିଜ ଘରର ମାଲିକ ନିଜେ ହୋଇପାରୁନାହାନ୍ତି ହିତାଧିକାରୀ । କାର୍ଯ୍ୟାଳୟ ଆରମ୍ଭ ହେବା ସମୟରେ ଏଠାରେ ସୁପରିଟେଣ୍ଡିଂ ଇଞ୍ଜିନିଅର ସ୍ତରର ଅଧିକାରୀଙ୍କ ସମେତ ଶତାଧିକ କର୍ମଚାରୀ ନିଯୁକ୍ତ ଥିଲେ । ଏବେ ଏଠାରେ ନା ଅଧିକାରୀ ଅଛନ୍ତି ନା କର୍ମଚାରୀ । ସଂପ୍ରତି କେବଳ ଜଣେ ସେକ୍ସନ ଅଫିସର ଓ ୪ ଜଣ କର୍ମଚାରୀ ଅଛନ୍ତି । ହାତଗଣତି ୫ ଜଣ କର୍ମଚାରୀଙ୍କ ଦ୍ୱାରା ହିତାଧିକାରୀ ଯେଉଁ ସେବା ପାଇବେ, ତାହା ସହଜେ ଅନୁମେୟ । କାର୍ଯ୍ୟାଳୟ ଶତପ୍ରତିଶତ ପଙ୍ଗୁ ହୋଇଯାଇଥିବାରୁ ହିତାଧିକାରୀ ଛୋଟଛୋଟ କାମ ପାଇଁ ଭୁବନେଶ୍ୱର ଦୌଡୁଛନ୍ତି । ଫଳରେ ସେମାନେ ଅଧିକ ଖର୍ଚ୍ଚାନ୍ତ ହେବାସହ ଯାବତୀୟ ସମସ୍ୟାର ସମ୍ମୁଖୀନ ହେବା ସ୍ୱାଭାବିକ୍ । ଉଲ୍ଲେଖଯୋଗ୍ୟ, ଗତ ମାର୍ଚ୍ଚ ୨୮ ତାରିଖରେ ତତ୍କାଳୀନ ରାଜ୍ୟ ସରକାର ଏନେଇ ପ୍ରକ୍ରିୟା ଆରମ୍ଭ କରିଥିଲେ । ଲିଜ୍ ହୋଲ୍‌ଡ ଥିବା ରାଜ୍ୟ ଓଡ଼ିଶା ହାଉସିଂ ବୋର୍ଡ(ଓଏସ୍ଏଚ୍‌ବି) ଅନ୍ତର୍ଗତ ସମସ୍ତ ଘର ଓ ଜମି ଫ୍ରି' ହୋଲ୍‌ଡ ହେବାନେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ବିଭାଗ ପକ୍ଷରୁ ଆବଶ୍ୟକ ଅନୁମତି ପାରିତ ହୋଇଥିଲା । ତେବେ ଏନେଇ ଧାର୍ଯ୍ୟହୋଇଥିବା ଫି'କୁ ନେଇ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା । ଫ୍ରି' ହୋଲ୍‌ଡ ପାଇଁ ହିତାଧିକାରୀଙ୍କୁ ନିଜସ୍ୱ ଜମି/ବାସଗୃହର ମୋଟ୍ ଆନୁମାନିକ ମୂଲ୍ୟର ୩ ପ୍ରତିଶତ ପୈଠ କରିବାକୁ ପଡ଼ିବ । ଏହି ନିୟମ ଯୋଗୁଁ ଘରମାଲିକ ଅଧିକ ଖର୍ଚ୍ଚାନ୍ତ ହେବାକୁ ଥିବାରୁ ଏଥିରେ ହ୍ରାସ ପାଇଁ ଦାବି ହୋଇଥିଲା । ଦଶନ୍ଧି ହେଲା ଏସବୁ ସମସ୍ୟା ଲାଗିରହିଥିଲେ ସୁଦ୍ଧା ବିହିତ ପଦକ୍ଷେପ ନିଆଯାଉନଥିବାରୁ ନିରାଶା ଭିତରେ ହିତାଧିକାରୀଙ୍କ ଦିନ କଟୁଛି । ଏବେ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି । ପୂର୍ବଭଳି ଏହି କାର୍ଯ୍ୟାଳୟ ଉପେକ୍ଷିତ ହୋଇ ରହିବ ନା ହିତାଧିକାରୀଙ୍କୁ ନ୍ୟାୟ ମିଳିବ, ତା'ହା ଦେଖିବା ବାକି ରହିଲା ।

# ମାଡ଼ିବସିଛନ୍ତି ୭୦୦ ଏକର: ବଡ଼ବଡ଼ିଆ ଯେତିକି, ଅତି ଗରିବ ସେତିକି

ଭୁବନେଶ୍ୱର, ୧୪/୦୭ (ନି.ପ୍ର): ସରକାରୀ ଜମି ସବୁକୁ ଜବରଦଖଲ ମୁକ୍ତ କରିବାଲାଗି ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏବେ ବିଭାଗଗୁଡ଼ିକ ତତ୍ପର ହୋଇଛନ୍ତି । କେଉଁଠି କେତେ ଜମି ଜବରଦଖଲରେ ରହିଛି, ତାହାକୁ ଖୋଜିବାରେ ଲାଗିପଡ଼ିଛନ୍ତି । ଭୁବନେଶ୍ୱରରେ ବିଶେଷକରି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ବିଏମ୍‌ସି, ବିଡିଏ ଓ ବନବିଭାଗର ଜମି ରହିଛି । ଏହିସବୁ ବିଭାଗର ୭୦୦ ଏକରରୁ ଊର୍ଦ୍ଧ୍ୱ ଜମି ଜବରଦଖଲ ହୋଇ ରହିଛି । ୫୦ ପ୍ରତିଶତ ଜମି ବର୍ଷ ବର୍ଷ ଧରି ଜବରଦଖଲରେ ରହିଥିବା ବେଳେ ୩୦ ଏକର ଉଚ୍ଛେଦ ହେବାପରେ ମଧ୍ୟ ସୁରକ୍ଷା ଦିଆଯାଇ ପାରିନାହିଁ । ଫଳରେ ସେଗୁଡ଼ିକ ପୁଣିଥରେ ଜବରଦଖଲ ହୋଇଯାଇଛି । ଅଧାରୁ ଅଧିକ ବଡ଼ବଡ଼ିଆ ମାଡ଼ି ବସିଛନ୍ତି । ଉଚ୍ଛେଦ ପୂର୍ବରୁ କୋର୍ଟରେ ପହଞ୍ଚି ସୁରକ୍ଷା ପାଇଛନ୍ତି । ବାକି ଗରିବ ଶ୍ରେଣୀର ଦଖଲରେ ଅଛି । ଅଧିକାଂଶ କ୍ଷେତ୍ରରେ ନେତାଙ୍କ ହାତ ରହିଥିବା ବେଳେ ଅଧିକାରୀ ବି ନେତାଙ୍କ ଗରମ ତାୱାରେ ରୁଟି ସେକିବା ଭଳି ବ୍ୟବସ୍ଥା କରିଛନ୍ତି । ଉଚ୍ଛେଦ କେବଳ ନାମକୁମାତ୍ର ହୋଇଛି । ବଡ଼ କଥା ହେଉଛି ଯେଉଁ ବଡ଼ ବଡ଼ ଜାଗାରୁ ଉଚ୍ଛେଦ ହୋଇଛି ସେଥିରୁ ୫୦ ପ୍ରତିଶତ ଜାଗାକୁ ସୁରକ୍ଷା ଦେବାରେ ଉପରୋକ୍ତ ବିଭାଗମାନେ ସକ୍ଷମ ହୋଇ ନାହାନ୍ତି । ଏଣୁ ତାହା ସମୟକ୍ରମେ ପୁଣି ଜବରଦଖଲକୁ ଚାଲି ଯାଇଛି । ଜବରଦଖଲ ହେଲେ ଚିହ୍ନଟ କରିବାକୁ ଅତ୍ୟାଧୁନିକ ଜ୍ଞାନକୌଶଳ ଯୁକ୍ତ 'ବୁଲଇସ୍ ଆପ୍' କେବଳ ଧର୍ମକୁ ଆଖିଠାର ହୋଇଛି । ଏହି ଆପ୍ ସରକାରୀ ଜମିରେ ପଡ଼ିଥିବା କେବଳ କେତୋଟି ଭଙ୍ଗା କ୍ୟାବିନ୍ ଚିହ୍ନଟ କରିଛି । ସାଲିଆସାହିରେ ବନ ବିଭାଗର ୨୫୬ ଏକର ଜମି ଜବରଦଖଲରେ ଅଛି । ସେମାନଙ୍କୁ ହାଉସିଂ ପ୍ରକଳ୍ପ କିମ୍ବା ଜାଗା ମିସନ୍‌ରେ ଜମି ଦିଆଯିବା କଥା । ଜଙ୍ଗଲ କିସମ ଜମି କହି ସେମାନଙ୍କୁ ଜାଗା ମିସନ୍‌ରେ ସାମିଲ୍ କରାଯାଇ ନାହିଁ । ପୂରା ୨୫୬ ଏକର ଖାଲି ହେବା ତ ଦୂରର କଥା, ଜୟଦେବବିହାର-ନନ୍ଦନକାନନ ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ପାଇଁ ଆବଶ୍ୟକ ଅଳ୍ପ ପରିମାଣର ଜାଗା ଖାଲି ହୋଇ ପାରୁନାହିଁ । ଅନେକ ସମୟରେ ଉଚ୍ଛେଦ ପାଇଁ ଯିବାବେଳେ ପ୍ରଶାସନ ଘୋର ବିରୋଧର ଶିକାର ହେଉଛି । ସମାନ୍ତରାଳ ରାସ୍ତା ସମ୍ପୂର୍ଣ୍ଣ ହୋଇଯାଇଥିବା ବେଳେ କେବଳ ଏହି ସାଲିଆସାହି ଅଞ୍ଚଳ ବାକି ରହିଛି । ଏତେ ବଡ଼ ପ୍ରକଳ୍ପ ଯେଉଁଠି ସରକାର ସମ୍ପୂର୍ଣ୍ଣ କରିପାରୁ ନାହାନ୍ତି ସେଠାରେ ଏମାନଙ୍କୁ ଉଚିତ ନ୍ୟାୟ ଦେଇ ଉଚ୍ଛେଦ କରିବା ଏକପ୍ରକାର ଅସମ୍ଭବ ବୋଲି କୁହାଯାଉଛି । ଜିଏ ବିଭାଗର ଭୁବନେଶ୍ୱରରେ ୪୦୩ ଏକର ଜମି ଜବରଦଖଲରେ ଅଛି । ଏହା ଭିତରୁ ଏକ ବଡ଼ ପ୍ୟାଚ୍ ୟୁନିଟ୍-୩ ଅଞ୍ଚଳରେ ରହିଛି । ଏଠାରେ ପ୍ରାୟ ୯୪ ଏକର ଜବରଦଖଲରେ ଅଛି । ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଏହି ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ହୋଇଥିଲା । ଦୀର୍ଘସମୟ ଧରି ଉଚ୍ଛେଦକାରୀ ଦଳ ଓ ବାସିନ୍ଦାଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଚାଲିଥିଲା । ଫାଙ୍କା ଗୁଳିଚାଳନା ସହ ଲାଠିଚାର୍ଜ ବି ହୋଇଥିଲା । ଏହି ଅଞ୍ଚଳ ଜବରଦଖଲ ମୁକ୍ତ ହେବାସହ ସେମାନଙ୍କୁ ନେଇ ଭରତପୁର ଅଞ୍ଚଳରେ ଥଇଥାନ କରାଯାଇଥିଲା । ହେଲେ ଖାଲି ହୋଇଥିବା ଜମିକୁ ସୁରକ୍ଷା ଦିଆଯାଇ ପାରିଲାନି । ଫଳରେ କାଳକ୍ରମେ ଏହା ଦଖଲ ହେଲା । ଏବେ ବି ଦଖଲ ହେବାରେ ଲାଗିଛି । ରାଜ୍ୟର କେଉଁ ଅଞ୍ଚଳରୁ ନୁହେଁ ବରଂ ବାଂଲାଦେଶୀ ଏଠାରେ ଜବରଦଖଲ କରିବା ଆରମ୍ଭ କଲେଣି । ସଂଖ୍ୟା ବଢୁଥିବାରୁ ଏହାକୁ ଉଚ୍ଛେଦ କରିବାକୁ ପୁଣି ଥରେ ପ୍ରଶାସନ ନାକେଦମ୍ ହେବ । ଏକାଧିକ ମାମଲା କୋର୍ଟ କଚେରୀରେ ରହିଥିବାରୁ ଉଚ୍ଛେଦ ଏକ ପ୍ରକାର ଅସମ୍ଭବ ହୋଇଛି । ଶ୍ୟାମପୁର ମୌଜାରେ ଜିଏ ବିଭାଗ ୬୮.୪୪୫ ଏକର ଜମି ବିଡିଏକୁ ଗୃହ ନିର୍ମାଣ ପ୍ରକଳ୍ପ ପାଇଁ ଦେଇଥିଲା । ହେଲେ ଏହି ସମ୍ପୂର୍ଣ୍ଣ ଜାଗା ଜବରଦଖଲ ହୋଇଛି । ଏହାକୁ ଉଚ୍ଛେଦ କରିବା ପରିବର୍ତ୍ତେ ବିଡିଏ ଇଓଡବ୍ଲୁରେ ଏତଲା ଦେଇ ଚୁପ୍ ହୋଇ ବସିଯାଇଛି । କୌତୁହଳପ୍ରଦ ହେଉଛି ଇଓଡବ୍ଲୁ ମଧ ମାମଲା ରୁଜୁ କରିନାହିଁ । ଫଳରେ ଏଠାରେ ଥିବା ୩୦ ଜବରଦଖଲ ଏବେ ଶହେ ଡେଇଁଲାଣି । ସାରା ଅଞ୍ଚଳ ଏବେ ଜବରଦଖଲ ହୋଇ ବିକାକିଣା ଚାଲିଛି । କାହିଁକି ଏହାକୁ ଉଚ୍ଛେଦ ନ କରି ବିଡିଏ ଇଓଡବ୍ଲୁରେ ମାମଲା କରି ଜବରଦଖଲକାରୀଙ୍କୁ ସୁଯୋଗ ଦେଇଛି ବୁଝାପଡୁ ନାହିଁ । ଏହି ଜମିକୁ ଲାଗି ଜିଏ ବିଭାଗର ୪୦ ଏକର ଓ ବନ ବିଭାଗ ୨୦ ଏକରରୁ ଅଧିକା ଜମି ରହିଛି । ଇଓଡବ୍ଲୁର ଦ୍ୱାରସ୍ଥ ହୋଇ ବିଡିଏ ଫେଲ୍ ମାରିବା ପରେ ଏହି ଦୁଇ ବିଭାଗର ଜାଗା ଜବରଦଖଲ ହେବାରେ ଲାଗିଛି । ଏହା କେବଳ କେତେକ ବଡ଼ ବଡ଼ ଉଦାହରଣ ମାତ୍ର । ଏହା ଛଡ଼ା ଅଧିକାଂଶ ଜମି ବଡ଼ବଡ଼ିଆଙ୍କ ଦଖଲରେ ରହିଛି । ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ କୋର୍ଟରେ ପହଞ୍ଚି ସୁରକ୍ଷା ଆଣିଛନ୍ତି । କେତେକ ନେତାଙ୍କ କବ୍‌ଜାରେ ରହିଛି । ସରକାରଙ୍କ ତନାଘନା ପରେ ବିଭାଗୀୟ ଅଧିକାରୀମାନେ ତାଲିକା ପ୍ରସ୍ତୁତ କରୁଥିବା ବେଳେ ଏହି ଜବରଦଖଲ ଜମିକୁ କିଭଳି ସୁରକ୍ଷା ଦେବେ ସେଥିପାଇଁ ଜବରଦଖଲକାରୀ ମଧ୍ୟ ଲାଗି ପଡ଼ିଛନ୍ତି ।

# ନୂତନ ନିଯୁକ୍ତି ପାଇଥିବା ଅମଲାଙ୍କୁ ସ୍ୱାଗତ

ଜୟପୁର, ୧୪/୦୭ (ନି.ପ୍ର): ଓଡ଼ିଶା ଅମଲା ସଂଘ, କୋରାପୁଟ ଜିଲ୍ଲା ଶାଖା ତରଫରୁ ନୂତନ ନିଯୁକ୍ତି ପ୍ରାପ୍ତ ଅମଲା ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥାନୀୟ ସଦଭାବନା ସଭାଗୃହ, କୋରାପୁଟ ଠାରେ ଶ୍ରୀ ନିତ୍ୟାନନ୍ଦ ଭତ୍ରା, ସଭାପତି, ଓଡ଼ିଶା ଅମଲା ସଂଘ, କୋରାପୁଟ ଶାଖାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ସମ୍ପାଦକ ଶ୍ରୀ ମନୋଜ କୁମାର ବାରିକ ସର୍ବପ୍ରଥମେ ଉପସ୍ଥିତ ସବୁ ବିଭାଗର ଅମଲାଙ୍କୁ ସ୍ୱାଗତ ଜଣାଇଥିଲେ । କୋରାପୁଟ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଆଲୋମଣୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ନୂତନ ନିଯୁକ୍ତି ପ୍ରାପ୍ତ ଅମଲା ଙ୍କୁ ବହୁମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ.ଇତି ମଧ୍ୟରେ ସରକାରୀ ଚାକିରୀରୁ ଅବ୍ୟାହୁତି ନେଇଥିବା ଅମଲାଙ୍କୁ ଉପଢୌକନ ତଥା ପୁଷ୍ପଗୁଚ୍ଛ ଦ୍ୱାରା ସମ୍ବର୍ଦ୍ଧିତ କରାଗଲା । ପଦୋନ୍ନତି ପାଇଥିବା ଅମଲାଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରାଗଲା. ଅମଲା ଭବନକୁ ଅତି ଶୀଘ୍ର ଏକ ନୂଆ ରୂପରେଖ ଦେଇ ସମସ୍ତ ଲୋକଲୋଚନକୁ ଆଣିବାର ସମୟ ଅତି ନିକଟତର ବୋଲି ସଭାପତି ଦୃଢୋକ୍ତି ବାଢ଼ିଥିଲେ । ବକେୟାରାଶି ସବୁ ଆଦାୟ ପ୍ରକ୍ରିୟା ନିରବଚ୍ଛିନ୍ନ ଚାଲିଛି ବୋଲି ସମ୍ପାଦକ ନିଜ ମତ ବ୍ୟକ୍ତ କରିଥିଲେ । କୋଷାଧ୍ୟକ୍ଷ ଶ୍ରୀ ଜଗନ୍ନାଥ ନାୟକ ସବିଶେଷ ଖର୍ଚ୍ଚ ଉପସ୍ଥାପନା କରିଥିଲେ ।

# ଏହି ବ୍ୟକ୍ତି ଭୁଲରେ ଖାଆନ୍ତୁ ନାହିଁ ପିଜୁଳି: ପ୍ରଭାବିତ ହୋଇପାରେ ସ୍ୱାସ୍ଥ୍ୟ

**ପିଜୁଳି ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିଚାର କରାଯାଏ । ବିଶେଷକରି ପେଟର ହଜମ ଶକ୍ତି ବଢ଼ାଇବା ପାଇଁ କଦଳୀ ସହିତ ପିଜୁଳି ଖାଇବାକୁ ପରାମର୍ଶ ଦିଆଯାଏ । ଏହାକୁ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦ୍ରୁତ ଗତିରେ ବଢ଼ିଯାଏ । କିନ୍ତୁ କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ଭୁଲରେ ପିଜୁଳି ଖାଇବା ଉଚିତ୍ ନୁହେଁ । ଏହା କରିବା ଦ୍ୱାରା ସେମାନେ ଅସୁସ୍ଥ ହୋଇପାରନ୍ତି ଏବଂ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିପାରେ । ଆସନ୍ତୁ ଜାଣିବା କେଉଁ ଲୋକମାନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।**



**ଏହି ରୋଗର ରୋଗୀମାନେ ପିଜୁଳି ଖାଇବା ଉଚିତ୍ ନୁହେଁ:**

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏହାର କାରଣ ହେଉଛି ପିଜୁଳି ଥଣ୍ଡା ପରିମାଣ ଥାଏ, ଯେଉଁ କାରଣରୁ ଗର୍ଭବତୀ ଏବଂ ନବଜାତ ଶିଶୁର ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଥଣ୍ଡା ଏବଂ ଥଣ୍ଡା ରୋଗରେ ପୀଡିତ ଲୋକମାନେ ମଧ୍ୟ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।

ଏକ୍ଜିମାରେ ପୀଡିତ ଲୋକମାନେ ମଧ୍ୟ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏହା କରିବା ଦ୍ୱାରା ସେମାନଙ୍କୁ ଚର୍ମର ସମସ୍ୟାର ସାମ୍ନା କରିବାକୁ ପଡିପାରେ । ଏପରି ଲୋକମାନେ ଭୁଲରେ ମଧ୍ୟ ପିଜୁଳି ପତ୍ର ବ୍ୟବହାର କରିବା ଉଚିତ୍ ନୁହେଁ । ଏହା ଚର୍ମ ରୋଗର କାରଣ ହୋଇପାରେ ।

**ମଧୁମେହ ରୋଗୀମାନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍**

ମଧୁମେହ ରୋଗୀମାନେ ପିଜୁଳି ଖାଇପାରିବେ, କିନ୍ତୁ ସେମାନେ ଏହାକୁ ଅତି କମ ମାତ୍ରାରେ ଖାଇବା ଉଚିତ୍ । ଏହାର କାରଣ ହେଉଛି ପିଜୁଳିରେ ମିଠା ଥାଏ, ଯାହା ମଧୁମେହ ସ୍ତରକୁ ବଢାଇପାରେ । ଆପଣ ଡାକ୍ତରଙ୍କ ପରାମର୍ଶ ପରେ ପିଜୁଳି ଖାଇପାରିବେ ।

**ଗ୍ୟାଷ୍ଟ୍ରୋ ରୋଗୀଙ୍କ ପାଇଁ ମଧ୍ୟ କ୍ଷତିକାରକ ପିଜୁଳି**

ପେଟରେ ଏସିଡିଟି ସୃଷ୍ଟି ସମସ୍ୟା ସହ ସଂଘର୍ଷ କରୁଥିବା ଲୋକଙ୍କ ପାଇଁ ମଧ୍ୟ ପିଜୁଳି ଖାଇବା ଭଲ ନୁହେଁ । ଏହି କାରଣରୁ, ତାଙ୍କର ଗ୍ୟାଷ୍ଟ୍ରୋ ସମସ୍ୟା ଆହୁରି ବଢିଥାଏ । ଯଦି ଆପଣ ପେଟରେ କଷ୍ଟ ଅନୁଭବ କରୁଛନ୍ତି କିମ୍ବା ପିଜୁଳି ଖାଇବା ପରେ ବାନ୍ତି ଭଳି ଅନୁଭବ କରୁଛନ୍ତି, ତେବେ ଆପଣ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।

# ଗୃହପ୍ରବେଶ ପାଇଁ ନିୟମ



ନିଜ ଘର ହେଉ କିମ୍ବା ଭଡ଼ାଘର, ନୂଆ ଘରଟି ସୁଖ, ସମୃଦ୍ଧି, ଉର୍ନତ ଓ ଶୁଭଫଳ ପ୍ରଦାନକାରୀ ହେଉ, ଏହି ଭାବନା ରଖି ସମସ୍ତେ ଗୃହପ୍ରବେଶ କରିଥାନ୍ତି । ତେବେ ଗୃହପ୍ରବେଶ ସମୟରେ କେତେକ ନିୟମକୁ ମାନିବା ଉଚିତ । ଆସନ୍ତୁ ଜାଣିବା, ସେସବୁ ନିୟମ ସମ୍ପର୍କରେ...

– ବିଦ୍ୱାନ ବ୍ରାହ୍ମଣଙ୍କଠାରୁ ଉପଯୁକ୍ତ ତିଥି, ବାର, ସମୟର ପରାମର୍ଶ କରନ୍ତୁ । ବିଧିପୂର୍ବକ ପୂଜାର୍ଚ୍ଚନା କରି ନୂଆ ଘରକୁ ଯାଆନ୍ତୁ ।

– ଆଷାଢ଼, ଶ୍ରାବଣ,ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ ଓ ପୌଷ ମାସ ଗୃହପ୍ରବେଶ ପାଇଁ ଠିକ୍ ନୁହେଁ ।

– ମଙ୍ଗଳ କଳସରେ ଶୁଦ୍ଧ ଜଳ ଭରିବା ସହ ସେଥିରେ ଆମ୍ବ କିମ୍ବା ଅଶୋକ ପତ୍ର ଉପରେ ନଡ଼ିଆ ରଖି ଗୃହପ୍ରବେଶ କରିବା ଉଚିତ । ନଡ଼ିଆ ଉପରେ କୁଙ୍କୁମରେ ସ୍ୱସ୍ତିକ ଚିହ୍ନ ବନାନ୍ତୁ । ଏହାପରେ ଶ୍ରୀଗଣେଶଙ୍କୁ ଧ୍ୟାନ କରି କଳସକୁ ଘରର ଈଶାନ କୋଣ କିମ୍ବା ପୂଜାଘରେ ସ୍ଥାପନା କରନ୍ତୁ ।

– ଗୃହପ୍ରବେଶ ସମୟରେ ଘରର ମୁଖିଆ ନଡ଼ିଆ, ହଳଦୀ, ଗୁଡ଼, ଅକ୍ଷତ ଓ କ୍ଷୀର ସହିତ ଘରେ ପ୍ରବେଶ କରନ୍ତୁ । ସେହିଦିନ ଶ୍ରୀଗଣେଶଙ୍କ ମୂର୍ତ୍ତି, ଦକ୍ଷିଣାବର୍ତ୍ତ ଶଙ୍ଖ ଓ ଶ୍ରୀଯନ୍ତ୍ରକୁ ଘରକୁ ଆଣିବା ଶୁଭ ହୋଇଥାଏ ।

– ପୁରୁଷମାନେ ଡାହାଣ ପାଦ ଏବଂ ସ୍ତ୍ରୀମାନେ ବାମପାଦରେ ପ୍ରଥମେ ଘର ଭିତରକୁ ଯିବା ଉଚିତ ।

– ରୋଷେଇ ଘରେ ମଧ୍ୟ ପୂଜା କରନ୍ତୁ । ଏହାପରେ ଗ୍ୟାସ୍ ଚୁଲାରେ ପ୍ରଥମେ କ୍ଷୀର ଫୁଟାଇବା ଉଚିତ । ମିଷ୍ଟାନ୍ନ ତିଆରି କରି ଠାକୁରଙ୍କୁ ଅର୍ପଣ କରନ୍ତୁ ।

– ପ୍ରଥମ ଭୋଜନ ଠାକୁରଙ୍କୁ ଅର୍ପଣ କରିବା ପରେ ବ୍ରାହ୍ମଣ ଏବଂ ଗୋମାତା, କାଉ, କୁକୁର ଓ ପିମ୍ପୁଡ଼ିକୁ ଦେବା ଉଚିତ । ଏଭଳି କରିବା ଦ୍ୱାରା ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ।

# କାର୍ଯ୍ୟଦକ୍ଷତା ହ୍ରାସ କରେ ବ୍ୟବହାର



ନିଜର ଆଚାର ବ୍ୟବହାର ଉପରେ ନିଜ କାର୍ଯ୍ୟଦକ୍ଷତା ଅନେକାଂଶରେ ନିର୍ଭର କରିଥାଏ । ହୁଏତ କେତେକ କହିପାରନ୍ତି ସେ କାର୍ଯ୍ୟଦକ୍ଷତା ନିଜ ସାମର୍ଥ୍ୟ ଏବଂ ଦକ୍ଷତା ଉପରେ ନିର୍ଭ କରେ । କିନ୍ତୁ ନିଜ ବ୍ୟବହାର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପ୍ରକାଶ କରିଛନ୍ତି ଇଂଲର୍ଡର ମନୋବିଜ୍ଞାନୀମାନେ । କାର୍ଯ୍ୟ କରିବା ସମୟରେ କାହାର ବ୍ୟବହାର କିପରି ରହୁଛି ଏବଂ ତାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହା ଅନୁଧ୍ୟାନ କରାଯାଇଥିଲା । କାମ କରିବା ସମୟରେ କେତେକଙ୍କର ସ୍ୱାଭାବ ଚିଡ଼ିଚିଡ଼ା ହୋଇଥାଏ । ଏହାଦ୍ୱାରା ସେମାନଙ୍କ ମାନସିକ ସ୍ଥିତି ସ୍ଥିର ରହିନଥାଏ । ତେଣୁ ଏଭଳି ପରିସ୍ଥିତିରେ କାମକୁ ଠିକ୍ ଭାବରେ କରିବା ସମ୍ଭବ ହୋଇନଥାଏ । କାମ କରିବା ସମୟରେ ଟେନସନ କିମ୍ବା କିଛି କାରଣରୁ କେତେଜଣଙ୍କର ମାନସିକତାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ । ଏହାଦ୍ୱାରା ସେମାନଙ୍କ ବ୍ୟବହାର ମଧ୍ୟ ପ୍ରଭାବିତ ହୋଇଥାଏ । ଫଳରେ ସେମାନେ ଠିକ୍ ଭାବରେ କାମଟିକୁ କରିପାରି ନଥାନ୍ତି । ତେଣୁ କାମ କରିବା ସମୟରେ ନିଜ ବ୍ୟବହାର ସମ୍ପର୍କରେ ସଚେତନ ରହିବା ଦରକାର ବୋଲି ପ୍ରକାଶିତ ରିପୋର୍ଟରେ ପରାମର୍ଶ ଦିଆଯାଇଛି ।

# ଫେଙ୍ଗ୍‌ସୁଇ ଟିପ୍ସ: ଘରେ କାହିଁକି ରଖିବେ ଲାଫିଙ୍ଗ୍ ବୁଦ୍ଧ

ଫେଙ୍ଗ୍‌ସୁଇ ଅନୁସାରେ, ଲାଫିଙ୍ଗ୍ ବୁଦ୍ଧ ହେଉଛନ୍ତି ସୁଖସମୃଦ୍ଧିର ପ୍ରତୀକ । ଏହି ପ୍ରତିମା ଘରେ ରଖିବା ଯୋଗୁଁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ । ତେବେ ଲାଫିଙ୍ଗ୍ ବୁଦ୍ଧଙ୍କର ବିଭିନ୍ନ ରୂପର ମହତ୍ତ୍ୱ ଭିନ୍ନ ଭିନ୍ନ । ତେବେ ଆସନ୍ତୁ ଜାଣିବା କେଉଁ ଆକାରର ଲାଫିଙ୍ଗ୍ ବୁଦ୍ଧ ପ୍ରତିମା କେଉଁ ସବୁ ସମସ୍ୟାର ସମାଧାନ କରିଥାଏ ।



♦ ଦୁଇ ହାତ ଉପରକୁ କରିଥିବା ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ଦୋକାନରେ ରଖିବା ଦ୍ୱାରା ବ୍ୟବସାୟ ଭଲ ହେବା ସହ ଅର୍ଥାଭାବ ରୁହେ ନାହିଁ ।

♦ ବ୍ୟବସାୟରେ କ୍ଷତି ନ ହେବା ପାଇଁ ଶୟନରତ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ରଖନ୍ତୁ ।

♦ ଧନର ଅଭାବ ଦୂର କରିବା ପାଇଁ ଟଙ୍କା ଗଣ୍ଠିଲି ଧରିଥିବା ଲାଫିଙ୍ଗ୍ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ରଖିବା ଉଚିତ ।

♦ ପାରିବାରିକ ସୁଖ ସମୃଦ୍ଧି ବୃଦ୍ଧି ତଥା ସନ୍ତାନ ପ୍ରାପ୍ତି ପାଇଁ ଶିଶୁଙ୍କ ସହିତ ବସିଥିବା ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ରଖନ୍ତୁ ।

♦ ବ୍ୟବସାୟରେ ଉନ୍ନତି ଓ କୁଦୃଷ୍ଟିକୁ ଦୂରେଇ ଦେବା ପାଇଁ ଦୋକାନ କିମ୍ବା ଅଫିସ୍‌ରେ ଥଳି ଧରିଥିବା ଲାଫିଙ୍ଗ ବୁଦ୍ଧଙ୍କ ମୂର୍ତ୍ତି ରଖନ୍ତୁ ।

♦ ଡ୍ରାଗନ୍ ଉପରେ ବସିଥିବା ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତିକୁ ଘର କିମ୍ବା ଅଫିସ୍‌ରେ ରଖିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହେବା ସହ କୌଣସି ଗୁଣିଗାରେଡ଼ିର ପ୍ରଭାବ ପଡ଼ି ନଥାଏ ।

♦ ଘରର ମୁଖ୍ୟ କୋଠରିରେ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ରଖିବା ଦ୍ୱାରା ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ।

♦ କାର୍ଯ୍ୟକ୍ଷମତା ବଢ଼ାଇବା ପାଇଁ ଧାତୁରେ ତିଆରି ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ ।

♦ ଅବସାଦ ଦୂର କରିବା ସହ ମନକୁ ଶାନ୍ତ ରଖିବା ପାଇଁ ଧ୍ୟାନମୁଦ୍ରାରେ ବସିଥିବା ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ରଖନ୍ତୁ ।

♦ ଡଙ୍ଗା ଉପରେ ବସିଥିବା ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ରଖିବା ଦ୍ୱାରା ସାମାଜିକ କ୍ଷେତ୍ରରେ ମାନ ସମ୍ମାନ ମିଳିଥାଏ । ଏହାକୁ ଘରର ମୁଖ୍ୟ କୋଠରିରେ ରଖିବା ଆବଶ୍ୟକ ।

# ମହାଦେବଙ୍କ ପ୍ରିୟ ପୁଷ୍ପ

**ହିନ୍ଦୁ ଧର୍ମରେ ପ୍ରତ୍ୟେକ ଶୁଭ କାମ, ପୂଜାପାଠରେ ଫୁଲ ବ୍ୟବହାର କରାଯାଏ । ବିଭିନ୍ନ ଦେବଦେବୀଙ୍କୁ ଭିନ୍ନ ଭିନ୍ନ ପୁଷ୍ପ ଅର୍ପଣ କରାଯାଏ । ଏହିକ୍ରମରେ ମହାଦେବଙ୍କୁ କେଉଁ ଫୁଲ ଅର୍ପଣ କଲେ ଶୁଭଫଳ ମିଳିଥାଏ ଆସନ୍ତୁ ଜାଣିବା ।**



*ଦୁଦୁରା:* ଶିବଲିଙ୍ଗରେ ନିୟମିତ ଦୁଦୁରା ଫୁଲ ସହ ବେଲପତ୍ର ଓ ଦୂବ ଅର୍ପଣ କଲେ ଧନପ୍ରାପ୍ତି ହୋଇଥାଏ । ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ମହାଦେବଙ୍କୁ ଏହି ଫୁଲ ଅର୍ପଣ କଲେ ମନୋକାମନା ପୂର୍ଣ୍ଣ ହୋଇଥାଏ ।

*ଅରଖ:* ଅରଖ ଫୁଲ ଅର୍ପଣ କରିବା ଦ୍ୱାରା କର୍ମ କ୍ଷେତ୍ରରେ ସଫଳତା ମଳିବା ସହ, ଆର୍ଥିକ ଉନ୍ନତି ଘଟିଥାଏ । ବିଦ୍ୟାର୍ଥୀମାନେ ଶିବଲିଙ୍ଗରେ ଅରଖ ଫୁଲ ଅର୍ପଣ କଲେ ବିଦ୍ୟା କ୍ଷେତ୍ରରେ ଉନ୍ନତି ହୋଇଥାଏ । ଯେଉଁ ବ୍ୟକ୍ତି ନିୟମିତ ଅରଖ ଫୁଲ ଅର୍ପଣ କରେ, ତା'ର ମୃତ୍ୟୁପରେ ତାକୁ ଶିବଲୋକ ପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ ।

*କନିଅର:* ଏହି ଫୁଲ ଭଗବାନ ଶିବଙ୍କର ଖୁବ ପ୍ରିୟ ଅଟେ । ଏହାକୁ ନିୟମିତ ଅର୍ପଣ କଲେ ନିଜ ଇଚ୍ଛା ଅନୁଯାୟୀ ଭଲ ଜୀବନ ସାଥୀ ପ୍ରାପ୍ତି ହୋଇଥାଏ । ଶିବପୁରାଣରେ ଏହି ଫୁଲର ବିଶେଷତ୍ୱ ବର୍ଣ୍ଣନା କରାଯାଇଛି । ଶାସ୍ତ୍ରରେ କୁହାଯାଇଛି ଯେ, ଏକଲକ୍ଷ କନିଅର ଫୁଲ ଶିବଙ୍କୁ ଅର୍ପଣକଲେ ସମସ୍ତ ରୋଗ ଓ ଶୋକ ନାଶ ହୋଇଥାଏ ।

*ଅଗସ୍ତି:* ଏହାକୁ ଅର୍ପଣ କଲେ ସମାଜରେ ମାନସମ୍ମାନ ଓ ଖ୍ୟାତି ପ୍ରାପ୍ତି ହୋଇଥାଏ । ଯେଉଁ ବ୍ୟକ୍ତି ଅଗସ୍ତି ଫୁଲ ମହାଦେବଙ୍କୁ ଅପର୍ଣ କରେ, ସେ ଶ୍ରୀହରିଙ୍କ ମଧ୍ୟ ପ୍ରିୟ ହୋଇଥାଏ ।

*ସେଫାଳି:* ଭଗବାନ ଶିବଙ୍କୁ ସେଫାଳି ଅର୍ପଣ କଲେ ମାନସିକ ଶାନ୍ତି ମିଳିବା ସହ ଜୀବନରେ ଥିବା ସମସ୍ତ କଷ୍ଟ ଦୂର ହୋଇଥାଏ । ମହାଦେବଙ୍କୁ ଏହି ଫୁଲ ଅତ୍ୟନ୍ତ ପ୍ରିୟ, ତେଣୁ ଏହାକୁ ଅର୍ପଣ କଲେ ମୋକ୍ଷପ୍ରାପ୍ତି ହୋଇଥାଏ ।

# ଛେଳିଙ୍କ ବୟସ ଜାଣିବାର ସହଜ ଉପାୟ

**ଆମ ରାଜ୍ୟରେ କିଛି ଲୋକ ଛେଳିପାଳନ କରି ଗୁଜୁରାଣ ମେଣ୍ଟାନ୍ତି । ବେଳେ ବେଳେ ଚାଷୀ ଭାଇମାନେ ଛେଳିମାନଙ୍କର ବୟସ ସଠିକ୍ ଭାବରେ ନିରୂପଣ କରି ନ ପାରି ବୟସ୍କ ଛେଳି କିଣି ଠକାମିର ଶିକାର ହୋଇଥାଆନ୍ତି । ତେବେ ଛେଳି ପାଳନରେ ଲାଭ ପାଇବା ପାଇଁ ହେଲେ ଠିକ୍ ପ୍ରଜାତି ଓ କମ୍ ବୟସର ଛେଳି କିଣିବାର ଆବଶ୍ୟକତା ରହିଛି । ଛେଳିମାନଙ୍କର ବୟସ ଜାଣିବାର ଉପାୟ ଜଣାଥିଲେ ସାଧାରଣତଃ ଠିକ୍ ବୟସର ଛେଳି କିଣି ଛେଳି ଫାର୍ମରେ ଉନ୍ନତି ହୋଇପାରିବ ।**

*କିପରି ଜାଣିବେ :*

ଛେଳିମାନଙ୍କର ବୟସ ମୁଖ୍ୟତଃ ସେମାନଙ୍କର ତଳମାଢ଼ିର ଆଗଦାନ୍ତ ଇନ୍‌ସିଜ୍‌ର ଦାନ୍ତକୁ ବିଚାର କରି ଜଣାଯାଇଥାଏ । ଛେଳିମାନଙ୍କର ଜନ୍ମରୁ ଏକ ବର୍ଷ ବୟସ ମଧ୍ୟରେ ସେମାନଙ୍କର ତଳମାଢ଼ିରେ ଆଠଟି କିମ୍ବା ୪ଯୋଡ଼ା ଅସ୍ଥାୟୀ ଆଗଦାନ୍ତ ବା ଟେମ୍ପରାରି ଇନ୍‌ସିଜ୍‌ର ଦାନ୍ତ ଥାଏ । ଛେଳିର ବୟସ ଏକ ବର୍ଷ ବେଳକୁ ତଳମାଢ଼ିରେ ଥିବା ଏକ ଯୋଡ଼ା ବା ଦୁଇଟି ଅସ୍ଥାୟୀ ଆଗଦାନ୍ତ ବା ଟେମ୍ପରାରି ଇନ୍‌ସିଜ୍‌ର ଟିଥ୍ ସ୍ଥାୟୀ ବା ପରମାନେଣ୍ଟ ଇନ୍‌ସିଜ୍‌ର ଟିଥ୍‌କୁ ରୂପାନ୍ତରିତ ହୋଇଥାଏ । ସେହିପରି ଛେଳିର ଦୁଇବର୍ଷ ବୟସରେ ଦୁଇଯୋଡ଼ା ବା ଚାରୋଟି, ତିନିବର୍ଷ ବୟସରେ ତିନି ଯୋଡା ବା ୬ଟି ଏବଂ ଚାରିବର୍ଷ ବୟସରେ ୪ଯୋଡ଼ା ବା ଆଠୋଟି ସ୍ଥାୟୀ ଆଗଦାନ୍ତ ବା ପରମାନେଣ୍ଟ ଇନ୍‌ସିଜ୍‌ର ଟିଥ୍ ଦାନ୍ତ ବାହାରିଥାଏ । ସ୍ଥାୟୀ ଦାନ୍ତ ବା ପରମାନେଣ୍ଟ ଇନ୍‌ସିଜର ଟିଥ୍ ସାଧାରଣତଃ ଅସ୍ଥାୟୀ ଆଗଦାନ୍ତ ବା ଟେମ୍ପରାରି ଇନ୍‌ସିଜ୍‌ର ଟିଥ୍ ଠାରୁ ବଡ଼ ଏବଂ ଧଳା ଅଟେ । ଚାରିବର୍ଷ ବୟସରେ ଛେଳିମାନଙ୍କର ତଳମାଢ଼ିର ସମସ୍ତ ସ୍ଥାୟୀ ଦାନ୍ତ ସମ୍ପୂର୍ଣ୍ଣଭାବରେ ଉଠି ଯାଇଥାଏ । ତେଣୁ ଚାରିବର୍ଷରେ ଛେଳିମାନଙ୍କର ବୟସ୍କ ବା ପୂର୍ଣ୍ଣଦାନ୍ତ ଛେଳି ବୋଲି କୁହାଯାଇଥାଏ । ଚାରିବର୍ଷ ପରେ ଛେଳିମାନଙ୍କର ସ୍ଥାୟୀ ଆଗଦାନ୍ତ ଘୂରିବା, ଭାଙ୍ଗିବା ଓ ପଡ଼ିବା ଆରମ୍ଭ ହୋଇଥାଏ । ଚାରିବର୍ଷ ପରେ ଛେଳିମାନଙ୍କର ପ୍ରଜନନ କ୍ଷମତା, ଶାରୀରିକ ବୃଦ୍ଧି, ମାଂସ ଉତ୍ପାଦନ କ୍ଷମତା ଆଦି କମିବା ଆରମ୍ଭ ହୋଇଥାଏ । ତେଣୁ ଚାରିବର୍ଷ ପରେ ଛେଳିମାନଙ୍କୁ ଆଉ ନ ରଖି ବିକ୍ରି କରିଦେବା ଉଚିତ । ତେଣୁ ଏହିପରି ଛେଳିମାନଙ୍କର ଦାନ୍ତକୁ ବିଚାର କରି, ସେମାନଙ୍କର ବୟସ ନିରୂପଣ କରାଯାଇଥାଏ ।





# ଘରେ ବନାନ୍ତୁ ବଟର ଗାର୍ଲିକ୍ ମସ୍‌ରୁମ୍



ଆବଶ୍ୟକ ସାମଗ୍ରୀ: ଛତୁ: ୫୦୦ ଗ୍ରାମ, ରସୁଣ: ଗୋଟେ କୋଳା, କଟା ପିଆଜ: ଏକ କପ୍, ଓରେଗାନୋ: ଏକ ଚାମଚ, ହଳଦୀ: ଅଧା ଚାମଚ, ବଟର: ଦୁଇ ଚାମଚ, ଗୋଲମରିଚ: ଏକ ଚାମଚ, ଭିନେଗାର: ଏକ ଚାମଚ, ଲୁଣ: ଆବଶ୍ୟକ ଅନୁସାରେ, ଧନିଆପତ୍ର: ଅଳ୍ପ କିଛି, ରିଫାଇନ ତେଲ: ଆବଶ୍ୟକ ଅନୁସାରେ ।

ପ୍ରସ୍ତୁତ ପ୍ରଣାଳି: ପ୍ରଥମେ ଛତୁକୁ ଭଲ ଭାବେ ଧୋଇ ରଖନ୍ତୁ । ଏହା ପରେ ଚୂଲାରେ କଡ଼େଇ ବସାଇ ସେଥିରେ ବଟର ଓ ରିଫାଇନ୍ ତେଲ ଦିଅନ୍ତୁ । ସେଥିରେ ଛତୁ ପକାନ୍ତୁ ଏବଂ ତାହାକୁ ଭଲଭାବେ ଭାଜି ଅଲଗା ଏକ ପାତ୍ରରେ ରଖନ୍ତୁ । ସେହି କଡ଼େଇରେ କଟା ପିଆଜ, କଟା ରସୁଣ ପକାଇ ଭାଜନ୍ତୁ । ଏବେ ଏଥିରେ ଅଧା ଚାମଚ ଭିନେଗାର, ଗୋଲମରିଚ ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ ଓ ଅଳ୍ପ ଓରେଗାନୋ ପକାଇ ଧିମା ଆଞ୍ଚରେ ଛତୁକୁ ଭାଜନ୍ତୁ । ଶେଷରେ ଧନିଆ ପତ୍ର ପକାଇ ଗରମ ଗରମ ପରଷନ୍ତୁ ବଟର ଗାର୍ଲିକ ମସ୍‌ରୁମ୍ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୫ଜୁଲାଇ ୨୦୨୪, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଐତିହାସିକ ରାୟ...

ଭାରତର ସର୍ବୋଚ୍ଚ ଅଦାଲତ ବୁଧବାର ଏକ ଐତିହାସିକ ରାୟ ଦେଇ ନିଜ ନିଜର ଧର୍ମ ନିର୍ବିଶେଷରେ ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ଭରଣପୋଷଣ ପାଇବାର ଅଧିକାର ପ୍ରଦାନ କରିଛନ୍ତି। ଜଷ୍ଟିସ୍ ବି.ଭି ନାଗରତ୍ନ ଓ ଜଷ୍ଟିସ ଅଗଷ୍ଟିନ୍ ଜର୍ଜ ମାସିଙ୍କୁ ନେଇ ସୁପ୍ରିମକୋର୍ଟର ଏକ ପୀଠ ଏ ସଂକ୍ରାନ୍ତ ଏକ ମାମଲାର ବିଚାର କରି ତାଙ୍କ ରାୟରେ କହିଛନ୍ତି ଯେ ଭାରତୀୟ ଦଣ୍ଡବିଧି ସଂହିତା (ସିଆର୍‌ପିସି)ର ଧାରା ୧୨୫ ଅନୁସାରେ ଛାଡ଼ପତ୍ର ପାଇଥିବା ସବୁ ମହିଳା ନିଜର ପୂର୍ବତନ ସ୍ୱାମୀଙ୍କଠାରୁ ଭରଣପୋଷଣ ବାବଦ ଅର୍ଥ ପାଇବାକୁ ହକ୍‌ଦାର। ଏଥିରେ କୌଣସି ଧର୍ମ ଓ ବ୍ୟକ୍ତିଗତ ଆଇନ ବାଧକ ସାଜିବ ନାହିଁ ଏବଂ ମୁସଲମାନ ପର୍ସନାଲ ଆଇନ ମଧ୍ୟ କାମ ଦେବ ନାହିଁ। ବିଚାରପତି ଦ୍ୱୟ ଆହୁରି ସ୍ପଷ୍ଟ କରିଦେଇଛନ୍ତି ଯେ ସିଅର୍‌ପିସିର ଧାରା ୧୨୫ ଏକ ଧର୍ମନିରପେକ୍ଷ ଆଇନ ଏବଂ ଏଥିରେ ମୁସଲମାନ ମହିଳା ସୁରକ୍ଷା ଅଧିକାର ଓ ବିବାହ ବିଚ୍ଛେଦ ଆଇନ ୧୯୮୬ କିମ୍ବା ଅନ୍ୟ କୌଣସି ଧର୍ମର ବ୍ୟକ୍ତିଗତ ଆଇନ ବା ପର୍ସନାଲ ଲ'ର ସ୍ଥାନ ନାହିଁ। ଏହି ରାୟ ମହିଳାଙ୍କ ସ୍ୱାଭିମାନ ଓ ଅଧିକାରକୁ ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଛି। ଏହି ରାୟ ସ୍ୱାଗତଯୋଗ୍ୟ ଓ ଐତିହାସିକ ଏହି କାରଣରୁ ଯେ ଏଥିରେ ଦେଶର ସବୁଧର୍ମର ମହିଳା ଛାଡ଼ପତ୍ର ମାମଲାରେ ଏକପ୍ରକାର ସୁବିଧା ସୁଯୋଗ ପାଇବାକୁ ହକ୍‌ଦାର ହେବେ ଏବଂ କାହାରିକୁ ଉପଯୁକ୍ତ ଭରଣପୋଷଣରୁ ବଞ୍ଚିତ କରାଯାଇ ପାରିବ ନାହିଁ। ମୁସଲମାନ ମହିଳାଙ୍କ କ୍ଷେତ୍ରରେ ଏ କ୍ଷେତ୍ରରେ ଯେଉଁ ବ୍ୟତିକ୍ରମ ଥିଲା, ବିଚାରପତି ଦ୍ୱୟ ତାହାକୁ ମଧ୍ୟ ସ୍ପଷ୍ଟ କରି ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଜଣେ ମୁସଲମାନ ମହିଳା ୧୯୮୬ର ଆଇନ ପ୍ରବର୍ତ୍ତନ ସତ୍ତ୍ୱେ ସେ ଚାହିଁଲେ ବିବାହ ବିଚ୍ଛେଦ ପରେ ପୂର୍ବତନ ସ୍ୱାମୀଙ୍କଠାରୁ ସିଆରପିସି ଧାରା ୧୨୫ ଅନୁସାରେ ଭରଣପୋଷଣ ଦାବି କରିପାରିବେ। ଏହାବ୍ୟତୀତ ସେ ଚାହିଁଲେ ୧୯୮୬ ର ଆଇନ ଅନୁସାରେ 'ଇଦତ୍' ସହିତ ସିଆରପିସିର ଧାରା ୧୨୫ ଅନୁସାରେ ଭରଣପୋଷଣ ମଧ୍ୟ ଦାବି କରିପାରିବେ। ଏହି ବିଷୟଟି ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ ଏଥିରେ ଭାରତୀୟ ମୁସଲମାନ ମହିଳାଙ୍କ ସମେତ ଆଉ କେତେକ ଧର୍ମର ବିବାହିତ ନାରୀ 'ପର୍ସନାଲ ଲ' ବ୍ୟବସ୍ଥା ଅନୁସାରେ ସିଆର୍‌ପିସି ଧାରା ୧୨୫ର ଲାଭ ପାଉ ନଥିଲେ। ଏ କ୍ଷେତ୍ରରେ ଦୁଇଟି ଆଇନ ରହିଥିଲେ ମଧ୍ୟ ଉପଯୁକ୍ତ ଭରଣପୋଷଣ ପାଇବାକୁ କେଉଁଠି କାହାରିକୁ ନିଷେଧ କରାଯାଇନାହିଁ ବୋଲି ସୁପ୍ରିମକୋର୍ଟଙ୍କ ସଦ୍ୟତମ ରାୟରୁ ସ୍ପଷ୍ଟ ହେବା ସହିତ ଦ୍ୱନ୍ଦ୍ୱ ମଧ୍ୟ ଦୂର ହୋଇଯାଇଛି। ଲିଙ୍ଗଗତ ସମାନତାରେ ଭରଣପୋଷଣର ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏଥିରେ ସମତା ରହିବା ଆବଶ୍ୟକ। ଏହାଫଳରେ ଭରଣପୋଷଣ ଗ୍ରହୀତା ଦୟା ବା ଦାନ ନୁହେଁ, ବରଂ ନ୍ୟାୟସଂଗତ ହକ୍ ଓ ସମାନତା ପାଇବାକୁ ଯୋଗ୍ୟ। ଏଥିରେ ଧାର୍ମିକ ବା ବ୍ୟକ୍ତିଗତ ଆଇନଜନିତ ପ୍ରତିବନ୍ଧକର ସ୍ଥାନ ନାହିଁ। ଏହାଫଳରେ ମହିଳାଙ୍କ ସମାନତା, ସାମାଜିକ ନ୍ୟାୟ ସୁନିଶ୍ଚିତ ହୋଇଛି। ଏହି ରାୟ କେବଳ ଭାରତୀୟ ବିବାହିତ ମହିଳାଙ୍କୁ ଆଉ ଏକ ସମାନତା ଅଧିକାର ଦେଇ ନାହିଁ, ଏହା ମଧ୍ୟ ସେମାନଙ୍କୁ ଓ ସେମାନଙ୍କ ଅପତ୍ୟଙ୍କୁ ସଶକ୍ତ କରିବା ଦିଗରେ ନୂଆ ପ୍ରତିମାନ ସୃଷ୍ଟି କରିଛି। ବିଚାରପତି ଦ୍ୱୟ ଉଭୟ ଆଇନର ତର୍ଜମା କରିବା ପରେ କହିଛନ୍ତି ଯେ ସିଆର୍‌ପିସିର ୧୨୫ ଧାରା ଛାଡ଼ପତ୍ର ପାଇଥିବା ମହିଳାଙ୍କ ପାଇଁ ୧୯୮୬ ଆଇନର ଧାରା ୩ ଠାରୁ ଅଧିକ ଭଲ। ୧୨୫ ଧାରା ଅନୁସାରେ ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ପୁନର୍ବିବାହ କରିବା ଯାଏଁ ଏବଂ ସେମାନଙ୍କ ସନ୍ତାନଙ୍କୁ ୧୮ ବର୍ଷ ହେବାଯାଏଁ ଭରଣପୋଷଣ ଦେବାର ବ୍ୟବସ୍ଥା ଅଛି। ତେଣୁ ଏହି ରାୟ ଦ୍ୱାରା ମୁସଲମାନ ମହିଳାମାନେ ବିଶେଷ ଉପକୃତ ହେବେ। ଏଠାରେ ସୂଚନାଯୋଗ୍ୟ ଯେ ୧୯୮୫ ଏପ୍ରିଲର ପ୍ରସିଦ୍ଧ ଶାହାବାନୁ ମାମଲାରେ ସୁପ୍ରିମକୋର୍ଟ ଭୋପାଳର ଏହି ପୀଡ଼ିତା ମହିଳାଙ୍କୁ ଭରଣପୋଷଣ ଦେବାକୁ ରାୟ ଦେବା ପରେ ରକ୍ଷଣଶୀଳ ମୁସଲମାନ ସମୁଦାୟ ଏହାର ଦୃଢ଼ ବିରୋଧ କରିଥିଲା। ଏହାପରେ ତତ୍‌କାଳୀନ ରାଜୀବ ଗାନ୍ଧୀ ସରକାର ୧୯୮୬ରେ ଏକ ଆଇନ ପ୍ରଣୟନ କରି ମୁସଲମାନଙ୍କ ପର୍ସନାଲ ଲ ବା ବ୍ୟକ୍ତିଗତ ଆଇନରେ ହସ୍ତକ୍ଷେପ ନ କରିବାର ବ୍ୟବସ୍ଥା କରିଥିଲେ। ତେବେ ତଲାକ୍ ପାଇଥିବା ମହିଳାଙ୍କ ସ୍ୱାର୍ଥରକ୍ଷା ପାଇଁ ସୀମିତ ଭରଣପୋଷଣର ବ୍ୟବସ୍ଥା ଅଳ୍ପ ସମୟ ପାଇଁ ଦେବାର ନିୟମ କରାଯାଇଥିଲା। ସେତେବେଳେ ଏହି ଆଇନକୁ ପ୍ରବଳ ବିରୋଧ କରାଯାଇ ଏହା ମହିଳା ବିରୋଧୀ, ଦମନମୂଳକ ଓ ସମ୍ବିଧାନ ବିରୋଧୀ ବୋଲି ବିଭିନ୍ନ ରାଜନୈତିକ ଦଳ ମତ ଦେଇଥିଲେ। କିଏ କ'ଣ କହିବ ବା କହିଲା ବଡ଼ କଥା ନୁହେଁ। ଏକ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନ ଆଗରେ ସମସ୍ତେ ସମାନ ଏବଂ ସଭିଏଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମାନ ସୁବିଧାସୁଯୋଗ ଓ ନ୍ୟାୟ ପାଇବାକୁ ସମ୍ବିଧାନ ଦ୍ୱାରା ଅଧିକୃତ। ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ଏ କ୍ଷେତ୍ରରେ ମୁସଲମାନ ମହିଳାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରି ସେମାନଙ୍କୁ ସମର୍ଥ ଓ ସାମାଜିକ ଦୃଷ୍ଟିରୁ ସୁରକ୍ଷିତ କରିଛନ୍ତି, ଯାହା ସବୁଠାରୁ ବଡ଼ କଥା। ଜଣେ ବିବାହିତ ମହିଳା ଛାଡ଼ପତ୍ର ପରେ ଯଦି ସ୍ୱାମୀଙ୍କୁ ଭରଣପୋଷଣ ମାଗିଲା ତାଙ୍କୁ ଧାର୍ମିକ ବିଚାର ଆଧାରରେ ଦାନ ଭଳି କିଛି ଅର୍ଥ କେଇବର୍ଷ ପାଇଁ ଦେବାର ଯଥାର୍ଥତା କ'ଣ? ତେଣୁ ଭାରତର ମୁସଲମାନ ମହିଳାଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ସଦ୍ୟତମ ରାୟ ଐତିହାସିକ ଓ ଯୁଗାନ୍ତକାରୀ। ଏଥିପାଇଁ ଯେଉଁ ମୁସଲମାନ ମହିଳାମାନେ ଦୀର୍ଘ ବର୍ଷ ଧରି ଅଦାଲତର ଦ୍ୱାରସ୍ଥ ହୋଇଥିଲେ, ସେମାନଙ୍କ ପ୍ରାର୍ଥନା ପୂରଣ ହୋଇଛି। ସାହାବାନୁଙ୍କ ଆତ୍ମାକୁ ଅବଶ୍ୟ ଶାନ୍ତି ମିଳିଥିବ।

# ଆମ ଜନ ଜୀବନରେ ପବିତ୍ର ବାହୁଡ଼ା ଯାତ୍ରା



### ଯଶସ୍ୱିନୀ ପଟ୍ଟନାୟକ

ଗୁଣ୍ଡିଚା ଘର ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କର ନଅଦିନ ରହଣି ପରେ ଦଶମୀ ଦିନ ହୁଏ ବାହୁଡ଼ାଯାତ୍ରା। ବାହୁଡ଼ାଦଶମୀ ଦିନ ପଣ୍ଡା, ପତି ମହାପାତ୍ର ଓ ମୁଦିରଥଙ୍କ ଦ୍ୱାରା ଠାକୁରଙ୍କର ସେନାପଟାଲାଗି, ମଙ୍ଗଳ ଆଳତି, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା ବଢ଼ିବାପରେ ଦଇତାପତି ଓ ଚାଙ୍ଗଡ଼ା ମେକାପଙ୍କ ଦ୍ୱାରା ମଇଲମ ଓ ବେଶ ଆଦି ବଢ଼େ। ଏହାପରେ ଗୋପଳବଲ୍ଲଭ ଓ ସକାଳଧୂପ ହୁଏ। ବିଜେ କାହାଳି ବାଜି ମଙ୍ଗଳାର୍ପଣ ନୀତି ବଢ଼ିବା ପରେ ଦିଅଁଙ୍କୁ ରଥାରୋହଣ ପାଇଁ ରାଜାଙ୍କ ପ୍ରତିନିଧି ମୁଦିରଥ ପୁଷ୍ପାଞ୍ଜଳି ଦେଇ ଆମନ୍ତ୍ରଣ କରିଥାନ୍ତି। ତା'ପରେ ଧାଡ଼ି ପହଣ୍ଡିରେ ନାକଚଣା ଦ୍ୱାର ଦେଇ ଘଣ୍ଟ, କାହାଳି, ପଖଉଜ ଆଦି ବାଦ୍ୟନାଦରେ ପ୍ରଥମେ ସୁଦର୍ଶନ, ତା'ପରେ ବଳଭଦ୍ର, ଶ୍ରୀସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥ ରଥକୁ ବିଜେ କରନ୍ତି।

ଯୁଗେ ଯୁଗେ ବିଭିନ୍ନ ଅବତାରରେ ଭଗବାନ ପାର୍ଥିବ ଦେହ ଛାଡ଼ିଛନ୍ତି। ଅର୍ଥାତ୍ ଦେହରୁ ଆତ୍ମା ଅଭିମୁଖେ ବାହୁଡ଼ା ଯାତ୍ରାରେ ଫେରି ଯାଇଥିବା ସତ୍ୟକୁ ଆମେମାନେ ଦେଖୁଛୁ। ଦ୍ୱାପର ଯୁଗର ପ୍ରେମମୟ ଶ୍ରୀକୃଷ୍ଣ ହୁଅନ୍ତୁ ବା ତ୍ରେତୟାର ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ନିଜ ପାର୍ଥିବ ଶରୀର ଛାଡ଼ିଥିଲେ। ତେବେ ଦେହ ଓ ଆଧ୍ୟାତ୍ମିକ କ୍ଷେତ୍ରର ବାହୁଡ଼ା ଚିନ୍ତନ ଦେଖିଲେ ଏହା ହିଁ ସତ୍ୟ ଯେ ଜନ୍ମ ପରେ ମୃତ୍ୟୁ ହିଁ ଚିରନ୍ତନ ଓ ଶାସ୍ୱତ। ଆସନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ନବକଳେବର ଅବସରରେ ଚିନ୍ତା କରିବା ଏହି ଦେହମନ ବାହୁଡ଼ାର ଅନୁଚିନ୍ତନକୁ। ଆଷାଢ଼ ଶୁକ୍ଳ ଦଶମୀ ତିଥି। ପବିତ୍ର ବାହୁଡ଼ା ଯାତ୍ରା। ଦକ୍ଷିଣାଭିମୁଖୀ ହୋଇ ରଥରେ ଫେରନ୍ତି ମହାପ୍ରଭୁ। ଏଥିପାଇଁ ସକାଳୁ ସକାଳୁ ଆନୁସଙ୍ଗିକ ନୀତି ବଢ଼ିଥାଏ। ମହାପ୍ରଭୁ ସଜ ହୋଇ ଚାହିଁଆ ଲଗେଇ ବାହାରନ୍ତି ବଡ଼ ଦେଉଳ ଅଭିମୁଖେ। ପୂର୍ବରୁ ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ନିକଟରେ ପ୍ରସ୍ତୁତ ଥାଆନ୍ତି। ଏହି ଦ୍ୱାରବାଟେ ଠାକୁରମାନେ ଧାଡ଼ି ପହଣ୍ଡିରେ ଆସନ୍ତି। ପ୍ରଥମେ ସୁଦର୍ଶନ ତା'ପରେ ବଳଭଦ୍ର, ପୁଣି ପଛକୁ ଥାନ୍ତି ଦେବୀ ସୁଭଦ୍ରା ଓ ଜଗନ୍ନାଥ। ଏହି ବାହୁଡ଼ା ଯାତ୍ରା ରଥଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କାରଣ ଏହା ଠାକୁରଙ୍କ ପ୍ରଥମ ରଥଯାତ୍ରାର ସ୍ମାରକୀ। ଇତିହାସ କହେ, ଶ୍ରୀଜିଉଙ୍କ ପ୍ରଥମ ରଥଯାତ୍ରା ହୋଇଥିଲା ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ। ରଥଯାତ୍ରା ଭଳି ବାହୁଡ଼ା ଯାତ୍ରାରେ ବି ଗଜପତି ଛେରାପହଁରା କରନ୍ତି। ତା'ପରେ ରଥ ଗଡ଼େ ଶରଧାବାଲିରେ, ବଡ଼ଦାଣ୍ଡରେ ବାଟରେ ବିଭିନ୍ନ ମଠ ପକ୍ଷରୁ ପନ୍ତି ଭୋଗ ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରା କାଳରେ ଠାକୁରେ ତିନି ଜାଗା ଅଟକିଥାନ୍ତି। ତାଙ୍କ ରଥ ଟିକେ ରହିଯାଏ ଭକ୍ତ ସାଲବେଗଙ୍କ ସମାଧି ମନ୍ଦିର ଆଗରେ। ଦିନେ ସାଲବେଗ ଏହି ରଥଯାତ୍ରା ଦେଖିଲେ ଆଶା ପୋଷଣ କରି ୭୫୦ କୋଷ ଦୂରରୁ ମହାପ୍ରଭୁଙ୍କୁ ଆକୁଳ କରିଥିଲେ, ମହାପ୍ରଭୁ ମଧ୍ୟ ରଥରେ ଅଟକିଥିଲେ। ଏହାପରେ ମହାପ୍ରଭୁ ଅଟକନ୍ତି ତାଙ୍କ ମାଉସୀଙ୍କ ମନ୍ଦିର ଆଗରେ। ବାଟରେ ଏହି ମନ୍ଦିର ପଡ଼ିଥାଏ। ଏହି ମନ୍ଦିରରେ ପୂର୍ବରୁ ପୋଡ଼ପିଠା ପ୍ରସ୍ତୁତ ହୋଇଥାଏ ଏବଂ ମହାପ୍ରଭୁଙ୍କୁ ଭୋଗ ଲାଗେ। ଏହି ବାହୁଡ଼ାଯାତ୍ରାରେ ଗଜପତିଙ୍କ ନଅର ଆଗରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି କରାଯାଏ। ଏଥିପାଇଁ ନନ୍ଦିଘୋଷରେ ଅଟକିଥାନ୍ତି ପ୍ରଭୁ। ବିମାନବଡୁମାନେ ଲକ୍ଷ୍ମୀଙ୍କୁ ଆଣି ସିଂହଦ୍ୱାରର ଉତ୍ତର ପାର୍ଶ୍ୱସ୍ଥିତ ଚାହାଣି ମଣ୍ଡପରେ ରହି ନନ୍ଦିଘୋଷ ରଥ ଆଡ଼କୁ ମୁହଁ କରାଇଥାନ୍ତି। ଗଜପତି ମହାରାଜାଙ୍କ ଆମନ୍ତ୍ରଣ ପାଇବା ପରେ ଲକ୍ଷ୍ମୀଙ୍କୁ ଶ୍ରୀନଅର ନିକଟରେ ଥିବା ନନ୍ଦିଘୋଷ ରଥ ନିକଟକୁ ନିଆଯାଏ। ଗଜପତି ମହାରାଜା ଲକ୍ଷ୍ମୀ ନାରାୟଣ ଭେଟ କରାନ୍ତି। ଶ୍ରୀଜଗନ୍ନାଥଙ୍କର ବନ୍ଦାପନା ପରେ ଲକ୍ଷ୍ମୀଙ୍କୁ ନନ୍ଦିଘୋଷ ରଥ ଚାରିପାଖେ ପରିକ୍ରମା କରାଇ ଶ୍ରୀମନ୍ଦିରକୁ ପ୍ରତ୍ୟାଗମନ କରନ୍ତି। ପୂର୍ବରୁ ଦୁଇ ରଥ ତାଳଧ୍ୱଜ ଓ ଦେବଦଳନ ସିଂହଦ୍ୱାରରେ ପହଞ୍ଚି ଯାଇଥାନ୍ତି। ଲକ୍ଷ୍ମୀନାରାୟଣ ଭେଟ ପରେ ନନ୍ଦିଘୋଷ ଟଣା ହୋଇ ସିଂହଦ୍ୱାରକୁ ଯାଏ। ବାହୁଡ଼ାଯାତ୍ରା ଦିନ ବହୁ ଭକ୍ତଙ୍କ ସମାଗମ ହୋଇଥାଏ।

ବାହୁଡ଼ା ଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କ ଭିତରେ ନିଜ ଦେହ, ଭୋଗ, ସୁଖ ଓ ଆନନ୍ଦର ପରିଶେଷରେ ସବୁକିଛିର ବାହୁଡ଼ା ବା ଫେରନ୍ତା ପଥ ସମ୍ବନ୍ଧରେ ସୂଚନା ଦେଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ପବିତ୍ର ବାହୁଡ଼ାଯାତ୍ରାରେ ଅଗଣିତ ଭକ୍ତଜନଙ୍କୁ ଯେଉଁ କୃପାର ବାରି ପ୍ରଦର୍ଶନ କରିଥାନ୍ତି ତାହା ଆମ ସମସ୍ତଙ୍କ ପାଇଁ ଧ୍ୟେୟ ହେଉ ଏହା ହିଁ କାମନା।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

# ରଥଯାତ୍ରା : ଉତ୍ପତ୍ତି ଓ ବୈଶିଷ୍ଟ୍ୟ



### ଡକ୍ଟର ତପନ କୁମାର ପାଳ



ଆରଭେତ ରଥଂ କୃତ୍ୱା ବିଘ୍ନରାଜ ମହୋତ୍ସବମ୍....

ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମୁଖ୍ୟଧାରା ହେଉଛି ରଥଯାତ୍ରା। ଖ୍ରୀଷ୍ଟୀୟ ଦଶମ-ଏକାଦଶ ଶତାବ୍ଦୀର ରଚିତ ମୁରାରୀ ମିଶ୍ରଙ୍କ 'ଅନର୍ଘରାଘବ' ନାଟକରେ ବର୍ଣ୍ଣିତ ପୁରୁଷୋତ୍ତମ କ୍ଷେତ୍ରର ଏହି ଯାତ୍ରାକୁ ଅନେକ ଗବେଷକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବୋଲି ଅନୁମାନ କରିଥାନ୍ତି। ମାତ୍ର ସେହି ଅନୁମାନ ଯଥାର୍ଥ ନୁହେଁ। ସେ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରେ ରଚିତ ସ୍କନ୍ଦ ପୁରାଣ ଉତ୍କଳଖଣ୍ଡ, ପୁରୁଷୋତ୍ତମ ମାହାତ୍ମ୍ୟ ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ପ୍ରଥମ ସବିଶେଷ ବିବରଣୀ ଦେଖିବାକୁ ମିଳେ।

'ଆରଭେତ ରଥଂ କୃତ୍ୱା ବିଘ୍ନରାଜ ମହୋତ୍ସବମ୍।୧୧।

ଷୋଡ଼ାଶାରୈଃ ଷୋଡ଼ଶଭିଷ୍ଟ କ୍ରୈର୍ଲୋହମୟୈର୍ଦ୍ଦୃଢ଼ୈଃ।

ଯୁକ୍ତଂ ବିଷ୍ଣୋ ରଥଂ କୁର୍ଯ୍ୟାଦ୍ଦୃଢ଼ାକ୍ଷଂ ଦୃଢ଼କୁବରମ୍।୧୨।

ବିଚିତ୍ର ଘଟନାକାଷ୍ଠ-ପୁତ୍ତଳୀପରିବେଷ୍ଟିତମ୍।

ମଧ୍ୟେ ବେଦୀ ସମୁଚ୍ଛାୟିଚାରୁମଣ୍ଡଳ ରାଜିତମ୍।୧୩।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଆରମ୍ଭ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଡଃ.ରାଜଗୁରୁ ଉଲ୍ଲେଖ କରିଛନ୍ତି, 'କେତେକ ଅଭିଲେଖରୁ ପ୍ରମାଣିତ ହୋଇଛି ଯେ ମହାରାଜା ତୃତୀୟ ଅନଙ୍ଗଭୀମଦେବଙ୍କ ରାଜତ୍ୱକାଳରେ ୧୨୩୦ ଖ୍ରୀଷ୍ଟାବ୍ଦରେ ବଡ଼ଦେଉଳର ପ୍ରତିଷ୍ଠା ସମ୍ପନ୍ନ ହେଲା। ସେତେବେଳେ ସେଥିରେ ହସ୍ତପଦଯୁକ୍ତ ସେପରି ତିନି ପ୍ରସ୍ତର ମୂର୍ତ୍ତି ମଧ୍ୟ ପ୍ରତିଷ୍ଠା ଲାଭ କରିଥିଲେ। ଏହି ହସ୍ତପଦଯୁକ୍ତ ତିନି ପ୍ରସ୍ତର ବିଗ୍ରହଙ୍କ ଆରାଧନା ପାଇଁ ପୂର୍ବରୁ ଅବସ୍ଥାପିତ ନୃସିଂହ ମନ୍ଦିରରେ ସ୍ଥାନାଭାବ ହେବାରୁ ଚୋଡ଼ଗଙ୍ଗଦେବ ବଡ଼ ଆକାରରେ ଆଉ ଗୋଟିଏ ମନ୍ଦିର ନିର୍ମାଣ କରିବାକୁ ଶୁଭଦେଇ ଉପଯୁକ୍ତ ଶିଳ୍ପୀଙ୍କୁ ସେହି କାମରେ ନିଯୁକ୍ତ କରିଥିଲେ। ପ୍ରସ୍ତର ବିଗ୍ରହ ପରିବର୍ତ୍ତେ ଯେଉଁ ସମୟରେ ହସ୍ତପଦ ବିହୀନ ଦାରୁ ପ୍ରତିମାଙ୍କୁ ଶ୍ରୀମନ୍ଦିରରେ ସ୍ଥାପନ କରାଗଲା, ସେ ସମୟ ଠାରୁ ପୁରୀରେ ରଥଯାତ୍ରା ପ୍ରଚଳିତ ହୋଇଥିବା ସମ୍ଭବପର। ମାତ୍ର ଏହି ପ୍ରକାର ଯୁକ୍ତି ଗ୍ରହଣଯୋଗ୍ୟ ନୁହେଁ। କାରଣ ଶ୍ରୀମନ୍ଦିରରେ କୌଣସି ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରସ୍ତର ବିଗ୍ରହ ପୂଜା ପାଉଥିବା ଏକ ଭିତ୍ତିହୀନ ଅନୁମାନ। ଏ ସମ୍ପର୍କରେ ଅଭିଲେଖଗତ ପ୍ରମାଣ ଅଦ୍ୟାବଧି ଦୃଷ୍ଟିଗୋଚର ହୁଏନାହିଁ। ଅପରପକ୍ଷେ ମାଦଳାପାଞ୍ଜିରେ ଉଲ୍ଲେଖ ଅଛି ଯେ ଖ୍ରୀଷ୍ଟିୟ ନବମ ଶତାବ୍ଦୀ ବେଳକୁ ଯଯାତି ପୁରୀରେ ଦାରିବିଗ୍ରହ ପ୍ରତିଷ୍ଠା କରିସାରିଥିଲେ। ଏକଥାଟିକୁ ଡ଼ଃ.ରାଜଗୁରୁ ଆଦୌ ବିଚାରକୁ ନେଇ ନାହାଁନ୍ତି।

ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀର ପ୍ରଥମ ପର୍ଯ୍ୟାୟରେ ପାରମାର ସମ୍ରାଟ ଭୋଜଦେବଙ୍କ ରଚିତ ରାଜମାର୍ତ୍ତଣ୍ଡ ଗ୍ରନ୍ଥରେ ପୁରୁଷୋତ୍ତମ କ୍ଷେତ୍ରଟି ଜ୍ୟେଷ୍ଠମାସ ପାଇଁ ପ୍ରସିଦ୍ଧ ଥିଲାବୋଲି ଉଲ୍ଲେଖ ଅଛି। ଏହି ଜ୍ୟେଷ୍ଠମାସଟି ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ପାଇଁ ବିଖ୍ୟାତ। ଜଗନ୍ନାଥଙ୍କର ଏହି ସ୍ନାନ ଉତ୍ସବଟିକୁ ଗବେଷକ ଡଃ.ଦାଶ ରଥଯାତ୍ରା ସହିତ ଚିହ୍ନିତ କରିବାକୁ ଉଦ୍ୟମ କରିଛନ୍ତି। ମାତ୍ର ଏହା ଯଥାର୍ଥବୋଲି ମନେହୁଏ ନାହିଁ। କାରଣ ରଥଯାତ୍ରା ପୂର୍ବରୁ ଏହି ଉତ୍ସବ ପାଳିତ ହେଉଥିଲେ ମଧ୍ୟ ସ୍ନାନଯାତ୍ରାର ସମ୍ପ୍ରସାରିତ ରୂପ ଏହା ନୁହେଁ। ସ୍ନାନଯାତ୍ରା ଓ ରଥଯାତ୍ରା ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର।

ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥର ମଣ୍ଡଣିପାଇଁ ବ୍ୟବହାର କରାଯାଉଥିବା ବିଭିନ୍ନ ରଙ୍ଗର ବସ୍ତ୍ର, ଭିନ୍ନ ଭିନ୍ନ ରଥରେ ଭିନ୍ନ ଭିନ୍ନ ବିଗ୍ରହଙ୍କର ଅବସ୍ଥାନ, ଗଜପତିଙ୍କର ରଥ ଗୁଡ଼ିକରେ ଛେରାପହଁରା ଖ୍ରୀଷ୍ଟୀୟ ପ୍ରଥମରୁ ସପ୍ତମ ଶତାବ୍ଦୀ ମଧ୍ୟରେ ପ୍ରଚଳିତ ଥିବା ବୌଦ୍ଧ ପଦ୍ଧତିର ଏକ ବିବର୍ତ୍ତିତ ଅନୁସରଣ ମାତ୍ର। ଜଗନ୍ନାଥ ବୁଦ୍ଧ, ଅତଏବ ବୁଦ୍ଧରୂପୀ ଜଗନ୍ନାଥଙ୍କର ରଥରେ ସ୍ଥାପନ ଓ ରଥଯାତ୍ରା ସେହି ବୌଦ୍ଧାବତାରର ମହତ୍ତ୍ୱ ପ୍ରଚାର କରେ। ତେଣୁ ଶ୍ରୀଜଗନ୍ନାଥଙ୍କ ଉଭୟ ଗୁଣ୍ଡିଚା ଓ ବାହୁଡ଼ାଯାତ୍ରା ବୌଦ୍ଧ ପୂଜାବିଧାନର ଏକ ପ୍ରଧାନ ଅଙ୍ଗ। ବୁଦ୍ଧଦେବଙ୍କ ଜନ୍ମୋତ୍ସବ ଉପଲକ୍ଷେ ହେଉଥିବା ଯାତ୍ରା ହିଁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ବିଶେଷକରି ବୁଦ୍ଧଦେବଙ୍କର ଦନ୍ତଯାତ୍ରାର ସଚେତନ ଅନୁକୃତି ହିଁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,
ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨

# ଦୋଷ କିଏ କରିଲେ ? ଦଣ୍ଡ କିଏ ପାଇଲେ ?



### ସୁବ୍ରତ କର

ମହାପ୍ରଭୁ ବଳଭଦ୍ର ଚାରମାଳ ଉପରେ ଖସି ପଡ଼ିବା ଘଟଣାର ପୁନରାବୃତ୍ତି ନ ଘଟେ, ଏବେ ଏହାହିଁ ସମସ୍ତେ ଚାହାଁନ୍ତି। ଆଉ ଗୋଟାଏ ବଡ଼ କଥା ହେଲା ଏମିତି ଘଟଣା କେବେ ବି ଘଟି ନଥିଲା ଏବଂ କେହି ବି ଦେଖି ନଥିଲେ। ଏପରିକି ପୁରୀ ରାଜାଙ୍କ ମତ ମଧ୍ୟ ଏହାହିଁ। ଯେଉଁମାନେ ବଳଭଦ୍ର ମହାପ୍ରଭୁଙ୍କ ପଡ଼ିଯିବାର ଦେଖିଥିବେ ଏହା ସମସ୍ତଙ୍କୁ ଚକିତ କରିଥିବ। ଏବେ ସମସ୍ତଙ୍କ ମନରେ ପ୍ରଶ୍ନ। ଗୋଟାଏ ହେଲା ଏହା କେମିତି ହେଲା, କାହିଁକି ହେଲା ଏବଂ ଏହା ପାଇଁ ଦାୟୀ କିଏ। ଅନୁସନ୍ଧାନ ଜାରି ଅଛି, କମିଟି ମଧ୍ୟ ତିଆରି ହୋଇଛି ଏବଂ ଆମ୍ଭମାନଙ୍କୁ ସତ ଜାଣିବାକୁ ହେଲେ ଅପେକ୍ଷା କରିବାକୁ ପଡ଼ିବ। ବଡ଼ କଥା ହେଲା ସତ ବାହାରିବା ପୂର୍ବରୁ ମନ୍ଦିରର ମୁଖ୍ୟ ପ୍ରଶାସକଙ୍କର ବଦଳି। ମୁଖ୍ୟ ପ୍ରଶାସକ ଥିଲେ ପୁରୁଣା ସରକାରଙ୍କ ଲୋକ ଏବଂ ଏମିତିରେ କିଛିଦିନ ପରେ ବଦଳି କରା ହୋଇ ଥାଆନ୍ତା। କିନ୍ତୁ ସମୟ ଖରାପ ପଡ଼ିଲା ସେ ତାଙ୍କର ପଦବୀରୁ ଗଲେ। ଏଇଟା ସତକଥା ସାମନାକୁ ଆସିବା ପରେ କରା ହୋଇଥିଲେ ଭଲ ହୋଇଥାଆନ୍ତା। ମୂଳ ଲୋକ ଯୋଉଁମାନେ ଏହି ଘଟଣା ସହିତ ଜଡ଼ିତ ସେମାନଙ୍କ ପାଇଁ କଣ ବ୍ୟବସ୍ଥା ହେଉଛି ଦେଖିବାର ବାକି ରହିଲା। ଅବଶ୍ୟ ନୂଆ ପ୍ରଶାସକ ପୂର୍ବରୁ ଏହି ଜାଗାରେ ଥିଲେ ଏବଂ ତାଙ୍କର ଯଥେଷ୍ଟ ଅଭିଜ୍ଞତା ଥିବା ହେତୁ ଆସିବା ମାତ୍ରେ ଦୁଇଟି କଥା ରଖିଛନ୍ତି। ପ୍ରଥମଟି ହେଲା କୌଣସି ବ୍ୟକ୍ତି ବିଶେଷ ମୋବାଇଲ ନେଇ ରଥ ଉପରକୁ ଚଢ଼ି ପାରିବେ ନାହିଁ ଏବଂ ଦ୍ୱିତୀୟଟି ହେଲା ଡାକ୍ତରଙ୍କ ସେବା ସହିତ ଜଡ଼ିତ ନଥିବା ବ୍ୟକ୍ତିମାନେ ରଥ ଉପରେ ଚଢ଼ି ପାରିବେ ନାହିଁ। ନିଶ୍ଚୟ ଭାବରେ ଏହି ଦୁଇଟି ପଦକ୍ଷେପ ବହୁ ପରିମାଣରେ କାମ ହେବ। ଜଗନ୍ନାଥ ହେଉଛନ୍ତି ଭାବର ଠାକୁର ଏବଂ ଏଭଳି ଘଟଣାକୁ କୌଣସି ଜଗନ୍ନାଥ ପ୍ରେମି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଆହୁରି ଗ୍ରହଣ ଯୋଗ୍ୟ ନୁହଁ ଦୁଇ ମନ୍ତ୍ରୀ ମହୋଦୟଙ୍କ ଆଶ୍ୱାସନା ବାଣୀ। ଏହାକୁ ଗୁରୁତର ସହିତ ନବାର ଆବଶ୍ୟକତା ନାହିଁ। କାରଣ ଜଗନ୍ନାଥ ହେଉଛନ୍ତି ଲୀଳାର ଠାକୁର ଏବଂ ତାଙ୍କର ସବୁ କାର୍ଯ୍ୟ ଲୀଳାମୟ ଏବଂ ତାଙ୍କ ଜାଣତରେ ଘଟିଥାଏ। କୌଣସି ଜଗନ୍ନାଥ ପ୍ରେମୀ ଏପରି ହାଲୁକା କଥାକୁ ଗ୍ରହଣ କରି ନଥିଲେ। ତେଣୁ ଘଟଣାର ତିନି ଦିନ ପରେ ମୁଖ୍ୟମନ୍ତ୍ରୀ ଏବଂ ପୁରୀ ରାଜାଙ୍କ କଥାକୁ ସମସ୍ତେ ଗୁରୁତ୍ୱର ସହିତ ନେଇଥିଲେ ଏବଂ କହିଛନ୍ତି ଏହାର ପୁନରାବୃତ୍ତି ନ ଘଟିବା ପାଇଁ। କିନ୍ତୁ କେହି ସାହସର କହୁ ନାହାନ୍ତି ସତ କଥା। ସାରା ଓଡ଼ିଶାର ଲୋକମାନେ ରଥଯାତ୍ରା ସହିତ ସତଃପତ ଭାବରେ ଜଡ଼ିତ ଥିଲେ। ସେମାନେ ବହୁତ କିଛି ଘଟଣା ରଥ ଉପରେ ଘଟିଥିବା ଦେଖିଛନ୍ତି। ଏବେକାର ଯେଉଁ ତରୁଣ ସେବାୟତମାନେ ରଥ ଉପରେ ଚଢ଼ି ଯେଉଁ ପ୍ରକାରର ଘଟଣା ଘଟାଇଥିଲେ ତାହା ଅବର୍ଣ୍ଣନୀୟ। ଠାକୁରଙ୍କ ସାଙ୍ଗରେ ବିଭିନ୍ନ ପ୍ରକାରର ଢଙ୍ଗରେ ସେଲ୍ଫି ନେବା, ତାକୁ ରଙ୍ଗ ଉପରକୁ ଚଢ଼ିଯାଇ ଫୋଟ ଉଠାଇବା, କୁନି କୁନି ପିଲାଙ୍କୁ ନେଇ ରଥ ଉପରେ ଚଢ଼ି ବୁଲି ଜାତୀୟ, ପ୍ରାଦେଶିକ ଚେନାଲ ମାଧ୍ୟମରେ ନିଜକୁ ଦେଖାଇବା ସବୁ ଗୁଡ଼ିକ ଉପରେ ଯଦି ଅନୁସନ୍ଧାନ ହୋଇ ପାରନ୍ତା ତେବେ ଭଲ ହୁଅନ୍ତା। ଏମିତି ବି ଦେଖାଯାଇଛି ବୟସ୍କ ସେବାୟତମାନେ ରଥରେ ଥିବା ପାର୍ଶ୍ୱ ଦେବତାମାନଙ୍କ ଉପରେ ମୋଡ଼ ରଖି ଝୁଲି ବସିବା ଇତ୍ୟାଦି। ଏସବୁ ଘଟଣାକୁ ଅଟକାଇବାକୁ ଗଲେ ଏକମାତ୍ର ବାଟ ହେଉଛି ଠାକୁର ଛଡ଼ା କୌଣସ ଟି.ଭି ଚେନାଲ ପ୍ରସାରଣ କରିବା ନାହିଁ। ଏହା ପାଇଁ ଦାୟୀ ହେଉଛି ପ୍ରସାର ଏବଂ ପ୍ରଚାର। ଏହାକୁ କେଉଁ ଭାବରେ କିଛି ପରିମାଣରେ ଅଟକେଇ ହେବ ତେବେ ଭବିଷ୍ୟତରେ ରଥଯାତ୍ରା ସମସ୍ତଙ୍କ ପାଇଁ ଏକ ନିଆରା ହୋଇ ରହିବ।




## ରଥ ଫେରେ ଗଡ଼ିଗଡ଼ି

### ଧ୍ରୁବ ଚରଣ ଘିବେଲା

ରଥ ଫେରେ ଗଡ଼ିଗଡ଼ି
ଭକତ ଆଣନ୍ତି ଭିଡ଼ି
ତିନି ରଥ ପରେ ଚାରି ଦିଅଁ ବସି
ଆସନ୍ତି ହରଷେ ଫେରି।
ରଥଯାତ୍ରା ଦିନ ପରି
ହରିବୋଲ ହୁଳହୁଳି
ଶୁଭ ଶଙ୍ଖ ଘଣ୍ଟ ଘଣ୍ଟା ବାଦ୍ୟ ତାଳେ
ପଥ ରଥ ପଡ଼େ ଉଛୁଳି।
ନଅଦିନ ଯାତ୍ରା ସାରି
ରଥରେ ଦିଅଁଙ୍କୁ ଧରି
ଶରଧାବାଲିରୁ ଗଡ଼ି ଆସେ ରଥ
ଚକ ସହ ଅଖ ଘୁରି।
ଆକାଶରେ ମେଘ ଥାଇ
ମେଘ କେବେ ଫୁଲ ହୋଇ
ଭକତ ଉପରେ ସେ ଫୁଲ ଝଡ଼ିଲେ
ଖୁସି ମଜା ମିଳିଥାଇ।
ଅଟକି ମାଉସୀ ଘରେ
ଭାଇ ଭଉଣୀ ଖୁସିରେ
ପୋଡ଼ପିଠା ଖାଇ ବାହୁଡ଼ି ଆସନ୍ତି
ନିଜ ନିଜ ରଥ ପରେ।
ପିଲା ଛୁଆ ବୁଢ଼ା ପଥେ
ଜମିଥାନ୍ତି କେତେ କେତେ
ଦି' ହାତକୁ ଟେକି ଶରଣ ଯାଆନ୍ତି
କୋଳେଇ ନେଏରେ ସତେ !
ଦେଶର ଭିତରୁ ଦେଶର ବାହାରୁ
ବାହୁଡ଼ାକୁ ବି ଆସନ୍ତି
ରଥ ପରେ ଦେଖି ଚତୁର୍ଦ୍ଧାମୂରତି
ଭକତ ଧନ୍ୟ ମଣନ୍ତି।
ବଡ଼ଦାଣ୍ଡ ପରେ ରଥର ଉପରେ
ଏକାଦଶୀ ତିଥି ଦିନ
ଦିଅଁମାନଙ୍କର ଦେଖି ସୁନା ବେଶ
ଭକ୍ତ ମଣେ ଭାଗ୍ୟବାନ।

ବଉଦରାଜ, ଜି. ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ବାହୁଡ଼ା ଯାତ୍ରା

### ସୁହଂସ ଭୋଇ

କମଳିନୀ ମାନ ଅଭିମାନ ଜାଣି
ଛନକ ହେଲା କି ମନେ
ହୋଇ ଝଟପଟ ବାହୁଡ଼ିଲ ନାଥ
ଯାତ୍ରା ସାରି ନଅ ଦିନେ
ଛାଡି ଅର୍ଦ୍ଧାଙ୍ଗିନୀ ଘେନି ହଳପାଣି
ସହିତେ ସୁଭଦ୍ରା ପୁଣି
ଯାଇଥିଲ ପ୍ରଭୁ ମାଉସୀ ଘରକୁ
ଭାଇ ଭଗ୍ନୀ ମିଶି ତିନି
ଚଞ୍ଚଳାଙ୍କ ସଂଗେ ଛଳନା ରଚିଲ
କଥା ରଖିଲ ଗୋପନେ
ହୋଇ ଝଟପଟ ବାହୁଡ଼ିଲ ନାଥ
ଯାତ୍ରା ସାରି ନଅ ଦିନେ
ଘର କଲି ଏବେ ଦୁଆରେ ପଡିଲା
ଜାଣିଲେ ଜଗତ ଜନେ
ଅନୁରାଗ ମିଶା କେତେ ରାଗ ରୁଷା
ଗଲା ପ୍ରଭୁ ଅକାରଣେ
ଡଉଲ ଡାଉଲ ଶ୍ରୀମୁଖ ମଣ୍ଡଳ
ମଉଳିଲା ଅପମାନେ
ହୋଇ ଝଟପଟ ବାହୁଡ଼ିଲ ନାଥ
ଯାତ୍ରା ସାରି ନଅ ଦିନେ।

ପହଣ୍ଡି, ବରଗଡ଼
ମୋ: ୯୪୩୭୫୨୨୪୫୫

## ବଡଦାଣ୍ଡେ ସୁନା ବେଶ...

### ରାମଚନ୍ଦ୍ର ବେହେରା

ଶଂଖ ଚକ୍ର ଧାରୀ ପ୍ରଭୁ ଦୁଃଖହାରୀ
ଶ୍ରୀକ୍ଷେତ୍ର ମଉଡମଣି
ବାହୁଡା ଯାତରେ ଫେରିବେ ସାଆନ୍ତ
ସାଥୀରେ ଭାଇ ଭଉଣୀ।
ଶୁକ୍ଳ ଆଷାଢର ଶୁଭ ଦଶମୀରେ
ନନ୍ଦିଘୋଷ ପରେ ବସି
ଶୀରି ମନ୍ଦିରକୁ ଫେରିବେ ଶ୍ରୀମୁଖ
ବଡଦାଣ୍ଡେ ହସି ହସି।
ବାହୁଡା ଯାତ ତା' ଅତୀବ ଦୁର୍ଲଭ
ସୁନ୍ଦର ତା' ନନ୍ଦିଘୋଷ
ଆହୁରି ସୁନ୍ଦର ବଡଦାଣ୍ଡେ ତା'ର
ଏକାଦଶୀ ସୁନାବେଶ।
ସୁନା ଅଳଂକାର ପିନ୍ଧି କଳାଧନ
ରଥରୁ ଦିଅନ୍ତି ଦେଖା
ପୂଣ୍ୟ ବଡଦାଣ୍ଡେ ଅଗଣିତ ଭକ୍ତ
ମାଗନ୍ତି କରୁଣା ଭିକ୍ଷା।
କିରିଟ ତିଳକ ଚନ୍ଦ୍ରିକା ଅଳକା
ଶୀରିଭୁଜ ଶ୍ରୀପୟର
ସ୍ୱର୍ଣ୍ଣ ଚକ୍ର ଆଉ ରୌପ୍ୟ ଶଂଖ ସହ
ହସନ୍ତି କଳା ଠାକୁର।
ଭିନ୍ନ ଭିନ୍ନ ମାଳ ସ୍ୱର୍ଣ୍ଣ ଝୋବାକଣ୍ଠି
ଦିଶେ ବଡ ଶୋଭାବନ
ତ୍ରିଖଣ୍ଡିକା ଆଉ କମର ପଟିରେ
ଚମକନ୍ତି କଳାଧନ।
ବରଷକେ ହୁଏ ପାଂଚ ସୁନାବେଶ
ରଥ ସୁନାବେଶ ଭିନ୍ନ
ଏ ଦୁର୍ଲଭ ବେଶ କରିଲେ ଦର୍ଶନ
ମିଳିଥାଏ କୋଟି ପୂଣ୍ୟ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ବାହୁଡ଼ାରେ ଆସ ହସି

### ନଳିନୀ ଦାଶ

ଆଡ଼ପ ମଣ୍ଡପେ ଭକତ ପାଆନ୍ତି
ପ୍ରଭୁଙ୍କର ଦରଶନ
ଗୁଣ୍ଡିଚା ମାଆଙ୍କ ସ୍ନେହ ଶରଧାରେ
ଉଚ୍ଚାଟ କାଳିଆ ମନ।
ଜଗତ ଜନଙ୍କ ଆରାଧ ଠାକୁର
ଅଟନ୍ତି ଜଗତସାଇଁ
ଆଡ଼ପ ଅବଢା ବଢ଼ା ହୋଇଲାଣି
ବଡ଼ ଖାଉଟିଆ ପାଇଁ।
ତୁଳସୀ ଦୟଣା ସଜ ଫୁଲ ମାଳେ
ମହକନ୍ତି କଳାନାଥ
ନଅଦିନ ରହି ଫେରି ଆସିଲେଣି
ବସି ନନ୍ଦିଘୋଷ ରଥ।
ପବିତ୍ର ବାହୁଡ଼ା ତିଥିରେ ଆସନ୍ତି
ଭକ୍ତ ମେଳେ ହସିହସି
ଦୁଃଖୀ ରଙ୍କିଙ୍କର ଦୁଃଖ ବୁଝି ପ୍ରଭୁ
ଆଶିଷ ଦେବେ ବରଷି।
ଘଣ୍ଟ ଗିନି ଶଙ୍ଖ ବାଜି ଉଠିଲାଣି
ଫେରିଲା ବାହୁଡ଼ାରଥ
ମନ୍ଦିର ଆଗରେ ତିନି ରଥ ବିଜେ
ଆସିଲେଣି ଜଗନ୍ନାଥ।
ଏକାଦଶୀ ଦିନ ରଥପରେ ହୁଏ
ପ୍ରଭୂତୁମ ସୁନାବେଶ
ତୁମ ଦରଶନ ପାଇ ଭକ୍ତଗଣ
ଲଭିବେ ଆତ୍ମ ସନ୍ତୋଷ।
ରଥର ଉପରେ ଆରମ୍ଭ ହୁଅଇ
ଅଧର ପଣାର ନୀତି
ନୀଳାଦ୍ରିବିଜେ ରେ ଶିରୀ ମନ୍ଦିରକୁ
ଯାଆନ୍ତି ଜଗତପତି।
ବାଟ ଓଗାଳନ୍ତି ମାଆ ମହାଲକ୍ଷ୍ମୀ
କରି ମନେ ଅଭିମାନ
ଜଗତ ଠାକୁର ରସଗୋଲା ଦେଇ
ଭାଙ୍ଗନ୍ତି ଲକ୍ଷ୍ମୀଙ୍କ ମାନ।
ରତ୍ନ ସିଂହାସନେ ବିଜେ କରିଥାନ୍ତି
ଭକ୍ତମେଳେ ତିନି ଠାକୁର
ଘଣ୍ଟ ଗିନି ଶବ୍ଦେ ଉଛୁଳି ପଡ଼ଇ
ଜଗା ପାଇଁ ଶ୍ରୀମନ୍ଦିର।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

# ବାପାଙ୍କ ପରୀ



ଶିବାଶିଷ ପାଢ଼ୀ

ଭିତରେ ଭିତରେ ଜ୍ୱର ଥିଲା ହେଲେ ଗୋଟିଏ ପ୍ରକାର ଚାଲୁଥିଲା ! ନିଜେ ନିଜେ ଗୋଟିଏ ଅଧେ ପାରାସିଟାମଲ ଖାଇ ତିନିଦିନ କାମ ଚଳେଇ ଦେଲା ସ୍ମିତା । ହେଲେ କାମ କହିଲେ କଣ କମ କି ? ଘରଟି ଯାକର କାମ । ସୁବ୍ରତ କଲେଜ ଯିବେ ଶଶୁର ଅଫିସ ଏବଂ ନଣଦ ସ୍କୁଲ ! ସମସ୍ତଙ୍କୁ ଦରକାର ସ୍ମିତା । ଡାକି ଚାଲିଥିବେ ଅହରହ ।

ସେମାନଙ୍କ କାମ ସହ ରିମିର ଯତ୍ନ । ବ୍ୟତିବ୍ୟସ୍ତ ହୋଇଯାଏ ସ୍ମିତା । କହିବ ବି କାହାକୁ ? ଆହାଃ ପଦେ ଶୁଣିବାକୁ ବ୍ୟାକୁଳ ହୋଇଯାଏ ମନ । ତାଉପରେ ଶାଶୁ କହନ୍ତି –

ତିନି ତିନିଟି ଭାଇର ଯୁଗ୍ମଘରେ ବଡ଼ବୋହୂ ଥିଲି ମୁଁ । ଆମବେଳେ କେତେ କାମ ଥିଲା ତୁ କାହୁଁ ଜାଣିବୁ। ତୁ ତ ଗ୍ରାଇଣ୍ଡର ଯୁଗର ଝିଅ । ସେତେବେଳେ ସକାଳୁ ସକାଳୁ ଉଠି ଏତେ ଜଣଙ୍କ ପାଇଁ ଶିଳରେ ବିରି ବାଟିବାକୁ ପଡୁଥିଲା । କାଠ ଚୁଲିରେ ରୋଷେଇ ଉପରେ ଯେତିକି ଧୂଆଁ ତଳେ ସେତିକି ।

ଆଜିକାଲି କି କାମରେ ? ସବୁ ତ ମେସିନ କରୁଛି । କେବେ ଉତ୍ତର ଦିଏ ନାହିଁ ସ୍ମିତା କେବଳ ହସି ଦିଏ ।ଏକ ବିନା ଧ୍ୱନିର ହସ । ସେ ହସ କହୁଥାଏ ଅନେକକଥା ହେଲେ ସେ ଜାଣିଛି ଶାଶୁ ମରିଗଲେ ବି ସେ ଭାଷା ବୁଝିବେ ନାହିଁ ।

ତାର ସେଥିପାଇଁ ଅଭିଯୋଗ ବି ନାହିଁ । ତାର ତ ସବୁ ଅଭିଯୋଗ କେବଳ ସୁବ୍ରତଙ୍କ ପାଇଁ । ଯାହାର ହାତ ଧରି ସେ ଏ ଘରକୁ ଆସିଛି।

ମନେ ପଡେ ପୁରୁଣା କଥା । ସୁବ୍ରତଙ୍କ ସହ କିଛି ସମୟର କଥାବାର୍ତ୍ତା ପରେ ହିଁ ବାପା ଘୋଷଣା କରିଥିଲେ –

ପିଲାଟି ଠିକ ଅଛି ମା’ । ଉଦଯୋଗୀ ଅଛି । ତା ଘରଲୋକଙ୍କୁ ବହୁତ ଭଲ ପାଉଛି ମାନେ ତୋତେ ବି ବହୁତ ଭଲ ପାଇବ, ଯତ୍ନ ନେବ । ମୋର ଚିନ୍ତା ଗଲା !

ବାପାଙ୍କ ସେ ହସହସ ଚେହେରା ମନେ ପଡ଼ିଯାଏ । ବାପାଙ୍କ ସେ ବିଶ୍ୱାସ ପାଇଁ ଆଜିଯାଏଁ ଏଠିକାର କୌଣସି କଥା କହେ ନାହିଁ ସ୍ମିତା । ହସହସ ଚେହେରା ନେଇ ଯାଏ । ସେ ହସ ହସ ଚେହେରା ପଛରେ ଲୁଚାଇଦିଏ ସବୁକିଛି । ଏଥିପାଇଁ କୌଣସି ଅଭିନୟ କରିବାକୁ ପଡ଼େନାହିଁ ତାକୁ । ଲାଗେ ଯେମିତି ଏ ଲୁସାଇବା ଗୁଣଟି ଝିଅ ମାନଙ୍କର ସହଜାତ।

ହସି ଦିଅନ୍ତି ବାପା ଆଉ ସେତେବେଳେ ବେଶି ମନେପଡେ ଯେତେବେଳେ ସୁବ୍ରତ ବିଭିନ୍ନ କଥା ନେଇ ତାକୁ ଗାଳିଗୁଲଜ କରନ୍ତି । କେବେ ନଣଦଙ୍କ ପାଇଁ ତ କେବେ ଶାଶୁଙ୍କ ଯୋଗୁଁ ଉଠିଯାଏ କୌଣସି ନାଁ କୌଣସି କଥା । ବିରକ୍ତ ହୁଅନ୍ତି ସୁବ୍ରତ ! କାନ୍ଥ ସେପଟୁ ଶାଶୁ କିମ୍ବା ନଣଦଙ୍କ ଚାପା ହସ ସହ ଆଲୋଚନାକୁ ତ ନୀଳକଣ୍ଠଙ୍କ ପରି ସହିଯାଏ ସେ ହେଲେ ସୁବ୍ରତଙ୍କ ଏ ବ୍ୟବହାର କଷ୍ଟ ଦିଏ ତାକୁ । ଅବଶ୍ୟ ସବୁବେଳେ ସେମିତି ନ ଥାନ୍ତି ସୁବ୍ରତ । ବେଳେବେଳେ ବାପାଙ୍କ କଥା ସତ ଲାଗେ ତାକୁ !



ଏବେ ବି ସେମିତି ଏକ ଛୋଟ କଥା ପାଇଁ ତା ଉପରେ କିଛି ଦିନ ହେବ ଅସନ୍ତୁଷ୍ଟ ଥିଲେ ସୁବ୍ରତ । ସେଥିପାଇଁ ଜ୍ୱର କଥାକୁ ବି କହି ନଥିଲା ସ୍ମିତା । ସକାଳୁ ଠିକ ଥିଲା ସେ। ଘରକାମ ସବୁ ବି ନିୟମିତଭାବେ କରିଥିଲା କିନ୍ତୁ ସନ୍ଧ୍ୟା ହେଉହେଉ ମୁଣ୍ଡ ଉଠାଇ ପାରି ନଥିଲା ସେ । ସୁବ୍ରତ ଆସି ନଥିଲେ ଏଯାଏଁ। ଆଜି ଏକ ସେମିନାରରେ ଯୋଗ ଦେବାପାଇଁ ଅନ୍ୟ କଲେଜକୁ ଯାଇଥିଲେ । ତାଙ୍କ ଫେରିବା ଯାଏଁ କିନ୍ତୁ ଆଉ ଅପେକ୍ଷା କରିପାରି ନଥିଲା ସ୍ମିତା। ଶାଶୁଙ୍କ ପାଖକୁ ଯାଇ କି କହୁକହୁ ଚେତା ହରାଇଦେଲା !

ସାଙ୍ଗେସାଙ୍ଗ ତାକୁ ଡାକ୍ତରଖାନା ନେଇଥିଲେ ଶାଶୁ ଅପର୍ଣ୍ଣାଦେବୀ । ଫୋନ ପରେ ଫୋନ ଯାଉଥିଲା ସମସ୍ତଙ୍କ ପାଖକୁ । ଅଳ୍ପ ସମୟ ମଧ୍ୟରେ ଆସି ଯାଇଥିଲେ ସ୍ମିତାର ବାପା ଆଦିକନ୍ଦବାବୁ । ଭୂତାଣୁ ଜନିତ ସାଧାରଣ ଜ୍ୱର ଥିଲା । ବିଶେଷ ଡରିବାର କୌଣସି କାରଣ ନଥିଲା । ତଥାପି ଡାକ୍ତର କହିଥିଲେ -ଆଜି ରାତିକ ଅବଜାରବେଶନରେ ରଖିଦେବା ।

କାମ ସାରି ଫେରିବା ବେଳକୁ ଫୋନ ପାଇଁ ବ୍ୟସ୍ତ ହୋଇ ପଡ଼ିଥିଲେ ସୁବ୍ରତ ।ନିଜକୁ ଦୋଷୀ ଦୋଷୀ ଲାଗୁଥିଲା ତାଙ୍କୁ । ଆଖି ଆଗକୁ ଆସି ଯାଉଥିଲା ସ୍ମିତାଙ୍କ ନିରୀହ ଚେହେରା । କେବେକେମିତି ବିରକ୍ତହୋଇ କିଛି କିଛି କହି ଦେଉଥିଲେ ବି ନିରବରେ ସହିଯାଉଥିବା ସ୍ମିତାଙ୍କ ଚେହେରା ଆଜି ଯେମିତି ଆହୁରି କରୁଣ ଲାଗୁଥିଲା । ଦିନକର ଜ୍ୱରରେ ତ କେହି ସିରିଅସ ହୁଏନି ନାଁ ? ମୁଁ ଜାଣି ପାରିଲିନି କେମିତି ? ମୁଁ ବି ତ କେବେଠୁଁ ପଚାରି ନାହିଁ ? ଅନେକ ପ୍ରଶ୍ନ ମନକୁ ଘାଣ୍ଟୁଥିଲା ଏବଂ ସବୁ ପ୍ରଶ୍ନର ଉତ୍ତର ରୂପେ ନିଜର ଦୋଷ ହିଁ ଦେଖା ଯାଉଥିଲା। ଲାଗୁଥିଲା ଆଜି ବସ ବି ତାଙ୍କୁ ଦୋଷୀ ହିଁ ଭାବୁଛି ସେଥିପାଇଁ ବୋଧେ ଧୀରେଧୀରେ ଯାଉଛି। ହେଲେ ବି କୌଣସି ଉପାୟ ନଥିଲା। ବସ ତିନିଘଣ୍ଟା ପରେ ପହଞ୍ଚିଥିଲା। ଇଚ୍ଛା ତ ହେଉଥିଲା ଉଡିଉଡି ଯିବା ପାଇଁ ହେଲେ ସେ ବି ତ ସମ୍ଭବ ନୁହେଁ ନା ?

ଅଟୋରୁ ଯେମିତି ଡେଇଁପଡ଼ି ଧାଇଁଥିଲେ ସୁବ୍ରତ। ଯାଉଯାଉ ବାରଣ୍ଡାରେ ଦେଖା ହୋଇଗଲେ ଶଶୁର ଆଦିକନ୍ଦବାବୁ । ମୁଣ୍ଡକୁ ନୁଆଇଁ ଦେଲେ ସୁବ୍ରତ। ଆଖି ମିଶାଇବାକୁ ସାହସ ହେଉ ନଥିଲା। ତାଙ୍କ ଅବହେଳା ପାଇଁ ଆଜି ଏ ଅବସ୍ଥା ଭୋଗୁଛି ସ୍ମିତା। ଶଶୁର କିଛି କହିଲେ କଣ ଉତ୍ତର ଦେବି ? ପ୍ରଶ୍ନ ଟି ଆସିଯାଉଥିଲା ମୁଣ୍ଡକୁ ।

ଆରେ ସୁବ୍ରତ ଯେ। ଯା ହେଉ ତୁମେ ଆସିଗଲ । ସ୍ମିତା ଭଲ ଅଛି । ଡରିବାର ନାହିଁ ।’ ହସିହସି କହୁଥିଲେ ଶଶୁର । ନମସ୍କାର କରି ସାରିଥିଲେ ସୁବ୍ରତ । ତଥାପି ଆଖି ଲୁଚାଇ କହିଥିଲେ –

ବାପା ସାମାନ୍ୟ ଅବହେଳା ହୋଇଗଲ।

ଆରେ ନା , ନା । ଏ ଜ୍ୱର ଏମିତି । ହଠାତ ବଢିଯାଏ । ଆଉ ଅବହେଳା ପୁଣି ତୁମେ କେବେ ବି କରିପାରିବ ନାହିଁ ଏ ତ ତୁମ ପକେଟ କହୁଛି ।

ହଠାତ ପକେଟ ଆଡକୁ ଧ୍ୟାନ ଯାଇଥିଲା ସୁବ୍ରତଙ୍କ । ପକେଟରେ ଥିଲା ଦୁଇଟି କ୍ୟାଡବରୀ ମଞ୍ଚ ଚକଲେଟ । ଫେରିବା ବେଳେ ଝିଅ ରିମି ପାଇଁ କିଣିଥିଲେ ସେ।

ଯେମିତି ଅତୀତରେ ବୁଡ଼ି ଯାଉଥିଲେ ଆଦିକନ୍ଦ ବାବୁ । କହୁଥିଲେ ସ୍ମିତାକୁ ଛୋଟ ବେଳୁ ଏଇ ଚକଲେଟ ପସନ୍ଦ । ମୁଁ ଯେତେବେଳେ ଅଫିସରୁ ଆସୁଥିଲି ନାଁ ଧାଇଁ ଆସୁଥିଲା ସେ । ତାପାଇଁ ପରା ମୁଁ ସବୁଦିନ ଫେରିଲାବେଳେ ଦୁଇଟି ଚକଲେଟ ଯେମିତି ହେଉ ଆଣୁଥିଲି ।

ଆଖିରେ ଢଳଢଳ ହେଉଥିବା ପାଣିକୁ ପୋଛି ଆଦିକନ୍ଦବାବୁ ସୁବ୍ରତର ପିଠି ଥାପୁଡ଼େଇ ପୁଣି କହିଥିଲେ ତୁମେ ତାର ଏତେ କଥା ବୁଝିଛ ଆଉ ତୁମେ କଣ ଅବହେଳା କରିବ ?

ଚୁପ ହୋଇ କେବଳ କଥା ଶୁଣୁଥିଲେ ସୁବ୍ରତ । ମନେ ପଡୁଥିଲା ତାଙ୍କ ଆସିବା ବାଟକୁ ଚାହିଁ ରହିଥିବା କୁନିକୁନି ଆଖି ଦୁଇଟି ଓ କୁନିକୁନି ପାଦରେ ଦୌଡ଼ି ଆସୁଥିବା ବାପାଙ୍କ ପରୀ ରିମିର କଥା।

ମୁଁ ଦେଖେ କହି କ୍ୟାବିନର ଦୁଆର ଠେଲି ପଶି ଯାଇଥିଲେ ସୁବ୍ରତ । ହସିବାର ଚେଷ୍ଟା କରି କଣ କହିବାର ଚେଷ୍ଟା କରୁଥିଲା ସ୍ମିତା ହେଲେ ତାଙ୍କ ଓଠକୁ ଅଙ୍ଗୁଳି ଦେଇ ବନ୍ଦ କରିଦେଲେ ସୁବ୍ରତ । କିଛି କହିଲେନି କେବଳ ଧରାଇ ଦେଲେ ଚକଲେଟ ଦୁଇଟିକୁ ଯେମିତି ରିମିକୁ ଦିଅନ୍ତି ସେ ହେଲେ ଆଶ୍ଚର୍ଯ୍ୟ ଲାଗୁଥିଲା ତାଙ୍କୁ କାରଣ ଆଜି ସ୍ମିତାଙ୍କ ଚେହେରା ବଦଳି ଯାଉଥିଲା ଯେମିତି ଲାଗୁଥିଲା ଠିକ ରିମିପରି

+ହେମଗିରି, ସୁନ୍ଦରଗଡ
ମୋ: ୯୭୭୮୧୭୪୯୭୮

# ଡାକ୍ତର ବାବୁ

ସିଦ୍ଧେଶ୍ୱର ତ୍ରିପାଠୀ

ସୁମନ ବାବୁ ଆଜି ବଡ଼ ଡାକ୍ତର ରାଜ୍ୟ ଆଉ ରାଜ୍ୟ ବାହାରେ ତାଙ୍କର ଭାରି ନାଁ । କେତେ କେତେ ବଡ଼ ବଡ଼ ରୋଗୀଙ୍କର ବିରଳ ରୋଗକୁ ସେ ଚିହ୍ନଟ କରି ଭଲ କରି ଦେଇଛନ୍ତି । କେତେ କୋଉ ଅନୁଷ୍ଠାନରୁ ସେ କେତେ ପୁରସ୍କାର ପାଇଛନ୍ତି । ଟିଭି ରେଡ଼ିଓ ଖବର କାଗଜ ଆଉ ୟୁଟ୍ୟୁବ ଚ୍ୟାନେଲ ସବୁଠି ତାଙ୍କ ପ୍ରଶଂସା । ଦିଲ୍ଲୀରେ ତାଙ୍କର ଚାକିରୀ । ଭୁବନେଶ୍ୱରରେ କ୍ଲିନିକ ସପ୍ତାହକୁ ଦୁଇଥର ସେ ଆସି ରୋଗୀ ଦେଖି ଯାଆନ୍ତି। ଆଉ ଯୋଉ ଘରୋଇ ଡାକ୍ତରଖାନା ଯେତେବେଳେ ଖୋଜିଲେ ସୁବିଧା ଦେଖି ସେଠିବି ସେ ରୋଗୀଙ୍କ ଚିକିତ୍ସା କରନ୍ତି।



ଏବେ ଦିନେ ଭୁବନେଶ୍ୱରରେ ଡାକ୍ତରବାବୁ ରୋଗୀ ଦେଖୁଥିଲେ । ଗୋଟେ ରୋଗୀ ଦେଖିବାକୁ ଫିସ ଦୁଇ ହଜାର । ସପ୍ତାହକୁ ଦୁଇଦିନ ପାଖାପାଖି ପଚାସ କି ଷାଠିଏ ରୋଗୀ ଦେଖନ୍ତି। ।ମାସ ଶେଷକୁ ଦରମା ତ ଯାହା ମିଳେ ଏଇ ଘରୋଇ ରୋଗୀ ଦେଖାରୁ ଯାହା ମିଳେ ତାହା ଦରମାର ଚାରିଗୁଣ ।

ବୁଢ଼ୀଟି କାକୁତି ମିନତି ହୋଇ କହିଲା ଦି ହଜାର କୋଉଠୁ ଆଣିବି ଏଇ ପାଞ୍ଚଶହ ଟଙ୍କା ନିଅ ମୋ ନାତିର ଦେହ ଖରାପ ଟିକେ ତାକୁ ଡାକ୍ତରଙ୍କୁ ଦେଖେଇବି । ହେଲେ ଉପସ୍ଥିତ କର୍ମଚାରୀଙ୍କର ଏକା ଜିଦ ଦୁଇହଜାର ନହେଲେ ଆପଣ ଡାକ୍ତରଙ୍କୁ ଦେଖା କରି ପାରିବେନି । ଆରେ ସୁମ ମୋ ଗାଁର ମୋ ନାତି ହବ ସିଏପା ଆମ ସାଇ ପିଲା । ସିଏ କ’ଣ ମୋଠୁ ପଇସା ରଖିବ ଏମିତି କହି ଡାକ୍ତରଙ୍କ କୋଠରୀ ଆଡ଼କୁ ଦଉଡିଗଲା । କବାଟଟାକୁ ହାତରେ ଠେଲି ଦେଇ କହିଲା ଏ ସୁମ ମୁଁ ନେତି ମା ତମ ଗାଁର ଏମାନେ ମୋତେ ତୋ ପାଖକୁ ଛାଡୁ ନାହାନ୍ତିରେ, ନାତି ଦେହଟା ଭାରି ଖରାପ ଟିକେ ଦେଖିକି ଭଲ ଓସଦ ଲେଖିଦେଲୁ ମୋ ନାତିଟା ଭଲ ହେଇଯାଉ ।

ଡାକ୍ତର ବାବୁ ରାଗିଗଲେ ସିକ୍ୟୁରିଟି ସିକ୍ୟୁରିଟି କ’ଣ କରୁଛ ବୋଲି ଡାକ ପକେଇଲେ । ସାଙ୍ଗେ ସାଙ୍ଗେ ସିକ୍ୟୁରିଟି ଆସି ବୁଢ଼ୀକୁ ବାହାରକୁ ନେଇ ଆସିଲା । ବାହାରେ ଛାଡିଲା ବେଳେ କହିଲା ମାଉସୀ ଇଏ ପ୍ରାଇଭେଟ ସଂସ୍ଥା ପଇସା ନଦେଲେ କେମିତି ହବ । ଯା ପାଖ ସରକାରୀ ମେଡ଼ିକାଲରେ ନାତିକୁ ଦେଖେଇ ଔଷଧ ନେଇଯିବୁ।

ଦଶ ପନ୍ଦର ବର୍ଷ ତଳର କଥା ଆଜି କାଲି କା ଯୁଗ ଭଳି ଏତେ ସରକାରୀ ସୁବିଧା ନଥିଲା । ବୁଢ଼ୀ ଗାଁ ବସରେ ଘରକୁ ଫେରିଲାବେଳେ ବାଟରେ ସେଇ ଗୋଟିଏ କଥା ଭାବୁଥିଲା । ଇଏ ସେଇ ସୁମଟି, ହଁ ଏବେ ଡାକ୍ତର ସୁମନ ମହାନ୍ତି ଯିଏ ଦିନେ ସ୍କୁଲ ଗଲାବେଳକୁ ମୋଠୁ ଆଠେଣା ଟଙ୍କେ ନେଇ ଖୁସି ହେଉଥିଲା । ତା’ ପରୀକ୍ଷା ଚାନ୍ଦା ଦେବାକୁ ତା ବାପାଙ୍କ ପାଖେ ପଇସା ନଥିଲା ଯେ ମୋଠୁ ତିନିଶହ ଟଙ୍କା ମାଗି ନେଇଥିଲେ ଯାହା ସେ କେବେ ଫେରେଇ ପାରି ନାହାନ୍ତି କି ମୁଁ ମାଗିନି । ନାତିଟା ତାର ଚିକିତ୍ସା ଅଭାବରୁ ମରିଗଲା । ବୁଢ଼ୀ ଯିବାର ବି କେତେବର୍ଷ ବିତି ଗଲାଣି ।

ଏବେ ସବୁଠି ସେଇ ଡାକ୍ତର ବାବୁଙ୍କ ଚର୍ଚ୍ଚା ସେ କୁଆଡେ ଦୁଇ ଦୁଇ ଥର ଗୀରଫ ହୋଇ ଜାମିନରେ ଫେରିଲେଣି । ଥରେ କ’ଣ ରୋଗ ନଥାଇ ଘରୋଇ ଡାକ୍ତରଖାନାରେ ଅପରେସନ କରିବାକୁ ରୋଗୀକୁ ବାଧ କରି ଆଉଥରେ ମହିଳା ରୋଗୀଙ୍କୁ ଅସଦ ଆଚାରଣ କରି । ସେ ଡାକ୍ତର ବାବୁକିନ୍ତୁ ସବୁବେଳେ ଚର୍ଚ୍ଚାରେ କେତେବେଳେ ତାଙ୍କ ଭଲ ଚିକିତ୍ସା ପାଇଁ ତ ଆଉ କେବେ ନିଜର ମନ୍ଦ କର୍ମ ପାଇଁ ।

ତାଙ୍କ ଗାଁ ଲୋକଙ୍କ ଚା ପିଆ ଖଟିରେ ଏମିତି ସବୁ ଆଲୋଚନା ହୁଏ । ଛାଡ଼ ଆମର କ’ଣ ଯାଉଛି ଡାକ୍ତର ବାବୁ କ’ଣ କରିବେ କ’ଣ ନକରିବେ ସେଇଟା ତାଙ୍କ ଇଚ୍ଛା ।

+କୁଣ୍ଡିଲୋ , କେରଙ୍ଗ, ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦

# ଈଶ୍ୱରର ପ୍ରତିମା

ସୁଦର୍ଶନ ମହାପାତ୍ର



ସାନ ବୋହୂ ଫୋନ କରି କହିଛନ୍ତି ସେମାନେ ଝିଆରୀ ବାହାଘରକୁ ଆସିବେ କିନ୍ତୁ ତାଙ୍କ ଭାଗର ଜମିବାଡ଼ି ଓ ଘରଡିହ ସବୁ ବିକି ଦେଇ ଏଇଥର ଯିବେ। ଏକଥା ଶୁଣି ନିରଞ୍ଜନ ଖୁବ୍ ବ୍ୟତିବ୍ୟସ୍ତ ହୋଇ ପଡିଲେ। ଜମିବାଡ଼ିରୁ ତ ଆଜିକାଲି ଆୟ ନାହିଁ,ବହୁ କଷ୍ଟରେ ଚଳୁଛନ୍ତି, କିନ୍ତୁ ଘରବାଡ଼ି ବିକିଲେ ପରିବାର ରହିବେ କେଉଁଠି ? ଦୁଇ ବଖରା ଘର ମାତ୍ର। ମରାମତି ଅଭାବରୁ ଛାତରୁ ପାଣି ଗଳୁଛି। ସାନବୋହୂ ଅବଶ୍ୟ ଶୁଣାଇ ଦେଇଛନ୍ତି ଚାହିଁଲେ ଉପଯୁକ୍ତ ଦାମ ଦେଇ ସେ ସମ୍ପତ୍ତି କିଣି ପାରିବେ। କିନ୍ତୁ ନାହିଁ ନାହିଁର ସଂସାରକୁ ଜମି କିଣିବା କଥା ନିହାତି ହାସ୍ୟାସ୍ପଦ କଥା ତାଙ୍କ ପାଇଁ। ଏପଟେ ଝିଅର ବାହାଘର ଠିକ୍ ସରିଛି। ସେ ଏହି ସମୟରେ କେତେ କ’ଣ ଆଶା କରିଥିଲେ ସାନଭାଇ ସୁରଞ୍ଜନ ଠାରୁ..! ଅଥଚ..!!

ନିରଞ୍ଜନ ଭାବି ଚାଲିଥିଲା ଆକାଶ ପାତାଳ। ମନେ ପଡିଲା ରାବଣର ମୃତ୍ୟୁ ସମୟରେ ଶ୍ରୀରାମଙ୍କୁ କହିଥିବା କଥା, ‘ମୁଁ ସ୍ୱର୍ଣ୍ଣମୟୀ ଲଙ୍କାର ରାଜା, କୁମ୍ଭକର୍ଣ୍ଣ ମେଘନାଦ, ମହୀରାବଣ ପରି ମହାବୀର ମୋ ପକ୍ଷରେ ଥାଇ ମଧ୍ୟ ଆଜିର ଅବସ୍ଥା ମୋ ଭାଇ ବିଭୀଷଣ ଯୋଗୁଁ ହେଲା। ତୁମେ ସାଧାରଣ ଯୋଗୀଟିଏ ହୋଇ, କିଛି ଭାଲୁ ମାଙ୍କଡଙ୍କୁ ସାଥୀରେ ଧରି ବିଜୟ ଲାଭକଲ କାରଣ ତୁମ ଭାଇ ଲକ୍ଷ୍ମଣ ତୁମ ସହିତ ଦୃଢ଼ ହୋଇ ଥିଲା।’ ସ୍ୱୟଂ ଶ୍ରୀରାମ କହିଥିଲେ, ‘ବଳଂ ଭ୍ରାତୃ ବଳାନ୍ୱିତ ନାନ୍ୟ ବଳଂ।’ କେଉଁଠି ତା’ର ଭୁଲ ରହିଗଲା ବଡ଼ ଭାଇର କର୍ତ୍ତବ୍ୟ କରିବାରେ !

ଅବଶ୍ୟ ସେ କେଉଁଠି ପଢ଼ିଥିଲେ ‘ସବୁଠାରୁ ବଡ ଶତୃ ଥାଏ ମା ପେଟରେ’...ଭାଇ ହିଁ ଭଗାରି। ତଥାପି ଏ କଥାକୁ ଗ୍ରହଣ କରିବା ନିରଞ୍ଜନଙ୍କ ପାଇଁ କଷ୍ଟକର ଥିଲା। ସୁରଞ୍ଜନ ସବୁ ଜାଣି ବି ନୀରବ ରହିଲା କିପରି ? ପିଲାଦିନର ସେ ଆଦର ସୋହାଗ, ସବୁ ଭୁଲିଗଲା ! ବାପା ବୋଉ ଆଗ ପଛ ହୋଇ ଚାଲିଗଲେ, ଯେତେବେଳେ ତାଙ୍କ ବୟସ ଚଉଦ ଓ ସୁରଞ୍ଜନଙ୍କୁ ଆଠ ବର୍ଷ। ନିଜେ ପାଠ ଛାଡ଼ି, ମୂଲ ମଜୁରି କରି ପାଠ ପଢ଼ାଇଲା ସାନଭାଇକୁ। ତା ସହିତ ରୋଷେଇ ବାସନମଜା ସବୁ, ତା’ର ପଢ଼ାରେ ଯେପରି ବ୍ୟାଘାତ ନହୁଏ। ସେଥିରେ ସୁରଞ୍ଜନଟା ଦୁର୍ବଳିଆଟା ! ଜର ବାଧକି ସବୁବେଳେ । ତା ସେବାରେ ମଜୁରି ଲାଗିବାକୁ ବି ବେଳେବେଳେ ଯାଇ ହୁଏ ନାହିଁ।

ସୁରଞ୍ଜନ ଅନ୍ୟମାନଙ୍କ ଆଗରେ ସେତେବେଳେ କହୁଥିଲା, ମୋ ଭାଇ ହେଉଛନ୍ତି ମୋର ବାପା, ମାଆ ମୋର ଭଗବାନ। ହେଲେ ଏବେ ହାତକୁ ଦି’ ହାତ ହେଲାପରେ ଭୁଲିଗଲା ସବୁକଥା ?

ନିରଞ୍ଜନ ପୁଣି ଶୁଣିଲେ ଗାଆଁର ସରପଞ୍ଚ ଧରମା କିଣିବ ଏଇ ଘରଡିହର ଅର୍ଦ୍ଧେକ। ତା’ର ମନ୍ଦ ପ୍ରକୃତି ବିଷୟରେ ସମସ୍ତଙ୍କୁ ଜଣା। ସେ କାଳେ ସାନବୋହୁଙ୍କର ଲେଖା ଯୋଖା ମାମୁ ପୁଅ ଭାଇ। ଏମିତି କାମୁକ ପ୍ରକୃତିର ଲୋକ ପାଖରେ ରହିବାଠୁ ଭଲ ପରିବାର ନେଇ ମନ୍ଦିର ବେଢ଼ାରେ ମୁଣ୍ଡ ଗୁଞ୍ଜିବା।

ଅନାହୂତ ପରିସ୍ଥିତିକୁ ସାମ୍ନା କରିବାକୁ ମନେ ମନେ ପ୍ରସ୍ତୁତ ରହିଲେ ନିରଞ୍ଜନ।

ହଠାତ୍ ଘର ପାଖରେ ସୁରଞ୍ଜନର ସାଙ୍ଗ ଆଶୁତୋଷକୁ ଦେଖି ଆଶ୍ଚର୍ଯ୍ୟ ହେଲେ ନିରଞ୍ଜନ। ତା’ ହାତରେ ପୁଣି ଟଙ୍କାର ବ୍ୟାଗ। କହିଲା ବଡ଼ଭାଇ, ଝିଅ ବାହାଘର କଥା। ଟଙ୍କାର ବହୁତ ଦରକାର ଥିବ ଏବେ। ସୁରଞ୍ଜନ ସାହାଯ୍ୟ ନକଲା ନାହିଁ, ଏ ଲକ୍ଷେ ଟଙ୍କା ଧାର ଭାବି ରଖିଥାଅ, ସୁବିଧା ହେଲେ ଫେରାଇ ଦେବ। ବାହାଘର ସୁରୁଖୁରୁରେ ହେଇଯାଉ। ସେ ଝିଅ କଣ ମୋର ନୁହେଁ !

- ‘ଯିଏ ଝିଅ ଭାବି କର୍ତ୍ତବ୍ୟ କରିଥାନ୍ତା, ସେଇ ସୁରଞ୍ଜନ ସବୁ ଦାୟିତ୍ୱ ଭୁଲିଗଲା ଆଉ ତୁ ରକ୍ତର ସମ୍ପର୍କ ନଥାଇ, ଯାହା କଲୁ, ଜୀବନରେ ଭୁଲି ପାରିବି ନାହିଁ।’ ଆଖି ଛଳଛଳ କରି କହିଲେ ନିରଞ୍ଜନ।

ଦୁଇ ଦିନ ପରେ ଝିଅ ବାହାଘର। ଆଶୁତୋଷ ନିଜ ତରଫରୁ କିଛି କାମ ମାଗିନେଲା ଏବଂ ସୁରୁଖୁରୁରେ ସମ୍ପାଦନ କରିବ ବୋଲି ଆଶ୍ୱାସନା ଦେଲା।

ସୁରଞ୍ଜନ ଆସି ପହଁଚିଲା ବାହାଘର ଦିନ। ‘ଫ୍ଲାଟ୍‌ଟିଏ ବୁକିଂ କରିଥିବାରୁ ହାତରେ ପଇସା ନାହିଁ’ ବୋଲି ଶୁଣାଇଲା ସାନବୋହୂ । କୋଡିଏ ହଜାର ଟଙ୍କା ଆଣି ଭାଉଜ ହାତରେ ଧରେଇ ଦେଇଗଲା ବାହାଘର ଖର୍ଚ୍ଚ ପାଇଁ। ଯେଉଁ ଭାଇ ଭରସାରେ ସେ କେତେ କେତେ ସ୍ୱପ୍ନ ଦେଖିଥିଲେ, ନିଜ ପିଲାମାନଙ୍କୁ ଅଣଦେଖା କରିବାକୁ ପଛେଇ ନଥିଲେ ସେ ଆଜି ବନ୍ଧୁ ବାନ୍ଧବ ଭଳି କଥାବାର୍ତ୍ତା କରୁଛି ! ଉଦ୍ରେକ ହେଉଥିବା କୋହକୁ ବଶୀଭୂତ କରିବାକୁ ଆପ୍ରାଣ ଚେଷ୍ଟା କରି ଚାଲିଥିଲେ ନିରଞ୍ଜନ।

ଝିଅ ବିଦା ହେଲା ଶାଶୁଘରକୁ। ହାତରେ ଗୋଟିଏ ଦିନ । ତାଙ୍କ ଭାଗ ଘରଡିହ ଏବଂ ଜମି କିଣିବାକୁ ଇଚ୍ଛା ତ’ କାଲିକୁ ପଇସା ଯୋଗାଡ କରିବାକୁ ଚେତାବନୀ ଦେଇଗଲା ସାନବୋହୂ । କିଂକରୋତି ଅବସ୍ଥାରେ ପଡିଲେ ସ୍ୱାମୀ,ସ୍ତ୍ରୀ ଦୁହେଁ। ଗୋଟିଏ ବୋଲି ପୁଅ ଏପର୍ଯ୍ୟନ୍ତ ଚାକିରି ପାଇଁ ସଂଘର୍ଷ କରୁଛି। ଭାଙ୍ଗି ପଡୁଥିଲେ ନିରଞ୍ଜନ ଭିତରେ ଭିତରେ।



ହଠାତ୍ ସଞ୍ଜ ରତରତ ସମୟରେ ପହଞ୍ଚିଲା ଆଶୁତୋଷ। ନିରଞ୍ଜନ ପ୍ରମାଦ ଗଣିଲେ। ଏଇ ସମୟରେ କ’ଣ ଉଧାର ପଇସା ମାଗିବାକୁ ଆସଗଲା କି ଆଶୁତୋଷ....!!

ଘର ଭିତରକୁ ଡାକି ନେଇ ପଇସା ଭର୍ତ୍ତି ବ୍ୟାଗଟିଏ ବଢ଼ାଇ ଦେଲା ଆଶୁତୋଷ। କହିଲା, ‘ଭାଇ ! ଭାଗ ଜମି, ଘର ସବୁ ମୁଁ କିଣିବି, ସେ ସରପଞ୍ଚକୁ କିଣିବାକୁ ଦେବି ନାହିଁ। ଆମ ଘରେ ଜାଣିଲେ ଏବେ ଅସୁବିଧା ହୋଇଯିବ। ସେଥିପାଇଁ ଆପଣଙ୍କ ନାମରେ କିଣି ଦିଅନ୍ତୁ। ପରେ ମୋ ନାମକୁ କରାଇ ନେବି।’ ନିରଞ୍ଜନକୁ କିଛି କହିବାକୁ ସୁଯୋଗ ନଦେଇ କେବଳ ରାଣ ପକାଇ କାହାକୁ କିଛି ନକହିବାକୁ କହି ଝଡ଼ ପରି ବାହାରି ଚାଲିଗଲା ଆଶୁତୋଷ । ସୁରଞ୍ଜନ ନିଜ ଭାଗର ଜମି ଜାଗା ବଡ଼ ଭାଇକୁ ବିକ୍ରି କରି ଚାଲିଗଲା । ଯେପରି କିଛି ବି ସମ୍ପର୍କ ନାହିଁ ! ଦୁଃଖରେ ଭାଙ୍ଗି ପଡ଼ିଲେ ନିରଞ୍ଜନ। ପ୍ରତି ରାତିରେ ଅନିଦ୍ରା ରହି ଭାବନ୍ତି କଣ ତାଙ୍କର ଭୁଲ ଯେ ଲକ୍ଷ୍ମଣ ପରି ସାନଭାଇ ଏପରି ବଦଳିଗଲା ! ତିନି ମାସ ଗଲା, ଛ ମାସ ଗଲା ଆଶୁତୋଷର ଧରାଛୁଆଁ ନାହିଁ କି ଜମି ବାଡ଼ିର ହସ୍ତାନ୍ତର ବିଷୟରେ କିଛି କହୁନି। କେତେ ଥର ତାକୁ ଏ ବିଷୟରେ ଫୋନ୍ କରି ପଚାରିଲେଣି ନିରଞ୍ଜନ। ସେଇ ଏକା ଉତ୍ତର।‘ସମୟ ସୁବିଧା ଦେଖି ଯିବି। ବ୍ୟସ୍ତ କାହିଁକି ହେଉଛନ୍ତି ?’ ଦିନେ ଘରେ ପହଞ୍ଚିଲା ଆଶୁତୋଷ। ହେଲେ ଜମିବାଡି କଥା ନହୋଇ କଥା ହେଲା ପୁଅର ଭବିଷ୍ୟତ ବିଷୟରେ। ନିରଞ୍ଜନଙ୍କୁ ଏବଂ ପୁଅ ବିବେକକୁ ବୁଝାଇଲା ବ୍ୟବସାୟ ବିଷୟରେ। ବିବେକ ଫାର୍ମାସିଷ୍ଟ ତ ଔଷଧ ଦୋକାନଟିଏ ଖୋଲିବାକୁ ପ୍ରସ୍ତାବ ଦେଲା। ଏ ବ୍ୟବସାୟରେ କ୍ଷତି ହେବନାହିଁ ବୋଲି ଆଶ୍ୱାସନା ଦେଲା। ସେ ପୁଣି ଟଙ୍କା ଦେବ ଏବଂ ଲାଭାଂଶରୁ ଧିରେ ଧିରେ ଟଙ୍କା ପରିଶୋଧ କରିବାକୁ ପ୍ରସ୍ତାବ ମଧ୍ୟ ଦେଲା। ନିରଞ୍ଜନ ନିର୍ବାକ ହୋଇ ତାକୁ ଚାହିଁଥିଲେ କେବଳ। ମନେ ମନେ ତା’ର ମଙ୍ଗଳ କାମନା କରୁଥିଲେ ଇଶ୍ୱରଙ୍କ ପାଖରେ। ‘ଆରେ, ଭିତରେ ଘରେ ଆଶୁତୋଷ ଫୋନ୍ ଛାଡିଦେଇଗଲେ’ ଜଣେଇଲେ ଆସି ପତ୍ନୀ ନୀଳିମା। ହେଲେ ତା ଫୋନ୍ ତ ଏଠି ! ଜଣେଇବା କେମିତି ? ଦ୍ୱିଧାରେ ପଡିଲେ ନିରଞ୍ଜନ। ଭାବିଲେ ଆଶୁତୋଷ ନିଶ୍ଚୟ ଫୋନ୍ ଛାଡି ଯାଇଛି ଜାଣି ଅଳ୍ପ ସମୟ ମଧ୍ୟରେ ଫେରି ଆସିବ। ଏତିକି ବେଳକୁ ଆଶୁତୋଷର ଫୋନ୍ ବାଜିଲା। ‘ଅଜଣା ନମ୍ବର ଦେଖାଉଛି ମାନେ ଆଶୁତୋଷ ଦାଦା ନିଶ୍ଚୟ ଫୋନ୍ କରିଛନ୍ତି’ କହିଲା ପୁଅ। ନିରଞ୍ଜନ ଅଗତ୍ୟା ଫୋନ୍ ଉଠାଇଲେ। - ‘ଆଶୁତୋଷ, ଭାଇଙ୍କୁ ଜାଗା ବାଡି କିଣା ବିଷୟରେ କିଛି କହିନୁ ତ ? ବିବେକ ରାଜି ହେଲା ତ ବ୍ୟବସାୟ କରିବା ପାଇଁ ? କହ କେତେ ଟଙ୍କା ପଠେଇବି... ?’

ଆରେ ଏ ତ ସୁରଞ୍ଜନର କଣ୍ଠ। ତେବେ କ’ଣ ମୋ ଭାଇ ଏସବୁ କାମ କରାଇଛି ? କୋହ ଉଠୁଥିଲା ଛାତିରୁ। କେବଳ ଏତିକି କହି ପାରିଲେ ‘ ମୁଁ ଭାଇ କହୁଛି... !’ ଫୋନ୍ କଟିଯାଇଥିଲା।

ଆଶୁତୋଷ ଫୋନ୍ ନେବା ପାଇଁ ଆସି ପହଞ୍ଚି ଯାଇଥିଲା ସେତେବେଳକୁ।

ଆଶୁତୋଷ ଫୋନ୍ ନେଇ ତରବରରରେ ଯାଉ ଯାଉ କହିଲା, ‘ସୁରଞ୍ଜନ ଖାଣ୍ଟି ସୁନା ଭାଇ। ମତେ ଯେଉଁ ଦାନୀ କର୍ଣ୍ଣ ଭାବୁଛ, ସବୁ ପଇସା କିନ୍ତୁ ସେଇ ଦେଇଛି, ଆଉ ମତେ ରାଣ ପକାଇ ନାଆଁ ନକହିବାକୁ କହିଛି। କେବଳ ଅନୁରୋଧ ଏ କଥା ଯେପରି ପ୍ରଘଟ ନହୁଏ ବାହାରେ। ନଚେତ୍ ତାଙ୍କ ପରିବାରରେ ସାଂଘାତିକ ଝଡ଼ ଉଠିବ।’ ନିରଞ୍ଜନ ମୂକ ପାଲଟି ଯିବେ କି ଆଉ ! ତାଙ୍କ ସାନ ଭାଇ ତାଙ୍କ ଆଖିରେ ବଡ଼ ଦେଖା ଯାଉଥିଲା, ଠିକ୍ ରାମ ଲକ୍ଷ୍ମଣ ରୂପ ବଦଳି କୃଷ୍ଣ ବଳରାମ ରୂପ ନେଲାପରି।

ଆଶୁତୋଷ ଚାଲିଗଲାଣି କେତେବେଳୁ, ନିରଞ୍ଜନ ସେଇଠି କାଠ ପରି ବସିଛନ୍ତି ଯେ ବସିଛନ୍ତି। ଫୋନ୍ କଲେ ସାନଭାଇ ପାଖକୁ। ସେପଟୁ ନିଃଶବ୍ଦ। -‘ ଏ ଜନ୍ମରେ ତୋ ଋଣ ଶୁଝିବା ମୋ ଦ୍ୱାରା ସମ୍ଭବ ନୁହେଁ। ଆର ଜନ୍ମକୁ ତୋ ସାନଭାଇ ହୋଇ ତୋ’ର ସେବା କରି ଋଣ ଶୁଝିବାକୁ ଚେଷ୍ଟା କରିବି।’ -‘ ନା ଭାଇ, ସେମିତି ନୁହେଁ ଜମା ନୁହେଁ। ସବୁ ଜନ୍ମରେ ମୁଁ ତୁମର ସାନଭାଇ ହୋଇ ତୁମ ସେବା କରିବାକୁ ସୁଯୋଗ ପାଇଲେ ମୋ ଜୀବନ ସାର୍ଥକ ହୋଇଯିବ।’ ଧୀର ସ୍ୱରରେ କହିଲା ସୁରଞ୍ଜନ...!!!

+କୁଞ୍ଜବିହାରୀ ଲେନ, କଟକ

# ଓଡିଶା ଅଣଗେଜେଟେଡ଼ କର୍ମଚାରୀ ସମନ୍ୱୟ ସମିତିର ବୈଠକ

ଜୟପୁର, ୧୪/୦୭ (ନି.ପ୍ର): ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୋରିଗୁମ୍ମା ଶିକ୍ଷକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ସଭାପତି ଶଶୀଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ବିଭିନ୍ନ ବର୍ଗର କର୍ମଚାରୀ ଯୋଗଦାନ କରିଥିଲେ । କର୍ମଚାରୀ ମାନଙ୍କ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରିବା ପାଇଁ ରାଜ୍ୟ ସଂଘକୁ ଅନୁରୋଧ କରିବା ନେଇ ବୈଠକରେ ସ୍ଥିର କରାଯାଇଥିଲା । ଏଥିରେ ମୁଖ୍ୟତଃ କର୍ମଚାରୀ ମାନଙ୍କର ପୁରୁଣା ପେନସନ ଲାଗୁ କରିବା, ପୁରୁଣା ନିୟମାନୁସାରେ ନିଯୁକ୍ତି ଦେବା, ଏକ୍ସ କ୍ୟାଡ଼ର ର ଉଚ୍ଛେଦ କରିବା, ଠିକା ନିଯୁକ୍ତ ଉଚ୍ଛେଦ କରିବା, କୋଭିଡ୍ ମହାମାରୀ ସମୟରୁ ସ୍ଥଗିତ ରଖିଥିବା ମହଙ୍ଗା ଭତାକୁ ପ୍ରଦାନ କରିବା, କର୍ମଚାରୀ ମାନଙ୍କ ବହୁ ଦିନର ଦରମା ଅସଙ୍ଗତି ଦାବି ପୂରଣ କରିବା ଓ ଠିକ୍ ସମୟରେ ସମସ୍ତ ବିଭାଗର ଖାଲି ପଡିଥିବା ପଦବୀ ପୂରଣ କରିବା ସହ ପଦନ୍ନୋତି ଦେବା । ଉକ୍ତ ବୈଠକରେ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ସମ୍ପାଦକ ମହେଶ୍ୱର ମିଶ୍ର, କାର୍ଯ୍ୟକାରୀ ସଭାପତି କିଶୋର ସାହୁ, ଗଣମାଧ୍ୟମ ସମ୍ପାଦକ ଏନ୍. କାମେଶ୍ୱର ରାଓ, ସାଙ୍ଗଠନିକ ସମ୍ପାଦକ ଗୋଲକ ବିହାରୀ ଚୌଧୁରୀଙ୍କ ସମେତ ବହୁ ବରିଷ୍ଠ ଓ କନିଷ୍ଠ କର୍ମଚାରୀ ଯୋଗଦାନ କରିଥିଲେ । ଦାବି ଗୁଡ଼ିକ ଉପରେ ସରକାରଙ୍କୁ ସ୍ମାରକ ପତ୍ର ଦେବା ପାଇଁ ରାଜ୍ୟ ସଂଘକୁ ସମସ୍ତ ଉପସ୍ଥିତ କର୍ମଚାରୀ ଅନୁରୋଧ କରିଥିଲେ । ପରିଶେଷରେ ଶ୍ରୀ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇସ୍ ମିଲ୍ ମାଲିକଙ୍କୁ ଅପହରଣ ଅଭିଯୋଗ

ଜୟପୁର, ୧୪/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମାରେ ରାଇସ୍ ମିଲ୍ ମାଲିକ ଏ. ରମେଶ ପାତ୍ରଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି । ଗତକାଲି ରାତିରେ ସେ ମିଲ୍ ରୁ ଫେରୁଥିବା ବେଳେ ଦୁର୍ବୃତ ମାନେ ତାଙ୍କ କାର୍ କୁ ଅଟକାଇବା ସହ କାର୍ ର କାଚ ଭାଙ୍ଗି ତାଙ୍କୁ ଅପହରଣ କରିନେଇଥିବା ବୋରିଗୁମ୍ମା ଥାନାରେ ପରିବାର ଲୋକ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତି କରି ଏ ସଂକ୍ରାନ୍ତରେ ଏକ ମାମଲା ରୁଜ୍ଜୁ କରିବା ସହ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଗତକାଲି ରାତି ପ୍ରାୟ ସାଢ଼େ ୮ଟା ସମୟରେ ଏ. ରମେଶ ପେରାହାଣ୍ଡି ମିଲ୍ ରୁ ନିଜ ଘର ଗୁମୁଲିପୁଟକୁ ଫେରିବା ବେଳେ ପେରାହାଣ୍ଡି ପୋଲ ନିକଟରେ କିଛି ଦୁର୍ବୃତ ପ୍ରଥମେ ତାଙ୍କ କାର୍ କୁ ଅଟକାଇଥିଲେ । ପରେ କାର୍ ର କାଚ ଭାଙ୍ଗି ତାଙ୍କ କାର୍ ରେ ହିଁ ତାଙ୍କୁ ଅପହରଣ କରିନେଇଥିବା ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ହେଲେ କାହିଁକି, କେଉଁ ଉଦ୍ଦେଶ୍ୟରେ ତାଙ୍କୁ ଅପହରଣ କରାଯାଇଛି ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । ବୋରିଗୁମ୍ମା ପୋଲିସ ଅଭିଯୋଗକୁ ଭିତି କରି ଏ ସଂକ୍ରାନ୍ତରେ ଏକ ମାମଲା ରୁଜ୍ଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି । ବୋରିଗୁମ୍ମା ଏସଡିପିଓ ତପସ୍ୱିନୀ କଅଁର ଏନେଇ ସୂଚନା ଦେଇ କହିଛନ୍ତି ଯେ, ଗତକାଲି ରାତିରେ ମିଲ୍ ମାଲିକ ଏ. ରମେଶ ମିଲ୍ ରୁ ଘରକୁ ଫେରୁଥିବା ବେଳେ ଦୁର୍ବୃତ ମାନେ ତାଙ୍କର ପିଛା କରି ବାଟରେ ତାଙ୍କ କାର୍ କୁ ଅଟକାଇଥିଲେ । କାର୍ ର କାଚ ଭାଙ୍ଗି ତାଙ୍କୁ ଅପହରଣ କରି ନେଇଛନ୍ତି । ଏନେଇ ପରିବାର ଲୋକଙ୍କ ଅଭିଯୋଗକୁ ଭିତି କରି ବୋରିଗୁମ୍ମା ଥାନାରେ ୧୬୪/୨୪ ରେ ଏକ ମାମଲା ରୁଜ୍ଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ କରୁଛି । ଟଙ୍କା ପାଇଁ ତାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି । ଅପହୃତ ମିଲ୍ ମାଲିକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚାଲିଛି । ମାମଲାର ତଦନ୍ତ ପାଇଁ ଟିମ୍ ଗଠନ ହୋଇଛି ।

# ଗୃହ ବିଭାଗ ସ୍ୱୀକୃତିର ଜାଲିଆତି: ଏତଲା ଦେବା ପାଇଁ ନିଷ୍ପତ୍ତି

ଜୟପୁର, ୧୪/୦୭ (ନି.ପ୍ର): ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ଏକ ଜରୁରୀକାଳୀନ ବୈଠକ ସ୍ଥାନୀୟ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଶଶୀ ଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟ ରତ ଅମଲା ମାନେ ଯୋଗଦାନ କରିଥିଲେ । ଉକ୍ତ ବୈଠକରେ ଆସନ୍ତା ୧୭ ତାରିଖରେ କୋରାପୁଟ ଅମଲା ଭବନ ରେ ହେବାକୁ ଥିବା ଓଡିଶା ଅମଲା ସଂଘ ର ୮୧ ବର୍ଷ ପୂର୍ତି ମହୋତ୍ସବ କିପରି ସୁରୁଖୁରୁରେ ହେବ ସେ ନେଇ ସବିଶେଷ ଆଲୋଚନା ହୋଇଥିଲା ବର୍ତମାନ ସୁଦ୍ଧା ରାଜସ୍ୱ ଅମଲା ସଂଘ ର କିଛି କୁ ଚକ୍ରାନ୍ତକାରି ଦାୟିତ୍ୱ ହସ୍ତାନ୍ତର ନ କରି ଅପର ପକ୍ଷରେ ନିଜେ ନିଜେ ସଭାପତି, ସମ୍ପାଦକ ବଲାଉଛନ୍ତି , । ଗୃହ ବିଭାଗ ଓଡ଼ିଶା ଅମଲା ସଂଘକୁ ସ୍ୱୀକୃତି ଦେଇଥିବା ବେଳେ ସେଇ ସ୍ୱୀକୃତି ସଂଖ୍ୟାକୁ ଚୋରି କରି ନିଜେ ନିଜେ ଓଡ଼ିଶା ଅମଲା ସଂଘର ନକଲ କରିଥିବା ଯୋଗୁଁ ରାଜ୍ୟ ସଂଘ ଉକ୍ତ ରାଜସ୍ୱ ବିଭାଗର ଅମଲା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଏହା ଗୃହରେ ଆଲୋଚନା ହେବା ପରେ ସଂପୃକ୍ତ ନକଲକାରିଙ୍କ ବିରୋଧରେ ଜୟପୁର ଟାଉନ ଥାନାରେ ଏତଲା ଦେବା ନିମନ୍ତେ ସ୍ଥିର କରାଯାଇଥିଲା । ଏ ନେଇ ଆଇନ ପରାମର୍ଶଦାତାଙ୍କୁ ଅବଗତ କରାଇ ଥାନାରେ ଏତଲା ଦେବା ପାଇଁ ସମସ୍ତେ ଦାବି କରିଥିଲେ । ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ ହେବ ଓଡ଼ିଶା ଅମଲା ସଂଘକୁ ବିରୋଧ କରି ଆସୁଥିବାକୁ ଚକ୍ରାନ୍ତକାରି ମାନେ ଓଡ଼ିଶା ଅମଲା ସଂଘର କର୍ମକର୍ତା ହେବା ତ ଦୂରର କଥା ସେମାନେ ଓଡ଼ିଶା ଅମଲା ସଂଘର ସଦସ୍ୟ ବି ହୋଇ ପାରିବେ ନାହିଁ । ଏ ନେଇ ରାଜ୍ୟ ସଂଘ ଜିଲ୍ଲାପାଳ କୋରାପୁଟଙ୍କୁ ପତ୍ର ଲେଖିଥିବାରୁ ରାଜ୍ୟ ସଂଘକୁ ସମସ୍ତ ଉପସ୍ଥିତ ସଦସ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶିଘ୍ର ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

# ଶ୍ମଶାନ ଜମି କେଳଙ୍କାରୀରେ ଲିପ୍ତ ହରିଚନ୍ଦନପୁର ତହସିଲଦାର: ବଢୁଛି ଜନଅସନ୍ତୋଷ ତେଜୁଛି ଆନ୍ଦୋଳନ

ହରିଚନ୍ଦନପୁର, ୧୪/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ତହସିଲ ଅନ୍ତର୍ଗତ ସ୍ଥାନୀୟ ମୂଷଳ ନଦୀର ପାର୍ଶ୍ୱରେ ଥିବା ୧ ଏକର ୮୨ ଡିସିମିଲ ଅନାବାଦୀ ଜମିକୁ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି । ବର୍ତମାନର କାର୍ଯ୍ୟରତ ତହସିଲଦାର ହିମାଂଶୁ ଶେଖର ପଣ୍ଡା ଏବଂ ଅତିରିକ୍ତ ତହସିଲଦାର ବିରାମ୍ କିସ୍କୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ବିକ୍ରି କରିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଯୋର୍ ଧରିଛି । ପୂର୍ବ ପୁରୁଷ ଧରି ଯେଉଁ ଅନାବାଦୀ ଜମିରେ ହରିଚନ୍ଦନପୁରର ସ୍ଥାନୀୟ ବାସିନ୍ଦା ଶବ ସତ୍କାର କରିଆସୁଥିଲେ ସେହି ଜମିରୁ ସମାଧି ଭାଙ୍ଗି ବ୍ୟକ୍ତିଗତଙ୍କୁ କେଉଁ ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ ପାଇଁ ଅନୁମତି ଦିଆଗଲା । ଏସମ୍ପର୍କରେ ପଚାରିବାରୁ କେବଳ ନାଲି ଆଖି ଛଡା ଜନସାଧାରଣ ଓ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିବାକୁ ଭୟ କରୁଛନ୍ତି ତହସିଲଦାର ଓ ଅତିରିକ୍ତ ତହସିଲଦାର । ରାଜ୍ୟ ସରକାର ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଏଠାରେ ହଜାର ହଜାର ଲୋକଙ୍କ ସ୍ୱାର୍ଥକୁ ବଳି ପକାଇ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ କେମିତି ଅନାବାଦୀ ଶ୍ମଶାନ ଜମି ଛଡାଯାଉଛି । ଯେଉଁ ଜମିକୁ ରାସ୍ତା ନାହିଁ ସେହି ଜମିକୁ କିପରି ଘରବାଡ଼ି ପଟ୍ଟା ପ୍ରଦାନ କରାଯାଇଛି ଯାହା ତାଙ୍କ କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତହସିଲଦାରଙ୍କ ଏମିତି କାର୍ଯ୍ୟକଳାପ ଓ ଲାଭଖୋର ନୀତିକୁ ନେଇ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନର ପନ୍ଥା ଆପଣେଇବାକୁ ବାଧ୍ୟ ହୋଲେଣି । ତହସିଲଦାରଙ୍କ ଏମିତି କଥାବାର୍ତା ଓ ବ୍ୟବହାରକୁ ନେଇ କୌଣସି ବିଭାଗର ଅଧିକାରୀ ଯାଙ୍କୁ ପସନ୍ଦ କରୁନଥିବା ପୂର୍ବରୁ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି । ହାତଗୁଞ୍ଜା ଆଶାରେ ସାମାନ୍ୟ କାର୍ଯ୍ୟ ପାଇଁ ନିରିହ ଲୋକଙ୍କୁ ଏହି ଦୁଇ ବାବୁ ମାସ ମାସ ଧରି କାର୍ଯ୍ୟାଳୟକୁ ଦୌଡ଼ିବାକୁ ବାଧ୍ୟ କରୁଥିବା ପୂର୍ବରୁ ଅନେକ ଅଭିଯୋଗ ରହିଛି । ଏଥିସହ ଜଣେ ଦୈନିକ ଖବର କାଗଜର ପ୍ରତିନିଧିଙ୍କ ସମ୍ପର୍କୀୟଙ୍କ ଉତ୍ତରାଧିକାରୀ ପ୍ରମାଣ ପତ୍ର ପାଇଁ ଏହି ଦୁଇବାବୁ ୪ ମାସରୁ ଉର୍ଦ୍ଧ୍ୱ ସମୟ ଦୌଡ଼େଇବା ପରେ ମଧ ବର୍ତମାନ ପର୍ଯ୍ୟନ୍ତ ଦେଇନଥିବା ଗଣମାଧ୍ୟମରେ କିଛି ଦିନ ପୂର୍ବରୁ ପ୍ରକାଶ ପାଇଥିଲା । ତୁରନ୍ତ ଏହି ଦୁଇବାବୁଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସ୍ଥାନୀୟ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରାନଗଲେ ରାଜରାସ୍ତାରେ ନିଆଁ ଜାଳିବାକୁ ଲୋକେ ଚେତାବନୀ ଦେଇଛନ୍ତି । ଏହି ଘଟଣାକୁ ନେଇ ଜିଲ୍ଲାପାଳ ଓ ମୋହନ ଭାଇ ସରକାରଙ୍କ ଦ୍ୱାରସ୍ଥ ହେବାକୁ ଅଣ୍ଟା ଭିଡିଲେଣି ସ୍ଥାନୀୟ ବାସିନ୍ଦା । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ହରିଚନ୍ଦନପୁର ବାସିନ୍ଦାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅଞ୍ଚଳବାସୀଙ୍କ ଅନୁରୋଧ ସହ ଦାବି ହୋଇଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ମେଡିକାଲ କ୍ରିୟାନୁଷ୍ଠାନ କମିଟି

କେନ୍ଦ୍ରାପଡ଼ା, ୧୪/୦୭ (ନି.ପ୍ର): କେନ୍ଦ୍ରାପଡା ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଲଗାତାର ଭାବେ ଜିଲ୍ଲାରେ ମେଡିକାଲ କଲେଜ ଆଣ୍ଡ ହସପିଟାଲ ପ୍ରତିଷ୍ଠା କରିବା ପାଇଁ ନିଜର ଉଦ୍ୟମ ଜାରି ରଖିଛି । ବିଜେଡି ସରକାର ଅମଳରେ ଏହି ମେଡିକାଲ କଲେଜ ପ୍ରତିଷ୍ଠା ହୋଇପାରିଲା ନାହିଁ । ରାଜ୍ୟରେ ବିଜେପି ସରକାର ଗାଦିକୁ ଆସିବା ପରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପୁନର୍ବାର ଉଦ୍ୟମ ଆରମ୍ଭ କରାଯାଇଛି । ଏନେଇ ଶନିବାର ପବ୍ଲିକ ରିଡିଂ ରୁମ ପରିସର ରେ କମିଟିର ସଭାପତି ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପଦଷ୍ଟା ପ୍ରାଧାପକ ନନ୍ଦ କିଶୋର ପରିଡା, ସଂପାଦକ ରମଣୀ ରଂଜନ ରାଉତରାୟ, କୋଷାଧକ୍ଷ ଫକୀର ଖଟୁଆ, ରାଜ କୁମାର ବିଶ୍ୱାଳ, ଆଦିକନ୍ଦ ରାଉଳ, ନରୋତମ ପାର୍ଥ ସାରଥୀ, ମୁକ୍ତାର ଖାନ, ଡ଼ଃ ଦିଲିପ ମିଶ୍ର ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରାପଡାର ଏହି ଦାବି ପୂରଣ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ସାକ୍ଷାତ କରିବ । ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଶଙ୍କର ରାୟ, ବୈଷ୍ଣବ ସ୍ୱାଇଁ, ଶରତ ରାଉତ, ସୁରେଶ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ପୂର୍ବତନ ପିଏ ଆଇଟିଡିଏ ସ୍ୱର୍ଗତ ବୀରେନ୍ଦ୍ର କୁମାର ଦାସଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି

କନ୍ଧମାଳ, ୧୪/୦୭ (ନି.ପ୍ର): ଜିଲ୍ଲା ଲେଖକ ସାମ୍ମୁଖ୍ୟ, ଫୁଲବାଣୀ ଆନୁକୂଲ୍ୟରେ ଫୁଲବାଣୀର ପୂର୍ବତନ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ୱର୍ଗତ ବୀରେନ୍ଦ୍ର ଦାସଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ରବୀନ୍ଦ୍ର ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସମସ୍ତ ସଦସ୍ୟ ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରି ଅମର ଆତ୍ମାର ସଦଗତି କାମନା କରିଥିଲେ । ମୁଖ୍ୟବକ୍ତା ଏମ କେ ଏସ ପି ର ସଭାପତି ବିଜୟ କୃଷ୍ଣ ପଟ୍ଟନାୟକ, ସମ୍ମାନୀତ ଅତିଥି ବରିଷ୍ଠ ସାମ୍ବାଦିକ ସଦାଶିବ ପାତ୍ର, ସାହିତ୍ୟିକ ଡ଼ଃ ପୁର୍ଣ୍ଣେନ୍ଦୁ ତ୍ରିପାଠୀ, କବି ସୋମନାଥ ସାହୁ, ସଂଗଠକ ଓ ସାହିତ୍ୟିକ ପ୍ରସନ୍ନ କୁମାର ପଣ୍ଡା ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ଦାସ ଜଣେ ସୁସାହିତ୍ୟିକ, ଦକ୍ଷ ପ୍ରଶାସକ ଓ ନିର୍ମଳ ବ୍ୟକ୍ତିଟିଏ ଥିଲେ । ଫୁଲବାଣୀର ଆଇ ଟି ଡ଼ି ଏ ର ପ୍ରକଳ୍ପ ପ୍ରଶାସକ ଥିଲା ବେଳେ ତାଙ୍କର କାର୍ଯ୍ୟ ଦକ୍ଷତା ବେଶ ଉଲ୍ଲେଖନୀୟ ଥିଲା । ଜଣେ ମେଳାପୀ ଓ ମିଷ୍ଟଭାଷୀ ଥିବାରୁ ସେ ସବୁ ବର୍ଗର ଲୋକଙ୍କ ସହ ମିଶି ପାରୁଥିଲେ । ଗଜପତି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଉଥିଲା ବେଳେ ଏକ ସଭାରେ ଜଗନ୍ନାଥଙ୍କ ଭଜନ ଗାଉ ଗାଉ ମୃତ୍ୟୁ ବରଣ କରିବା ତାଙ୍କ ପାଇଁ ସୁଖଦ ଥିଲା ବେଳେ ଆମ ସମସ୍ତଙ୍କ ପାଇଁ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ସ୍ମୃତି ଚାରଣ କରିଥିଲେ । ଲେଖକ ସାମ୍ମୁଖ୍ୟର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ତାଙ୍କର ଏ ଅକାଳ ବିୟୋଗରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ସମ୍ବାଦ ସାହିତ୍ୟ ଘର, ଫୁଲବାଣୀ ଶାଖାର ସମ୍ପାଦକ କୈଳାଶ ଚନ୍ଦ୍ର ଧଳ, ସଭାପତି ଚିତରଞ୍ଜନ ମିଶ୍ର, ଜିଲ୍ଲା ଲେଖକ ସମ୍ମୁଖ୍ୟ ର ସମ୍ପାଦକ ବନବିହାରୀ ନନ୍ଦ ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

# ବିବାହ ଭୋଜିରେ ଯୋଗ ଦେବା ହେଲା କାଳ : ଦୁର୍ଘଟଣାରେ ଚାଲିଗଲା ମାଆ ପୁଅଙ୍କ ଜୀବନ

ଧର୍ମଶାଳା, ୧୪/୦୭ (ନି.ପ୍ର): ବନ୍ଧୁଙ୍କ ବିବାହ ଭୋଜିରେ ଯୋଗ ଦେବା ପୂର୍ବରୁ ଏକ ସଡକ ଦୁର୍ଘଟଣାରେ ମାଆପୁଅଙ୍କ ମୃତ୍ୟୁ ଘଟିଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥ ବଡଚଣା ଥାନା ଅନ୍ତର୍ଗତ କଡେଇ ନିକଟରେ । ଏକ ଅଜଣା ଗାଡି ଧକ୍କାରେ ଶୁକ୍ରବାର ବିଳମ୍ବିତ ରାତିରେ ମାଆପୁଅଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତକ ଦୁହେଁ ହେଲେ ଧର୍ମଶାଳା ଥାନା ଭଡଙ୍ଗା ଗ୍ରାମର ସନ୍ଧ୍ୟାରାଣୀ ନାୟକ(୪୬) ଓ ପୁଅ ଦିବ୍ୟଜ୍ୟୋତି(୨୨) ଜଣାପଡିଛି । ତେବେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି । ଶବ ବ୍ୟବଚ୍ଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି । ଆଜି ପୂର୍ବାହ୍ନରେ ଏହି ଦୁଇ ମରଶରୀର ଗ୍ରାମରେ ପଂହଚିବା ପରେ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ସୂଚନା ମୁତବାକ, ଶୁକ୍ରବାର ରାତି ସାଢେ ୮ଟା ସମୟରେ ଛତିଆ ଅଂଚଳକୁ ବନ୍ଧୁଙ୍କ ବିବାହ ଭୋଜିରେ ଯୋଗ ଦେବା ପାଇଁ ସନ୍ଧ୍ୟାରାଣୀ ଏବଂ ତାଙ୍କ ପୁଅ ଦିବ୍ୟଜ୍ୟୋତି ଦୁହେଁ ଏକ ବାଇକରେ ଯୋଗ ଯାଉଥିଲେ । ତେବେ ୧୬ ନଂ ଜାତୀୟ ରାଜପଥ ବଡଚଣା ଥାନା ଅନ୍ତର୍ଗତ କଡେଇ ନିକଟରେ ସେମାନେ ଯାଉଥିବା ସମୟରେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଗାଡି ସହିତ ଦୁହେଁ ରାସ୍ତା କଡକୁ ଛିଟିକି ପଡିଥିଲେ । ତେବେ ବହୁ ସମୟ ପରେ ବନ୍ଧୁ ଘରେ ନ ପଂହିବାରୁ ପରିବାର ଲୋକେ ସନ୍ଦେହ କରିଥିଲେ । ତେବେ ଏହି ଖବର ପ୍ରଚାରିତ ହେବା ପରେ ବଡଚଣା ପୋଲିସ ବିଳମ୍ବିତ ରାତିରେ ରାସ୍ତା କଡରୁ ସେମାନଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ । ଆଜି ଦୁହିଁଙ୍କ ଶବ ବ୍ୟବଚ୍ଛେଦ ପରେ ଶବ ଭଡଙ୍ଗା ଗ୍ରାମରେ ପଂହଚିବା ପରେ ସେଠାରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ତେବେ ଏଭଳି ଘଟଣାକୁ ନେଇ ଗ୍ରାମବାସୀ ମର୍ମାହତ ହୋଇପଡିଥିବା ଜଣାପଡିଛି ।

# ବଳଦେବଜୀଉଙ୍କ ଗୁଣ୍ଡିଚା ମନ୍ଦିରରେ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ

କେନ୍ଦ୍ରାପଡ଼ା, ୧୪/୦୭ (ନି.ପ୍ର): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ସଂଗଠନ “ବାଗ୍‌ଦେବୀ କଳା ମନ୍ଦିର” ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠାନର ସଂଯୋଜକ ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଓଡିଶାର ସଂସ୍କୃତି ଓ ପାରମ୍ପରିକ କଳାର ଅଭିବୃଦ୍ଧି ପାଇଁ ବାଗ୍‌ଦେବୀ କଳା ମନ୍ଦିରର ଉଦ୍ୟମ ତଥା ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଆଲୋକ ମହାନ୍ତି, ଗୀତିକାର ସୁବାଷ ପାତ୍ର, ସ୍ୱେଚ୍ଛାସେବୀ ଟିଲି ଦାସ ସମ୍ମାନୀୟ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ନୃତ୍ୟଶିଳ୍ପୀମାନେ ଏଥିରେ ଅଂଶଗ୍ରହଣ କରି ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସତ୍ୟପ୍ରିୟ ଦାସଙ୍କ ନିର୍ଦ୍ଦେଶନାରେ ଏମ୍.ପି. କ୍ରିଏସନ୍ ଦ୍ୱାରା ପ୍ରସ୍ତୁତି ରଥଯାତ୍ରା ଉପରେ ଶ୍ରୀଚରଣ ମହାନ୍ତିଙ୍କ କଣ୍ଠଦାନରେ ବହୁଳ ଭାବେ ଲୋକପ୍ରିୟତା ଅର୍ଜନ କରିଥିବା ଭଜନ “ଝୁଲି ଝୁଲି ଆସେ କାଳିଆ ସାଆନ୍ତ”ର ଉନ୍ମୋଚନ କରାଯାଇଥିଲା । ଜିଲ୍ଲାର ପ୍ରତିଷ୍ଠିତ କଳାକାର, ସମାଜସେବୀ ଓ ଗୀତିକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ କର୍ମବୀର ଉପାଧି, ଆୟବା ଗ୍ରାମର ବିଶିଷ୍ଟ ସମାଜସେବୀ ଶରତ ପଟ୍ଟନାୟକଙ୍କୁ ବଳଦେବ ସମ୍ମାନ ଓ ବିଶିଷ୍ଟ କି ବୋର୍ଡ ବାଦକ ହିମାଂଶୁ ଶେଖର କରଙ୍କୁ ବାଗ୍‌ଦେବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ରାଜ୍ୟ, ସଂସ୍କୃତି, ଓଡିଆ ଭାଷା ଓ ଓଡିଆ ସାହିତ୍ୟ ବିଭାଗର ପ୍ରୋଗ୍ରାମ ଅଫିସର ତ୍ରିଲୋଚନ ବରାଳଙ୍କୁ “କେନ୍ଦ୍ରାପଡା ରତ୍ନ” ସମ୍ମାନରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ବାଗ୍‌ଦେବୀ କଳା ମନ୍ଦିରର ଶାଖା, କଟକର “ସୁର ଝଙ୍କାର”ର ଶିଳ୍ପୀମାନଙ୍କ ଦ୍ୱାରା ବଳଦେବଜୀଉଙ୍କ ଲୋକପ୍ରିୟ ଭଜନ “ବନ୍ଦଇ ଶ୍ରୀ ବଳଦେବ’ “ରୋହିଣୀ ନନ୍ଦନ” ଭଜନ ସମ୍ରାଟ ଭିକାରୀ ବଳଙ୍କ ଆହେ ନୀଳଗିରି ପ୍ରମୁଖ ଗୀତଗୁଡିକ ମ ରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା । ରାଜ୍ୟ ସଂସ୍କୃତି, ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା କାର୍ଯ୍ୟକ୍ରମଟି ପ୍ରଯୋଜିତ ହୋଇଥିଲା । ଅନୁଷ୍ଠାନର ମିଡିଆ ସଂଯୋଜକ ସୁବାଷ ମଲ୍ଲିକ, ପୂର୍ଣ୍ଣିମା ରଣା, ଚିନ୍ମୟୀ ସାହୁ, ବାବୁଲି ଜେନା ପ୍ରମୁଖ ମଂଚ ପରିଚାଳନା କରିଥିଲେ । ହେରାପ ମୀ ସନ୍ଧ୍ୟାରେ ଉକ୍ତ କାର୍ଯ୍ୟକ୍ରମଟିକୁ ଶହସ୍ରାଧିକ ଶ୍ରଦ୍ଧାଳୁ ଉପଭୋଗ କରିଥିଲେ ।

# କୃଷି ଭବନରେ ଏଲ୍ଇଡି ଭିଡିଓ ୱାଲ୍‌ର ଶୁଭ ଉଦ୍‌ଘାଟନ

ଭୁବନେଶ୍ୱର, ୧୪/୦୭ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ ବିଭାଗର କାର୍ଯ୍ୟଧାରାକୁ ଆହୁରି ବ୍ୟାପକ କରିବା ଲକ୍ଷ୍ୟ ନେଇ ଆଜି କୃଷି ବିଭାଗ ତରଫରୁ ରାଜ୍ୟର ୫୮ ଗୋଟି ସବ୍‌ଡିଭିଜନରେ ଏଲ୍ଇଡି ଭିଡିଓ ୱାଲ କାର୍ଯ୍ୟକ୍ଷମ କରାଯାଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦାୟିତ୍ୱରେ ଥିବା ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଶନିବାର ପୂର୍ବାହ୍ନରେ କୃଷି ଭବନ ସମ୍ମିଳନୀ କକ୍ଷରେ ଏହି ଭିଡିଓ ୱାଲର ଶୁଭ ଉଦ୍‌ଘାଟନ କରି କହିଲେ ଯେ କୃଷି ଓ ଚାଷୀ ଭାଇମାନଙ୍କ ମଧ୍ୟରେ ସୂଚନା ପ୍ରସାର ପାଇଁ କୃଷି ବିଭାଗର ଏହି ପଦକ୍ଷେପ ସମଗ୍ର ଭାରତ ବର୍ଷରେ ପ୍ରଥମ । ଏଭଳି ଅଭିନବ ପ୍ରୟାସ ପାଇଁ ସେ ବିଭାଗର ପ୍ରମୁଖ ଶାସନ ସଚିବ, ସମସ୍ତ ନିର୍ଦ୍ଦେଶକ ଓ ପଦାଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ବିଭାଗର ସମସ୍ତ କଲ୍ୟାଣକାରୀ ଯୋଜନା, ଚାଷ ସମ୍ବନ୍ଧୀୟ ସମସ୍ତ ଅଦ୍ୟତନ ସୂଚନା ଓ ଉପଲବ୍ଧ ସୁବିଧାଗୁଡିକ ଏହି ଭିଡିଓ ୱାଲ ମାଧ୍ୟମରେ ଚାଷୀ ଭାଇମାନେ ଜାଣି ପାରିବେ । ଏହାର ଲାଭ ଉଠାଇବା ପାଇଁ ରାଜ୍ୟର ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ ମନ୍ତ୍ରୀ ଶ୍ରୀ ସିଂହ ଦେଓ ଅନୁରୋଧ କରିଥିଲେ । ଏହି ଭିଡିଓ ୱାଲ କାର୍ଯ୍ୟକାରୀ ହେବା ଦ୍ୱାରା ବିଭାଗର ଦାୟିତ୍ୱ ଆହୁରି ବଢିଗଲା ବୋଲି କହିବା ସହିତ ରାଜ୍ୟ, ଜିଲ୍ଲା ଓ ସମସ୍ତ ଡିଭିଜନ ସ୍ତରର ଅଧିକାରୀମାନେ ଏ ଦିଗରେ ଯତ୍ନବାନ ହୋଇ କୃଷିକ୍ଷେତ୍ରରେ ବୃହତ ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଦେଇଥିଲେ ।

ଉଦ୍‌ଘାଟନ ଅବସରରେ ବିଭିନ୍ନ ସବଡିଭିଜନରୁ ଆଭାସି ମାଧ୍ୟମରେ ଯୋଡି ହୋଇଥିବା ଚାଷୀ ଭାଇଭଉଣୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ କଥା ହେବା ସହ ସରକାରଙ୍କ ଯୋଜନାଗୁଡିକରୁ ସେମାନେ ଉପକୃତ ହେଉଛନ୍ତି କି ନାହିଁ ବୋଲି ପଚାରି ବୁଝିଥିଲେ । ଏହି କ୍ରମରେ ଆଭାସି ମାଧ୍ୟମରେ ଯୋଡି ହେଇଥିବା କଟକ, ନୟାଗଡ, ଭୁବନେଶ୍ୱର ଏବଂ ପାଟଣାଗଡର ଚାଷୀ ଭାଇଭଉଣୀମାନଙ୍କ ସହିତ ଆଲୋଚନା କରିଥିଲେ ।

ପ୍ରାରମ୍ଭରେ କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ମନ୍ତ୍ରୀଙ୍କୁ ଏହି ଉଦ୍‌ଘାଟନୀ ସମାରୋହକୁ ସ୍ୱାଗତ କରିବା ସହ ଏଲଇଡି ଭିଡିଓ ୱାଲ ସ୍ଥାପନର ଉଦ୍ଦେଶ୍ୟ ଓ ଏଥିରୁ ଉପଲବ୍ଧ ସୁବିଧା ସମ୍ବନ୍ଧରେ ମନ୍ତ୍ରୀଙ୍କୁ ସୂଚନା ପ୍ରଦାନ କରିଥିଲେ । କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସଚିବ ଡ. ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ପଦାଧିକାରୀ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଦକ୍ଷିଣ ଓଡ଼ିଶା ଜୋନ ଫୁଟବଲ୍ ରେଫରି ପାଇଁ ଶାରିରୀକ ଓ ଲିଖିତ ପରୀକ୍ଷା

ଜୟପୁର, ୧୪/୦୭ (ନି.ପ୍ର): ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ପକ୍ଷରୁ କୋରାପୁଟ ଜିଲ୍ଲା କ୍ରୀଡ଼ା କମ୍ପ୍ଲେକ୍ସ ଜୟପୁର ଠାରେ ଫୁଟବଲ୍ ରେଫରି ଚୟନ ନିମନ୍ତେ ଶାରିରିକ ଓ ଲିଖିତ ପରୀକ୍ଷା ଚଳିତ ମାସ ଜୁଲାଇ ତା-୧୧ ଓ ୧୨ ରିଖ ଦୁଇଦିନ ଧରି ଚାଲୁ ରହିଥିଲା । ଏହି ପ୍ରତିଯୋିତାରେ ଦକ୍ଷିଣ ଓଡ଼ିଶା ଜୋନର ୮ଗୋଟି ଜିଲ୍ଲାର ୧୮ ବର୍ଷ ଠାରୁ ୩୦ ବର୍ଷ ବୟସ ର ପ୍ରାୟ ୮୦ ଜଣ ବାଳକ ଓ ବାଳିକା ପରୀକ୍ଷାର୍ଥୀ ଅଂଶ୍ରଗ୍ରହଣ କରିଛନ୍ତି । ଏଥି ମଧ୍ୟରୁ ୪୦ ଜଣ ପରିକ୍ଷାର୍ଥୀ ପ୍ରାଥମିକ ପରିକ୍ଷା ତଥା (ଲେବେଲ-୮) ଦେଇଥିବା ବେଳେ ପୂର୍ବତନ ରେଫରି ୪୦ ଜଣ (ଲେବଲ -୭ ) ର ପରିକ୍ଷା ଦେଇଛନ୍ତି । ଯେଉଁ ବାଳକ ଓ ବାଳିକାମାନେ ଏହି ପରିକ୍ଷାରେ ଉତୀର୍ଣ୍ଣ ହେବେ ସେମାନେ ପରବର୍ତୀ ଲେବେଲ୍ ପାଇଁ ମନୋନିତ ହେବେ । ଏହି କାର୍ଯ୍ୟକ୍ରମଟି ଫାଓ ସଂପାଦକ ଆଶୀର୍ବାଦ ବେହେରାଙ୍କ ନିର୍ଦ୍ଦେଶନାରେ ଓଡ଼ିଶା ରେଫାରୀ ପ୍ରତିଯୋଗିତା ର ଶାରିରୀକ ଓ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଅଛି । ପ୍ରତିଯୋଗିତାର ପୂର୍ବ ଦିନ ପରୀକ୍ଷାର୍ଥୀ ମାନଙ୍କ ପାଇଁ ଖେଳ ଓ କୌଶଳର ଶିକ୍ଷା ପ୍ରଦାନ କରଯାଇଥିଲା । ଫାଓ ମୁଖ୍ୟ ରେଫରି ଦୁର୍ଗାମାଧବ ନାଏକ ପ୍ରଶିକ୍ଷକ ଭାବେ ଯୋଗଦେଇ ବାଳକ ଓ ବାଳିକା ମାନଙ୍କୁ ପ୍ରଥମେ ଶାରୀରିକ ପରୀକ୍ଷା ପରେ ଲିଖିତ ପରୀକ୍ଷା କରାଇଥିଲେ । ଏହି ପ୍ରତିଯୋଗୀତାରେ ରେଫରି ସୁଜିତ କୁମାର ପାତ୍ର ଏବଂ ଅନ୍ୟ ରେଫରି ମାନେ ଯୋଗ ଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପରିକ୍ଷାର୍ଥୀ ମାନେ ଉତୀର୍ଣ୍ଣ ହେବା ପରେ ସେମାନଙ୍କୁ ଜାତୀୟ ସ୍ତରରେ ରେଫରି ଭେବେ ମନୋନୀତ କରାଯିବ ବୋଲି ଆସୋସିଏସନ୍ ପକ୍ଷରୁ କୁହାଯାଇଛି । କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ପରିକ୍ଷାର୍ଥୀ ମାନଙ୍କ ପାଇଁ କ୍ରୀଡ଼ା କମ୍ପ୍ଲେକ୍ସ ରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇଥିଲା । ଏହି ପ୍ରତିଯୋଗୀତାକୁ କୋରାପୁଟ ଜିଲ୍ଲା କ୍ରୀଡ଼ା ସଂପାଦକ ଅନୁପ ପାତ୍ର ଏବଂ ସହ ସଂପାଦକ ରବି ନାଏକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ ।

# କାମକରୁନି ଫିରିଙ୍ଗିଆ ସହରରେ ଲାଗିଥିବା ସିସି ଟିଭି : ବଢିଚାଲିଛି ଅପରାଧିକ କାର୍ଯ୍ୟକଳାପ

କନ୍ଧମାଳ , ୧୪/୦୭ (ନି.ପ୍ର): ଅପରାଧ କୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ସହରରେ ସିସି ଟିଭି ର ବ୍ୟବସ୍ଥା କରିଛନ୍ତି ଓ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ ଫିରିଙ୍ଗିଆ ସହରର ମୁଖ୍ୟ ବଜାର ରେ ମଧ୍ୟ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ପ୍ରାୟ ପନ୍ଦର ରୁ କୋଡିଏ ଟି ସିସି ଟିଭି ଲଗାଯାଇଛି ଓ ପ୍ରାୟ ତିନି ବର୍ଷ ତଳେ ତତ୍କାଳୀନ ଥାନା ଅଧିକାରୀ ପି ଶ୍ୟାମାସୁନ୍ଦର ରାଓ ଙ୍କ ପ୍ରଚେଷ୍ଟା ରେ ପଂଚାୟତ ତରଫରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ସବୁ ସିସି ଟିଭି ପଂଚାୟତ ତରଫରୁ ଲଗାଯାଇଥିବା ସୂଚନା ମିଳିଥିବା ବେଳେ ଥାନା ପରିସରରେ ଏହାର କଣ୍ଟ୍ରୋଲ ରୁମ ମଧ୍ୟ କରାଯାଇଥିଲା ଓ ତେବେ ଗତ ଏଗାର ମସ ତଳେ ଏହି ଫିରିଙ୍ଗିଆ ଥାନା ପୋଡି ଘଟଣାରେ ଥାନା ପରିସରରେ ଥିବା କଣ୍ଟ୍ରୋଲ ରୁମ ଜାଳିପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଓ ବର୍ତମାନ କେବଳ ସହରରେ ଥିବା ବିଦ୍ୟୁତ ଖୁଣ୍ଟ ଗୁଡିକରେ ସିସିଟିଭି କ୍ୟାମରା ଗୁଡିକ ଝୁଲୁଥିବା ଦେଖିବାକୁ ମିଳିଥିବା ବେଳେ କଣ୍ଟ୍ରୋଲ ରୁପ ପୋଡି ଯାଇଥିବାରୁ ସିସି ଟିଭି ଗୁଡିକ ବନ୍ଦ ହୋଇପଡ଼ିରହିଛି ଓ ସିସି ଟିଭି ଚାଲୁଥିବା ସମୟରେ ଏହି ଫିରିଙ୍ଗିଆ ସହରରେ କିଛିମାତ୍ରା ରେ ଅପରାଧ ନିୟନ୍ତ୍ରଣ ହୋଇପାରିଥିଲା ଓ କିନ୍ତୁ ଦୀର୍ଘ ଏଗାର ମସ ହେଲା ସିସି ଟିଭି ଅଚଳ ହୋଇ ରହିଥିବା ବେଳେ ସହରରେ ଅପରାଧୀ ମାନେ ବିଭିନ୍ନ ପ୍ରକାର ଅପରାଧିକ କରାଯ୍ୟକଳାପ ଚଳାଇ ଆସୁଥିବା ବେଳେ ଚୋରି, ରାହାଜାନି, ଡକାୟତି ଭଳି କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି ଓ ସେପଟେ ଶିଶିଟିଭି ଲାଗିବା ପରେ ସହରର ଜନସାଧାରଣ ମଧ୍ୟ ନିଜକୁ ସୁରକ୍ଷୀତ ମନେ କରୁଥିଲେ ସେପଟେ ଏହି ସିସିଟିଭି ଚାଲୁଥିବା ସମୟରେ ପୋଲିସ ବଡବଡ଼ ଅପରାଧ ଓ ଅପରାଧୀ ମାନଙ୍କୁ ମଧ୍ୟ ଧରିବାରେ ସକ୍ଷମ ହେଉଥିଲା ଓ କିନ୍ତୁ ବର୍ତମାନ ଏହି ସସିଟିଭି ବନ୍ଦ ହୋଇଯିବା ଦ୍ୱାରା ଅଂଚଳ ବାସି ମନେ ମଧ୍ୟ ନିଜକୁ ସୁରକ୍ଷିତ ମନେ କରୁନଥିବା ବେଳେ ଅପରାଧ ନିୟନ୍ତ୍ରଣ କରିବା ପାଇଁ ପୋଲିସ କୁ ମଧ୍ୟ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ଓ ତେବେ ଅପରାଧ ନିୟନ୍ତ୍ରଣ କରିବାରେ ସିସି ଟିଭି ଏକ ପ୍ରମୁଖ ମଧ୍ୟମ ସହିଥିବା ବେଳେ ସହରରେ ଲାଗିଥିବା ସିସି ଟିଭି ଗୁଡିକୁ ସଜଡ଼ା ଯାଇ କଣ୍ଟ୍ରୋଲ ରୁମ ପୁନଃ ସ୍ଥାପନ କରିବା ପାଇଁ ସାଧାରଣରେ ଦାବି ଜୋର ଧରିଛି ।

# ବ୍ୟାସକବି ନଗରରେ ରକ୍ତଦାନ ଶିବିର ଓ ବାଲେଶ୍ୱର ବିଧାୟକଙ୍କୁ ସମ୍ବର୍ଦ୍ଧନା




ବାଲେଶ୍ୱର, ୧୪/୭ (ନି.ପ୍ର): 'ବାସନ୍ତୀଲତା ଏଜୁକେସନାଲ୍ ଓ ଚ୍ୟାରିଟେବୁଲ୍ ଟ୍ରଷ୍ଟ' ଏବଂ 'ବ୍ୟାସକବି ନଗର ବିକାଶ ପରିଷଦ' ପକ୍ଷରୁ ଓ 'ରୟାଲ୍ କ୍ଲବ୍'ର ସହାୟତାରେ ରବିବାର ଦିନ ପୂର୍ବାହ୍ନରେ ଏକ ରକ୍ତଦାନ ଶିବିର ସହଦେବଖୁଣ୍ଟାସ୍ଥିତ ଚାନ୍ଦମାରି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱରର ସଦରର ନବନିର୍ବାଚିତ ବିଧାୟକ ମାନସ କୁମାର ଦତ୍ତ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ରକ୍ତଭଣ୍ଡାର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ ସହଦେବଖୁଣ୍ଟା ସହରାଞ୍ଚଳ ଚିକିତ୍ସାଳୟର ମେଡିକାଲ୍ ଅଫିସର ଡା. ଲମ୍ବୋଦର ବଳ ଓ ଜିଲ୍ଲା ରକ୍ତଦାତା ସଂଘର ସଂପାଦକ ଇଂ. ଡ. ହୃଷିକେଶ ସାହୁ ଅତିଥିଭାବେ ଉତ୍ସବରେ ଉପସ୍ଥିତ ଥିଲେ । ଉକ୍ତ ଶିବିରରେ ୫୦ରୁ ଊର୍ଦ୍ଧ୍ୱ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଏହି ଅବସରରେ ବ୍ୟାସକବି ନଗର ବିକାଶ ପରିଷଦର ସଭାଗୃହରେ ନବନିର୍ବାଚିତ ବିଧାୟକ ଶ୍ରୀ ଦତ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ସଂଜୟ କୁମାର ଚୌଧୁରୀ ଓ ସାଧାରଣ ସଂପାଦକ ବିନୋଦ ବିହାରୀ ପଣ୍ଡା କ୍ଲବ୍ ପକ୍ଷରୁ ସଭାପତି ଭଗବାନ ମହନ୍ତୀ ଓ ସଂପାଦକ ସୁଧୀର ଦାସ, ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ବାସନ୍ତୀଲତା ଦାସ, ପୁତ୍ର ଜିତେନ୍ଦ୍ର ଦାସ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ୩ଟି ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ/ସଦସ୍ୟାମାନେ ସହଯୋଗ ପ୍ରଦାନ କରିଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଚଳିତବର୍ଷ ବାଲେଶ୍ୱର ଜିଲ୍ଲାରେ ଆବଶ୍ୟକୀୟ ରକ୍ତ ସଂଗ୍ରହ କରାଯାଇ ପାରିନଥିବାବେଳେ ଏହି ରକ୍ତଦାନ ଶିବିରକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ

ବେତନଟୀ , ୧୪/୭ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ପତଡା ଗ୍ରାମରେ ଜନୈକ ବ୍ୟକ୍ତିଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ଗ୍ରିଲ ଏବଂ କବାଟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ଅନ୍ୟ ସାମଗ୍ରୀ ଲୁଟ୍ କରି ନେଇଛନ୍ତି ଲୁଟେରା । ମିଳିଥିବା ସୂଚନା ମୁତାବକ ଜରକା- ଯୁଗପୁରା ରାସ୍ତା ପାର୍ଶ୍ୱରେ ଏକ ନୂଆ ଘର କରି ରହି ଆସୁଥିଲେ ଯତୀନ ମହାପାତ୍ର । ତେବେ ତାଙ୍କର ଅନୁପସ୍ଥିତି ଯୋଗୁଁ ତାଙ୍କ ଭାଇ ବିପିନ ମହାପାତ୍ର କିଛିଦିନ ହେବ ରାତ୍ରିରେ ଯାଇ ଶୋଉଥିଲେ ସକାଳ ହେଲେ ଘର କବାଟ ସହିତ ଗ୍ରିଲରେ ତାଲା ପକେଇ ନିଜ ଘରକୁ ଫେରୁଥିଲେ । ସବୁଦିନ ଭଳି ଗତକାଲି ବିପିନ ରାତିରେ ଶୋଇବାକୁ ଯାଇ ଦେଖିବାକୁ ପାଇଥିଲେ କି ଗ୍ରିଲ ତାଲା ଭଙ୍ଗାଯାଇଛି । ଭିତରକୁ ଯାଇ ଦେଖିବାକୁ ପାଇଥିଲେ କି ଘରର ମୁଖ୍ୟ କବାଟର ତାଲା ଭଙ୍ଗା ହୋଇଥିବା ସହ ଆଲମିରା ଗୁଡିକ ମଧ ତାଲା ଭଙ୍ଗାଯିବା ସହ ଘରର ଆସବାପତ୍ର ଏଣେ ତେଣେ ହୋଇ ପଡିରହିଛି । ହେଲେ ତାଙ୍କ ଭାଇଙ୍କ ଅନୁପସ୍ଥିତି ଯୋଗୁଁ ସେ ପ୍ରକୃତ ଚୋରି ସାମଗ୍ରୀର ମୂଲ୍ୟ ଆକଳନ କରିପାରି ନାହାନ୍ତି । ସଙ୍ଗେସଙ୍ଗେ ବୈଶିଙ୍ଗା ପୋଲିସକୁ ଖବର ଦେଇଥିଲେ । ପୋଲିସ ତଦନ୍ତ କରି ଫେରି ଆସିଥିବାବେଳେ ବିପିନଙ୍କ ଲିଖିତ ଅଭିଯୋଗ ପରେ ୨୪୧/୨୪ରେ ଏକ ମାମଲା ରୁଜୁ କରିବା ସହିତ ବାରିପଦାରୁ ସାଇଣ୍ଟିଫିକ ଟିମ ଆସି ଘଟଣା ସ୍ଥଳରେ ତନାଘନା କରିଥିବା ସୂଚନା ମିଳିଛି ।

## ମୟୂରଭଞ୍ଜ ସାହିତ୍ୟ ପରିଷଦର ଭକ୍ତିକବିତା ଆସର




ମୟୂରଭଂଜ, ୧୪/୭ (ନି.ପ୍ର): ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲ୍ ସଭାଗୃହରେ 'ରଥ ପଥ ଜଗନ୍ନାଥ' ଶୀର୍ଷକ ସାହିତ୍ୟ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଭକ୍ତିକବିତାର ଏକ ଭବ୍ୟ ସାରସ୍ୱତ ଆସର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ, ଗତ ଜୁଲାଇ ୭ ତାରିଖ ୨୦୨୪ ଶ୍ରୀଗୁଣ୍ଡିଚା ଦିନ ଇହଲୀଳା ସମ୍ବରଣ କରିଥିବା ମୟୂରଭଞ୍ଜ ସାହିତ୍ୟ ପରିଷଦର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟା ତଥା ଉପସଭାପତି ଜନନୀ ସ୍ୱରୂପା ସ୍ୱର୍ଗୀୟା ଶ୍ରୀମତୀ ଲକ୍ଷ୍ମୀ କୁମାରୀ ଦାସ (ଲକ୍ଷ୍ମୀ ମାଉସୀ)ଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସଦସ୍ୟ/ସଦସ୍ୟା ନୀରବ ପ୍ରାର୍ଥନା କରିଥିଲେ । କାର୍ଯ୍ୟକ୍ରମରେ ପରିଷଦର ସଭାପତି ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିବା ବେଳେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ ଉତ୍ତରାଞ୍ଚଳ ଶାଖାର ସଭାପତି ବରିଷ୍ଠ ସାହିତ୍ୟିକ ଅଜିତ କୁମାର କବାଟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ । ଯୁଗ୍ମ ସମ୍ପାଦିକା ବାସନ୍ତୀ ଲତା ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ତାତ୍ପର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ । ଆସରରେ ବରିଷ୍ଠ କବୟିତ୍ରୀ ସୁଶ୍ରୀ କାବେରୀ ମିଶ୍ର ଓ ବୀଣାପାଣି ପଣ୍ଡାଙ୍କ ସଂଯୋଜନାରେ ଭକ୍ତିକବିତା ପାଠ କରିଥିଲେ ସର୍ବଶ୍ରୀ କୈବଲ୍ୟ ପ୍ରସାଦ ମହାପାତ୍ର, ଜୟନ୍ତ କୁମାର ଦ୍ୱାରୀ, ବନମାଳୀ ପାତ୍ର, ଗାୟତ୍ରୀ ଦେ, ଭାସ୍ୱତୀ ପଣ୍ଡା, ଅଜୟ କୁମାର ପାଳ, ନରସିଂହ ବାରିକ ଅଜିତ କୁମାର ପାଣିଗ୍ରାହୀ ଓ କବି ବିଷ୍ଣୁ ଶତପଥୀ ତଥା ମାତଙ୍ଗିନୀ ମିଶ୍ରଙ୍କ ପ୍ରେରିତ ସ୍ୱରଚିତ କବିତା ପ୍ରମୁଖ । ଅନୁଷ୍ଠାନ ତରଫରୁ ଧନ୍ୟବାଦ ଜ୍ଞାପନ କରିଥିଲେ ସତୀଶ ଚନ୍ଦ୍ର ବେହେରା ।

## ନିଶ୍ଚିନ୍ତପୁରରେ ବାବା ଦୁଃଖେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବଡ଼ସାହି, ୧୪/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବୁଢାବଳଙ୍ଗ ନଦୀକୂଳ ରେ ଅନେକ ଶୈବ ପୀଠ ଦେଖିବାକୁ ମିଳେ । ସେହି ମନ୍ଦିର ତାଲିକାରେ ଆଉ ଏକ ନୂତନ ନାମ ଭାବରେ ଯୋଡି ହୋଇ ଯାଇଛି ବାବା ଦୁଃଖେଶ୍ୱର ମହାଦେବଙ୍କ ନାମ । ମୁଖ୍ୟ ପୂଜକ ଭାଗବତ ପ୍ରସାଦ ଶତପଥୀଙ୍କ କହିବା ଅନୁସାରେ ଶହଶହ ବର୍ଷ ତଳର ଶୈବ ଲିଙ୍ଗ ଟିଏ ଗଛ ମୂଳରେ ପୂଜା ପାଇ ଆସୁଅଛି । ଯାହା ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ମନ୍ଦିର ରେ ରୂପାନ୍ତରିତ ହୋଇ ପାରିଛି । ବଡ଼ସାହି ବ୍ଲକ କେନ୍ଦୁଡିହା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନିଶ୍ଚିନ୍ତପୁର ଗ୍ରାମରେ ମହାଦେବ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ତିନିଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ଗୁରୁବାର ଦିନ ବାବା ଦୁଃଖେଶ୍ୱର ମହାଦେବ ଙ୍କ ବିଗ୍ରହ ସ୍ଥାପନ ହୋଇଥିବା ବେଳେ ଶୁକ୍ରବାର ଘଟ ଉତ୍ତୋଳନ ସହିତ ଯଜ୍ଞ ଆରମ୍ଭ ଏବଂ ଶନିବାର ଦିନ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି । ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ନିଶ୍ଚିନ୍ତପୁର ଗ୍ରାମର ଦୁଃଖେଶ୍ୱର ଜେନା, ଶୁଶାନ୍ତ ରାଉତ, ଗଙ୍ଗାଧର ରାଉତ, ରାଜେନ୍ଦ୍ର ଜେନା, ଅଜୟ ଜେନା, ବସନ୍ତ ରାଉତ, ହିମାଂଶୁ ଜେନା, ପୁରଷ୍ତମ ଜେନା, ମହିଳାମାନଙ୍କ ମଧ୍ୟରେ ଅନିତା ରାଉତ, ସ୍ୱର୍ଣ୍ଣପ୍ରଭା ଜେନା, କୁନ୍ତଳା ରାଉତ, ରଜନୀ ଜେନା ପ୍ରମୁଖ ବିଭିନ୍ନ ଦାୟିତ୍ୱ ରେ ରହି କାର୍ଯ୍ୟକ୍ରମ କୁ ପୂର୍ଣ୍ଣାଙ୍ଗ କରାଇ ଥିଲେ । ପୂର୍ଣ୍ଣାହୁତି ଦିନ କବି ମନୋଜ କୁମାର ମହାନ୍ତ ଓ ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ଯୋଗଦାନ କରି ଗ୍ରାମବାସୀ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିପାରି ଥିବାରୁ ସେମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଜୀ-ସାର୍ଥକ 'ଦିଦି ନମ୍ବର ୧' ଜ୍ୟାକପଟ ରାଉଣ୍ଡରେ ସମସ୍ତଙ୍କୁ ପଛରେ ପକାଇ ବାଜି ମାରିଲେ କଳାହାଣ୍ଡିର ତୁଳାସା ନାୟକ




ଭୁବନେଶ୍ୱର, ୧୪/୭ (ନି.ପ୍ର): ଓଡ଼ିଶାର ଘରେ ଘରେ ପରିଚିତ, ରାଜ୍ୟର ୧ ନମ୍ବର ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକର ଗୋଟିଏ ପରେ ଗୋଟିଏ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ଦର୍ଶକଙ୍କ ମନ ଜିତିଛି । କେବଳ ଧାରାବାହିକ ନୁହେଁ ବରଂ ରିଏଲିଟି ସୋ ମାଧ୍ୟମରେ ମଧ ସଫଳତାର ସହ ଆଗକୁ ବଢି ଚାଲିଛି । ସମ୍ପୂର୍ଣ୍ଣ ଓଡିଆ ଜାତି ଓ ଆମ ରାଜ୍ୟର ପ୍ରଥା, ପରମ୍ପରାକୁ ନେଇ ଓଡ଼ିଶାର ଲୋକପ୍ରିୟ ଅଭିନେତ୍ରୀ ଲିପିଙ୍କ ଉପସ୍ଥାପନାରେ 'ଦିଦି ନମ୍ବର ୧' ଦର୍ଶକଙ୍କ ଭଲ ପାଇବା ସାଉଁଟିଛି ଓ ପହଞ୍ଚିଛି ଯାକପଟ ରାଉଣ୍ଡରେ ଯାହାର ପ୍ରଥମ ବିଜେତା ହୋଇଛନ୍ତି କଳାହାଣ୍ଡିର ତୁଳାସା ନାୟକ । 'ଦିଦି ନମ୍ବର ୧' ର ଏହି ସିଜିନର ପ୍ରଥମ ବିଜେତା ହୋଇଛନ୍ତି କଳାହାଣ୍ଡି ଜିଲ୍ଲାର ତୁଳାସା ନାୟକ । ଓଡ଼ିଶାର ୬ଟି ଜିଲ୍ଲାର ୬ ଜଣ ପ୍ରତିଯୋଗୀ ଥିଲେ ।ଏହି ରିଏଲିଟି ସୋ ର ଫିନାଲେରେ ସମସ୍ତଙ୍କୁ ପଛରେ ପକାଇ ବିଜୟୀ ହୋଇଥିଲେ ତୁଳାସା । ଅଡିସନ ମାଧ୍ୟମରେ ଆସିଥିବା ନାରୀ ମାନେ ନିଜର କର୍ମମୟ ଓ ଗତିଶୀଳ ଜୀବନକୁ ଏହି ମଞ୍ଚରେ ପରିପ୍ରକାଶ କରିଥିଲେ, ଯାହା ସେମାନଙ୍କୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ । ଦର୍ଶକ ଏବଂ ପ୍ରତିଯୋଗୀଙ୍କ ଦ୍ୱାରା ବହୁଳ ଭାବରେ ଆଦୃତ 'ଦିଦି ନମ୍ବର-୧' ରିଅଲିଟି ସୋର ଏହି ସିଜନରେ, ନୂଆ ନୂଆ ଖେଳ ସହ ଆହୁରି ଅଧିକ ମଜାଦାର ହୋଇଛି ଓ ପ୍ରତିଯୋଗୀମାନଙ୍କ ପାଇଁ ଅଧିକ ଆକର୍ଷଣୀୟ ଉପହାର ମଧ ନେଇ ଆସିଛି । ନିଜର ଚୁଲବୁଲି ଅନ୍ଦାଜ ସହ ଲିପି ମହାପାତ୍ର ଏହାର ଉପସ୍ଥାପନା ଜାରି ରଖିଛନ୍ତି ଓ ପ୍ରତିଯୋଗୀଙ୍କଙ୍କ ମନ ଜିତିଛନ୍ତି ବୋଲି ସବୁ ସମୟରେ ପ୍ରତିଯୋଗୀମାନେ କହିଛନ୍ତି । 'ପରିବାର ଓ ଦାୟିତ୍ୱ ମଧ୍ୟରେ ସବୁବେଳେ ଛନ୍ଦି ହୋଇ ରହୁଥିବା ମହିଳାମାନଙ୍କ ଆତ୍ମବିଶ୍ୱାସ ବଢାଇବା ପାଇଁ ଏହି କାର୍ଯକ୍ରମ ଏକ ବଡ଼ ମାଧ୍ୟମ ହୋଇଛି ବୋଲି କହିଛନ୍ତି ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ଶ୍ରୀ ପ୍ରତୀକ ସିଲ୍ ।

## ୬ ବରିଷ୍ଠ ଓଏଏସ୍‌ଙ୍କୁ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଓ ଓଏସଡି ଦାୟିତ୍ୱ

ଭୁବନେଶ୍ୱର, ୧୪/୭ (ନି.ପ୍ର): ୬ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଓ ଓଏସଡି ଭାବେ ଦାୟିତ୍ୱ ଦିଆଯାଇଛି । ୪ ଜଣଙ୍କୁ ବ୍ୟକ୍ତିଗତ ସଚିବ ଓ ୨ ଜଣଙ୍କୁ ଓଏଏସଡି ଦାୟିତ୍ୱ ମିଳିଛି । କେନ୍ଦ୍ରାପଡା ଏଡିଏମ୍ ପୀତାମ୍ବର ସାମଲଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଦାୟିତ୍ୱ ମିଳିଛି । ସେହିପରି ବୌଦ୍ଧ ଏଡିଏମ୍ ଦିଲ୍ଲୀପ ମହାପାତ୍ରଙ୍କୁ ଜଙ୍ଗଲ ଓ ପରିବେଶ, ଶ୍ରମ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଦାୟିତ୍ୱ ମିଳିଛି । ମଧୁସୂଦନ ବେହେରା ଖାଦ୍ୟ ଯୋଗାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ପିଏସ୍ , ବାଦଲ କୁମାର ମହାନ୍ତି ମତ୍ସ୍ୟ ସମ୍ପଦ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ନିଯୁକ୍ତି ମିଳିଛି । ସିଦ୍ଧାର୍ଥ ଶଙ୍କର ସାହୁଙ୍କୁ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀଙ୍କ ଓଏସଡି ଓ ଆଶିଷ ଭୋଇଙ୍କୁ ଏମଏସଏମଇ, ଏସ୍‌ଟି/ଏସ୍‌ସି କଲ୍ୟାଣ ମନ୍ତ୍ରୀଙ୍କ ଓଏସଡି ଭାବେ ନିଯୁକ୍ତି ମିଳିଛି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ବ୍ଲକସ୍ତରୀୟ ଶାରୀରିକ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କ ବାର୍ଷିକ ସମ୍ମିଳନୀ

ବଲାଙ୍ଗିର, ୧୪/୭ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଇଁତଲା ସ୍ଥିତ ବାଳିକା ବିଦ୍ୟାଳୟ ପରିସରରେ ଶାରୀରିକ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କ ବାର୍ଷିକ ସମ୍ମିଳନୀ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବରେ ସଇଁତଲା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନରେନ୍ଦ୍ର ସାହୁ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ବାଳିକା ବିଦ୍ୟାଳୟଇ ପ୍ରଧାନ ଶିକ୍ଷକ ବିନାୟକ କୁମ୍ଭାର ଯୋଗଦାନ କରି ଶିକ୍ଷକ, ଶିକ୍ଷୟତ୍ରୀମାନେ ଯେପରି ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚମାନର କ୍ରୀଡା ଉପରେ ଶିକ୍ଷା ଦେବେ ସେ ଉପରେ ଧ୍ୟାନ ଦେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ଆଗାମୀ ଦିନରେ ହେବାକୁ ଥିବା ବ୍ଲକସ୍ତରୀୟ ଖେଳକୁଦ ହେବ । ଏହା ସହିତ ବ୍ଲକରେ ୬ ଗୋଟି ପ୍ରତିଯୋଗିତା କେଉଁଠି ହେବ ତାର ସ୍ଥାନ ଓ ତାରିଖ ଉପରେ ଆଲୋଚନା ହୋଇଥିଲା । ଏଥିରେ ବ୍ଲକ ସମ୍ପାଦିକା ରଞ୍ଜିତା ମିଶ୍ର ବାର୍ଷିକ ବିବରଣୀ ଓ ଧନ୍ୟବାଦ ପ୍ରଦାନ କରିଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ୪୬ ବର୍ଷ ଅପେକ୍ଷାର...

ରତ୍ନ ଭଣ୍ଡାରରେ ସବୁ କାମ କରାଯିବ । ପ୍ରଥମେ, ରତ୍ନ ଭଣ୍ଡାରଖୋଲାଯିବ, ଦ୍ୱିତୀୟରେ ରତ୍ନ ସବୁକୁ ସ୍ଥାନାନ୍ତର କରାଯିବ, ତୃତୀୟ ପର୍ଯ୍ୟାୟରେ ଗଣତି କରାଯିବ । ଆଜି ଭଣ୍ଡାର ଖୋଲିବା ପରେ ଏସବୁକୁ ସ୍ଥାନାନ୍ତର କରିବାକୁ ଚେଷ୍ଟା କରାଯିବ । ରତ୍ନଅଳଙ୍କାର ସ୍ଥାନାନ୍ତର ପାଇଁ ସବୁ ବ୍ୟବସ୍ଥା ଶେଷ ହୋଇଛି । ଝଙ୍ଗ ଅନୁସାରେ ଶ୍ରୀମନ୍ଦିର ଭିତରେ ଅସ୍ଥାୟୀ ରତ୍ନ ଭଣ୍ଡାର ସ୍ଥାନ ନିରୂପଣ ବି ସରିଛି । ସିସିଟିଭି ସହ ଅନ୍ୟ ସବୁ ବ୍ୟବସ୍ଥା ହୋଇଛି । ତା'ସହ ସବୁ ଘଟଣାର ଭିଡିଓଗ୍ରାଫି କରାଯିବ । ଅଳଙ୍କାର ସ୍ଥାନାନ୍ତର ପରେ ମରାମତି କାମ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି । ଅନ୍ୟପଟେ ଶ୍ରୀମନ୍ଦିରକୁ ଆସି ପହଞ୍ଚିଛି ବିରାଟକାୟ ୬ଟି ସିନ୍ଦୁକ । ଶାଗୁଆନ୍ କାଠ ଓ ପିତ୍ତଳ କୋଟିଂରେ ତିଆରି କରାଯାଇଛି ଏହି ସବୁ ସିନ୍ଦୁକ । ଭୁବନେଶ୍ୱରର ଏକ ସଂସ୍ଥାକୁ ମୋଟ୍ ୧୫ଟି ସିନ୍ଦୁକ ତିଆରି କରିବା ପାଇଁ ଅର୍ଡର ଦିଆଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ଆଜି ୬ଟି ସିନ୍ଦୁକ ଶ୍ରୀମନ୍ଦିରରେ ପହଞ୍ଚି ଯାଇଛି । ସୂଚନାଯୋଗ୍ୟ, ଆଜି ସକାଳେ ଶ୍ରୀଲୋକନାଥଙ୍କ ପାଖରୁ ଆଜ୍ଞାମାଳ ଆସିବା ପରେ ରତ୍ନଭଣ୍ଡାର ଖୋଲିବା ନେଇ ପ୍ରକିୟା ଆରମ୍ଭ ହୋଇଥିଲା । ଦୀର୍ଘ ୪ଘଣ୍ଟା ଧରି ଅନୁଧ୍ୟାନ କରିବା ପରେ ଉତ୍କଣ୍ଠାନର ଅବସାନ ଘଟାଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇ କହିଥିଲେ, ଯେହେତୁ ପୁରୀ ଟ୍ରେଜେରିରୁ ଆସିଥିବା ଚାବିରେ ଭିତର ଭଣ୍ଡାରର କୌଣସି ଗୋଟିଏ ବି ତାଲା ଖୋଲିଲା ନାହିଁ । ଏସଓପି ଅନୁସାରେ ସମସ୍ତ ତାଲା ଭାଙ୍ଗି ଭିତର ଭଣ୍ଡାର ଖୋଲାଗଲା । ବାହାର ଭଣ୍ଡାରର ସମସ୍ତ ଅଳଙ୍କାର ଆଜି ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମକୁ ସ୍ଥାନାନ୍ତର ହୋଇଯାଇଛି । ଚାଙ୍ଗଡ଼ା ଘର, ଫୁଲ ଘରେ ଏହି ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍ କରାଯାଇଛି । ବାହାର ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତରଣ ପରେ ଏହାକୁ ସିଲ୍ କରାଯାଇଛି । ତେବେ ସମୟ ଅଭାବରୁ ଭିତର ରତ୍ନଭଣ୍ଡାର ଅଳଙ୍କାର ଆଦୌ ସ୍ଥାନାନ୍ତରଣ ହୋଇନି । କିନ୍ତୁ ଭିତର ଭଣ୍ଡାର ଅଳଙ୍କାର ସବୁ ସିନ୍ଦୁକ ଓ ଆଲମାରୀରେ ରହିଥିବା କମିଟି ଦେଖିବାକୁ ପାଇଛି । ଆସନ୍ତାକାଲି ବାହୁଡ଼ା ଯାତ୍ରା ପାଇଁ ପ୍ରଶାସନ ବ୍ୟସ୍ତ ଥିବାରୁ ଓ ଆଗକୁ ମହାପ୍ରଭୁଙ୍କ ସୁନାବେଶ ଥିବାରୁ ରଥଯାତ୍ରା ସମ୍ପୂର୍ଣ୍ଣ ହେବା ପରେ ଆଉ ଏକ ଦିନ ଧାର୍ଯ୍ୟ କରାଯାଇ ଅଳଙ୍କାର ସ୍ଥାନାନ୍ତର ହେବ । ଭିତର ଭଣ୍ଡାର ଅଳଙ୍କାରଗୁଡ଼ିକ ରଖିବା ପାଇଁ ଖଟଶେଯ ଘରେ ଷ୍ଟ୍ରଙ୍ଗ ରୁମ୍ କରାଯାଇଛି । ଶ୍ରୀମନ୍ଦିର ତଦାରଖ କମିଟି ସଦସ୍ୟମାନେ ରତ୍ନ ଭଣ୍ଡାର ଭିତରକୁ ପଶିବା ବେଳେ ଶହଶହ ସଂଖ୍ୟାରେ ଚେମେଣିଆ ବାହାରକୁ ଉଡ଼ି ଆସିଥିଲେ । ଚେମେଣିଆମାନେ ବାଇସି ପାହାଚ ଦେଇ ବାହାରକୁ ପଳାଇ ଆସୁଛନ୍ତି । ଚେମେଣିଆଙ୍କ ଉଡିବା ଦେଖି ନାନା କଥା ଶୁଣିବାକୁ ମିଳୁଛି ।

### ଜନ୍ମବେଦୀରେ ସରିଲା ମହାପ୍ରଭୁଙ୍କ...

ରୋଷହୋମ ପ୍ରାତଃ ୪ଟା ୩୦, ଅବକାଶ ପ୍ରାତଃ ୫ଟା, ସୂର୍ଯ୍ୟପୂଜା ପ୍ରାତଃ ୫ଟା ୧୫, ଦ୍ୱାରପାଳ ପୂଜା ୫ଟା ୩୦, ବେଶଶେଷ ୫ଟା ୩୦, ଗୋପାଳ ବଲ୍ଲଭ ଓ ସକାଳ ଧୂପ ୫ଟା ୪୫ରୁ ୬ ଟା ୪୫ ଭିତରେ କରାଯାଇଛି ସକାଳ ୭ଟାରୁ ୧୧ଟା ୩୦ ରେ ଲାଗି ହେବ ସେନାପଟା । ଏହାସହ ମଙ୍ଗଳାର୍ପଣ ୧୧ଟା ୪୫ ହୋଇ ଦିବା ୧୨ଟା ରୁ ୨ଟା ୩୦ରେ ହେବ ବାହୁଡା ପହଣ୍ଡି, ଦିବା ଗୋଟାଏ ରୁ ୨ଟା ୩୦ ମଧ୍ୟରେ ବେଶ ଶେଷ ହୋଇ ଦିବା ୨ଟା ୩୦ରୁ ୩ଟା ୩୦ରେ ଛେରାପହଁରା ହେବାର କାର୍ଯ୍ୟକ୍ରମ ରହିଛି ।ଏହାପରେ ଅପରାହ୍ନ ୩ଟା ରୁ ୪ଟା ମଧ୍ୟରେ ଚାରମାଳ ଫିଟା ହୋଇ ରଥଟଣା ଆରମ୍ଭ ହେବ ବୋଲି ଜଣାପଡିଛି ।

### ଡିଜିଟାଲ ଆରେଷ୍ଟ...

ସାଇବର ଲୁଟେରାଙ୍କ ଠକେଇର ନୂଆ ତରିକା ଡିଜିଟାଲ ଆରେଷ୍ଟ । ଅନଲାଇନରେ ବଡ଼ ବଡ଼ ଅଫିସରଙ୍କୁ ବୋକା ବନାଇ ଲୁଟୁଛନ୍ତି କୋଟି କୋଟି ଟଙ୍କା । ଗଲା କିଛି ମାସ ଭିତରେ ଓଡ଼ିଶାରେ ବି କାୟା ବିସ୍ତାର କଲାଣି ଡିଜିଟାଲ ଆରେଷ୍ଟ ତରିକାର ବଡ଼ ନେଟୱାର୍କ । ଡିସେମ୍ବର ୨୦୨୩ରେ ରାଜ୍ୟର ଜଣେ ଅବସରପ୍ରାପ୍ତ ବରିଷ୍ଠ ଆଇଏସ ଅଧିକାରୀଙ୍କଠାରୁ ଲୁଟ୍ ହୋଇଥିଲା ଅଢେଇ କୋଟିରୁ ଅଧିକ ଟଙ୍କା । ପରେ ମେ ୨୦୨୪ରେ ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ ସାଇବର ଲୁଟେରା ଠକି ନେଇଥିଲେ ୩୦ ଲକ୍ଷ । ଏ ନେଇ କ୍ରାଇମବ୍ରାଞ୍ଚ ସାଇବର ସେଲରେ ଅଭିଯୋଗ ପରେ ପୂର୍ବତନ ଆଇଏଏସଙ୍କୁ ଲୁଟ୍ ଘଟଣାର ପ୍ରାୟ ୭ ମାସ ପରେ ଲୁଟେରାଙ୍କ ପାଖରେ ପହଞ୍ଚିଥିଲା କ୍ରାଇମବ୍ରାଞ୍ଚ ପୁଲିସ । ଗତକାଲି ଦିଲ୍ଲୀରୁ ଦୁଇ ନାଇଜେରୀୟ ନାଗରିକଙ୍କ ସହ ମୋଟ୍ ୩ ଜଣଙ୍କୁ ଗିରଫ କରି ଓଡ଼ିଶା ଆଣିଛି କ୍ରାଇମବ୍ରାଞ୍ଚ୍ ପୁଲିସ । ସେହିଭଳି ଦ୍ୱିତୀୟ ଘଟଣାରେ ୫ ଅନ୍ତର୍ଜାତୀୟ ଲୁଟେରାଙ୍କୁ ଜୁନ୍ ୧୮ରେ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ । ଏ ଦୁଇଟି ଯାକ ହାଇପ୍ରୋଫାଇଲ୍ ଲୁଟ୍ ମାମଲା ସାମ୍ନାକୁ ଆସିବା ପରେ ଏବେ ଓଡ଼ିଶାରେ ଯେ ଡିଜିଟାଲ ଆରେଷ୍ଟ ଲୁଟ୍ ତରିକାର ଜାଲ ବିଛା ସରିଛି, ସେ କଥା ସ୍ପଷ୍ଟ । ତେଣୁ ବଡ଼ ବଡ଼ ଅଫିସରଙ୍କୁ ବିଭିନ୍ନ ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଶରତ ଚନ୍ଦ୍ର ସାହୁ ପୁଲିସ ଅଧିକାରୀ । କଣ ଏହି ଡିଜିଟାଲ ଆରେଷ୍ଟ ? କେଉଁ ଉପାୟରେ ବଡ଼ ବଡ଼ିଆଙ୍କଠାରୁ ମୋଟା ଅଙ୍କର ଲୁଟ୍ କରୁଛନ୍ତି ସାଇବର ଲୁଟେରା ? ବିଶେଷଜ୍ଞଙ୍କ ମତରେ ଡାକ୍ତର, ବ୍ୟାଙ୍କର, ଉଚ୍ଚ ପଦପଦବୀରେ ଥିବା ଅଧିକାରୀଙ୍କୁ ଭୟ ଦେଖାଇ ଲୁଟେରା କରୁଛନ୍ତି ଡିଜିଟାଲ ଆରେଷ୍ଟ । ସାଇବର ଅପରାଧୀ ନିଜକୁ ସିବିଆଇ, ଆରବିଆଇ ଓ କ୍ରାଇମବ୍ରାଞ୍ଚ ଅଧିକାରୀ କହି ଭିଡିଓ କଲ ମାଧ୍ୟମରେ ଜେରା କରନ୍ତି । ଆଉ ଜେରା ବାହାନାରେ ହାସଲ କରି ନିଅନ୍ତି ବ୍ୟାଙ୍କ ଆକାଉଣ୍ଟର ସବୁ ତଥ୍ୟ । ପରେ ଆଧାର କିମ୍ବା ପ୍ୟାନ କାର୍ଡର ତଥ୍ୟ ନେଇ ଅତି ସହଜରେ ଆକାଉଣ୍ଟ ଖାଲି କରି ନିଅନ୍ତି ।

### ଆମେରିକାର ପୂର୍ବତନ ରାଷ୍ଟ୍ରପତି ...

ପୋଲିସ ଖାଲି କରି ଦେଇଛି । ଟ୍ରମ୍ପଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଗୁଳିମାଡ଼ ହୋଇଥିବା ଦିଗରେ ସିକ୍ରେଟ୍ ସର୍ଭିସ୍ ଯାଞ୍ଚ କରୁଛି । ଘଟଣା ପରେ ଏଫବିଆଇ ଟିମ୍ ମଧ ଗୁଳିମାଡ଼ ସ୍ଥଳରେ ପହଞ୍ଚି ଯାଇଥିଲା । ସିକ୍ରେଟ୍ ସର୍ଭିସ ସହ ମିଶି ଏଫବିଆଇ ଘଟଣାର ଯାଞ୍ଚ କରୁଛି ।

## ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ସ୍କୁଲସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ



ପାରାଦୀପ, ୧୪/୭ (ନି.ପ୍ର): ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ପାରାଦୀପ ପକ୍ଷରୁ ସ୍କୁଲ ସ୍ତରୀୟ ପ୍ରତିଯୋଗିତା ଜୁଲାଇ ୧୪ ତାରିଖ ରବିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି । ପାରାଦୀପ ଅଞ୍ଚଳର ମୋଟ ୧୫ ଟି ସ୍କୁଲର ପ୍ରାୟ ୨୦୦ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ବିଭାଗରେ ଉଭୟେ କନିଷ୍ଠ ଓ ବରିଷ୍ଠ ବର୍ଗ ଭିତ୍ତିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ତର୍କ ପ୍ରତିଯୋଗିତାରେ ସଙ୍ଗେ ସଙ୍ଗେ ଫଳାଫଳ ଘୋଷଣା କରାଯାଇଥିଲା । ତର୍କ ପ୍ରତିଯୋଗିତାରେ ବରିଷ୍ଠ ବିଭାଗ ରେ ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ସୁହାନି ସୁଧୀର ପ୍ରଥମ, ପାରାଦୀପ ପୋର୍ଟ ଡି ଏ ଭି ପବ୍ଲିକ ସ୍କୁଲ ଛାତ୍ରୀ ଭିବାବସି ଦାସ ଦ୍ୱିତୀୟ ଓ ପିପିଏଲ ଡି ଏ ଭି ପବ୍ଲିକ ସ୍କୁଲ ଛାତ୍ର ଶ୍ରୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । କନିଷ୍ଠ ବିଭାଗରେ ବେଥାନି କନଭେଣ୍ଟ ସ୍କୁଲ ଛାତ୍ରୀ ପ୍ରାପ୍ତି ଭରଦ୍ୱାଜ ପ୍ରଥମ ସ୍ଥାନ, ପାରାଦୀପ ପୋର୍ଟ ଡିଏଭି ସ୍କୁଲ ଛାତ୍ରୀ ପ୍ରାରବଧୀ ଶତପଥୀ ଦ୍ୱିତୀୟ, ପିପିଏଲ ଡି ଏ ଭି ପବ୍ଲିକ ସ୍କୁଲ ଏମ. ଭୃତିକା ତୃତୀୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଶ୍ରୀମନ ଚନ୍ଦ୍ର ପ୍ରଧାନଙ୍କୁ ସ୍ୱତନ୍ତ୍ର ଜୁରୀ ପୁରସ୍କାର ପ୍ରଦାନ କରାଯିବ । ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଫଳାଫଳ ପରେ ଘୋଷଣା କରାଯିବ ଏବଂ ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ଟ୍ରଷ୍ଟର ବାର୍ଷିକ ଉତ୍ସବରେ ପ୍ରମାଣପତ୍ର ସହ ପୁରସ୍କୃତ କରାଯିବ ।

## ଖଇରା ମହାବିଦ୍ୟାଳୟ ପୁରାତନ ଛାତ୍ର ପରିଷଦ ବୈଠକ

ଖଇରା, ୧୪/୭ (ନି.ପ୍ର): ବାଲେଶ୍ୱର ଜିଲା ର ନାକ୍ ବି+ ମାନ୍ୟତା ପ୍ରାପ୍ତ ଖଇରା ମହାବିଦ୍ୟାଳୟ ପୁରାତନ ଛାତ୍ର ପରିଷଦର ଏକ ବୈଠକ ରବିବାର ଦିନ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ପରିଷଦର ସଭାପତି ମିହିର କୁମାର ନାୟକ ଏଥିରେ ପୌରହିତ୍ୟ କରିଥିଲେ । ନାକ୍ ସଂଯୋଜକ ଅଧ୍ୟାପକ ବନମାଳୀ ବାରିକ ଶୈକ୍ଷିକ ପରିବେଶକୁ ଉଚ୍ଚକୋଟିର କରିବାକୁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ପରିଷଦର ସମ୍ପାଦକ ଅଧ୍ୟାପକ ଉଦୟ ରଞ୍ଜନ ଦାଶ ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବା କୃତିଛାତ୍ରୀଛାତ୍ରଙ୍କ ଅବଦାନ ଉପରେ ଅବଗତ କରାଇଥିଲେ । ପରିଚାଳନା କମିଟିର ସଭାପତି ମୁକ୍ତିକାନ୍ତ ଶତପଥି ଓ ଅଧ୍ୟକ୍ଷ ଡ କମଳାକାନ୍ତ ପତି କଲେଜ ର ଇତିହାସ ଓ ବର୍ତ୍ତମାନର ଚିତ୍ରକୁ ଅବତାରଣା କରି ମହାବିଦ୍ୟାଳୟକୁ ପ୍ରତିଷ୍ଠିତ କରାଇବାରେ ଅଭିଭାବକ, ଶୁଭେଚ୍ଛୁ ଓ ପୁରାତନ ଛାତ୍ରଙ୍କର ବିଗତ ଦିନର ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅଧ୍ୟାପକ ସୁଜିତ ଛାଟିଆ କଲେଜର ସୌନ୍ଦର୍ଯ୍ୟ ଓ ପରିବେଶରେ ସୁଧାର ପାଇଁ ଉଭୟ ଅଫଲାଇନ ଓ ଅନଲାଇନରେ ପୁରାତନ ଛାତ୍ରୀଛାତ୍ରଙ୍କ ସୁଚିନ୍ତିତ ପରମର୍ଶ କାମନା କରିଥିଲେ । ଅଧ୍ୟାପକ ଆର୍ତ୍ତବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ମାନେ ମହାବିଦ୍ୟାଳୟ ଉତଥାନ ପାଇଁ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ ।

ସୋମବାର, ଜୁଲାଇ ୧୫, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଲଙ୍ଗଳେଶ୍ୱର ମାଉସୀ ବାଡ଼ିରେ ଜମୁଛି ସାଂସ୍କୃତିକ କାର୍ଯ୍ୟକ୍ରମ: କମିଟି ପକ୍ଷରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧନା

ଲଙ୍ଗଳେଶ୍ୱର ୧୪/୭(ନିପ୍ର): ଲଙ୍ଗଳେଶ୍ୱର ଠାରେ ଥିବା ଶ୍ରୀ ଜଗନ୍ନାଥ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ପବିତ୍ର ରଥଯାତ୍ରା ଖୁବ ଧୁମ ଧାମ ରେ ପାଳନ ହୋଇଯାଇଛି କ୍ଷ ଲଙ୍ଗଳେଶ୍ୱର ବଜାର ଦୁର୍ଗା ମଣ୍ଡପ ଠାରେ ଥିବା ମାଉସୀ ବାଡ଼ିରେ ପ୍ରତିଦିନ ସନ୍ଧ୍ୟାରେ ବଡ଼ ଠାକୁର ବଳଭଦ୍ର, ଜଗତର ନାଥ ଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଙ୍କୁ ବିଭିନ୍ନ ବେଶରେ ସଜାଇବା ସହିତ ଭକ୍ତଙ୍କ ମନୋରଞ୍ଜନ ପାଇଁ ବାଦିପାଲା, ଭଜନ କୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଅଛି । ଲଙ୍ଗଳେଶ୍ୱର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟଶିଳ୍ପୀ ରଂଜିତା ମିଶ୍ର ଓ କବିତା ପ୍ରଧାନ ଙ୍କ ନେତୃତ୍ୱ ରେ କୁନିକୁନି ପିଲା ଙ୍କ ଦ୍ୱାରା ପରିବେଷଣ ହୋଇଥିବା ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ କୁ ମନଭରି ଉପଭୋଗ କରୁଛନ୍ତି ଦର୍ଶକ କୁନି କୁନି ପିଲାଙ୍କୁ ତାଙ୍କର ପ୍ରତିଭା ପାଇଁ ସମ୍ବର୍ଦ୍ଧନା ଦିଆଯାଉଛି। ଏହି ଅବସରରେ ଶନିବାର ସନ୍ଧ୍ୟାରେ କମିଟି ପକ୍ଷରୁ ବିଧାୟିକା ସୁବାସିନୀ ଜେନା ଙ୍କୁ ସଭାପତି ମନମୋହନ ସେଠୀ, ଉପସଭାପତି ବିଭୁତି ଭୂଷଣ ଦାସ, ସମ୍ପାଦକ ସନ୍ତୋଷ କୁମାର ନନ୍ଦି, ସହ ସମ୍ପାଦକ ଶୁଭ୍ରାଂଶୁ ଶେଖର ସାହୁ, କୋଷାଧକ୍ଷ ରଞ୍ଜନ କୁମାର ରାଉଳ, ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ରାଧାମୋହନ ସେଠୀ,ଅଞ୍ଜନ କୁମାର ରାଉଳ,ପୃଥ୍ୱୀରାଜ ବେହେରା, ସୁଶାନ୍ତ ରାଉଳ,ପବିତ୍ର ମୋହନ ସେଠୀ କ୍ଷେତ୍ରମୋହନ ସେଠୀ, ନିମାଇଁ ପ୍ରମାଣିକ,ଜମେଶ କୁମାର ପଟ୍ଟାୟତ,ଜୟନ୍ତ କୁମାର ଦତ୍ତ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।



## ସାଢ଼େ ୪ କୋଟି ଓଡ଼ିଆ ଲୋକଙ୍କ ଅସ୍ମିତା ସହ ହିନ୍ଦୁ ଆସ୍ଥାକୁ ସମ୍ମାନ ମିଳିଛି - ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୧୪/୭ (ନି.ପ୍ର): ଦୀର୍ଘ ବର୍ଷ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରଙ୍କୁ ଟ୍ୱିଟ୍ କରି ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ, ସନାତନ ସଂସ୍କୃତି ଓ ହିନ୍ଦୁ ଆସ୍ଥାର ସବୁଠାରୁ ବଡ଼ ପ୍ରତୀକ । ଦୀର୍ଘ ବର୍ଷ ପରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନବନିର୍ବାଚିତ ସରକାର ଓଡ଼ିଶାବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦିଆଯାଇଥିବା ଆଉ ଏକ ପ୍ରତିଶ୍ରୁତି ପୂରଣ କରିଛନ୍ତି । ମହାପ୍ରଭୁଙ୍କ ରତ୍ନଭଣ୍ଡାରର ସୁରକ୍ଷା ଏବଂ ରତ୍ନଭଣ୍ଡାରରେ ରଖାଯାଇଥିବା ଅଳଙ୍କାରର ସଠିକ୍ ସୂଚନା ପାଇବା ଅନେକ ଦଶନ୍ଧି ଧରି ଜନସାଧାରଣଙ୍କ ଦାବି ରହିଥିଲା । ସାଢ଼େ ୪ କୋଟି ଓଡ଼ିଆ ଲୋକଙ୍କ ଅସ୍ମିତା ଓ ହିନ୍ଦୁ ଆସ୍ଥାକୁ ସମ୍ମାନ ଦେଇ ରତ୍ନଭଣ୍ଡାରକୁ ସମ୍ପୂର୍ଣ୍ଣ ପାରଦର୍ଶିତାର ସହ ଖୋଲିଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀମନ୍ଦିର ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ତାଳଗଛ କଟା ବନ୍ଦ ଯୋଗୁଁ ଗରିବ ଲୋକଙ୍କ ମୁଣ୍ଡରେ ଚଡ଼କ

ଲଙ୍ଗଳେଶ୍ୱର , ୧୪/୭ (ନି.ପ୍ର): ରାଜ୍ୟ ସରକାର ଏବେ ତାଳଗଛ କଟା ଉପରେ କଟକଣା ଲଗାଇ ଛନ୍ତି। ଜଙ୍ଗଲ ବିଭାଗର ବିନା ଅନୁମତିରେ ବ୍ୟକ୍ତିଗତ ଜାଗାରେ ଥିବା ତାଳ ଗଛକୁ କେହି କାଟି ପାରିବେ ନାହିଁ। ତାଳ ଗଛ ନ ଥିବା କାରଣରୁ କୁଆଡ଼େ ବଜ୍ରପାତ ଅଧିକ ହେଉଛି। ତାଳଗଛ ବଜ୍ରପାତ ନିରୋଧକ ଭାବେ କାର୍ଯ୍ୟ କରିଥାଏ ବୋଲି ଏକ ବୈଜ୍ଞାନିକ ସର୍ଭେରୁ ଜଣାପଡିଛି । ତେବେ ତାଳଗଛ କଟାକୁ ସରକାର ବନ୍ଦ୍ କରି ଦେଇଥିବାରୁ ଗରିବ ଲୋକଙ୍କ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି। ପୂର୍ବରୁ ଗରିବ ଲୋକ ଏପରିକି ମଧ୍ୟବିତ୍ତ ପରିବାରର ଲୋକ ମାନେ ସେମାନଙ୍କ ଘର ତିଆରି କାମରେ ତାଳଗଛ କୁ କାଟି ଲାଗାଉଥିଲେ। କମ୍ ଖର୍ଚ୍ଚରେ ଏହା ହୋଇ ପାରୁଥିଲା। ପୂର୍ବରୁ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଉଭୟେ ସରକାରୀ ଓ ବେସରକାରୀ ଜାଗାରେ ବହୁ ମାତ୍ରାରେ ତାଳ ଗଛ ଥିଲା। ସର୍ବ ସାଧାରଣ ଅନୁଷ୍ଠାନ ପାଇଁ କର୍ମକର୍ତ୍ତାମାନେ ସରକାରୀ ଜାଗାରୁ ତାଳଗଛ କାଟି ସଫା କରି ଦେଲେ। ଏବେ ଆଉ ସରକାରୀ ଜାଗାରେ କୌଣସି ତାଳ ଗଛ ଥିବା ଦେଖିବାକୁ ମିଳୁ ନାହିଁ। ଅନ୍ୟ ପକ୍ଷରେ ଗରିବ ଲୋକଟି ତାର ନିଜ ବାଡ଼ିରେ ଥିବା ତାଳ ଗଛ କାଟିବା ନେଇ ଜଙ୍ଗଲ ବିଭାଗରୁ ଅନୁମତି ଆଣିବା କେତେ କଷ୍ଟ କର ହେବ ତାହା ସହଜରେ ଅନୁମେୟ। ଗଛ କାଟିବା ନେଇ ସରକାର ତହସିଲଦାରଙ୍କୁ କ୍ଷମତା ଦିଅନ୍ତୁ ବୋଲି ଗୁଣା କର ସାହୁ , ନରୋତ୍ତମ ମାନ୍ନା, ଗଗନ ବିହାରୀ ବାରିକ୍, ସଞ୍ଜୟ କୁମାର ପରିଡା, ବ୍ରହ୍ମା ନନ୍ଦ ନାୟକ, ଗଣେଶ ଚନ୍ଦ୍ର ସି , ଲୋକନାଥ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ସରକାରୀ ଜାଗାରେ ତାଳ ଚାରା ଅଧିକ ମାତ୍ରାରେ ରୋପଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ତାଳ



ଜଙ୍ଗଲ ସୃଷ୍ଟି କରୁଥିବା ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଜଙ୍ଗଲ ବିଭାଗ ପ୍ରତି ବର୍ଷ ପୁରସ୍କାର ପ୍ରଦାନ କରୁ ବୋଲି ମଧ ଦାବି ହୋଇଛି। ତାଳ ସଜ୍ ଓ ପାଚିଲା ତାଳ ଖୁବ୍ ସ୍ୱାଦିଷ୍ଟ ହୋଇ ଥିବାରୁ ତାଳ ଗଛ ରୋପଣ ନେଇ ଲୋକ ଙ୍କ ମଧ ରେ ଖୁବ୍ ଆଗ୍ରହ ଥିବା ଜଣା ପଡ଼ିଛି। ଏଥି ପାଇଁ ଆଗ୍ରହୀ ଲୋକଙ୍କୁ ସରକାର୍ ମାଗଣା ରେ ଚାରା ଓ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ମଣିପୁରରେ ପୁଣି ହିଂସା, କୁକି ଆତଙ୍କବାଦୀଙ୍କ ଆକ୍ରମଣରେ ସିଆରପିଏଫ ଯବାନ ନିହତ

ଇମ୍ଫାଲ, ୧୪/୭ (ନି.ପ୍ର): ମଣିପୁରରେ ହିଂସା ବନ୍ଦ ହେଉନାହିଁ । ଉତେଜନା ପୁଣି ବଢ଼ିବା ପରେ ରବିବାର ଦିନ ଜିରିବାମ ଜିଲ୍ଲାରେ ହିଂସା ଆରମ୍ଭ ହୋଇଥିଲା । ଏଥିରେ କୁକି ଆତଙ୍କବାଦୀଙ୍କ ଆକ୍ରମଣ ପରେ ସିଆରପିଏଫ ଯବାନ ଅଜୟ କୁମାରଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ କେତେଜଣ ଆହତ ହୋଇଛି । ଆହତ ମାନଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଇଛି । କୁକି ଆତଙ୍କବାଦୀମାନେ ମୋତୋଇ ସମ୍ପ୍ରଦାୟର ଲୋକଙ୍କୁ




ଗୁଳି ଓ ବୋମା ରେ ଆକ୍ରମଣ କରିଛନ୍ତି । ଜିରିବାମର ମତୋଇ ସଂଗଠନ ଜିରୀ ଆପୁନବା ଲୁପ୍ (ଜାଲ) ସମେତ ଅନେକ ମତୋଇ ସଂଗଠନ ଅଭିଯୋଗ କରିଛନ୍ତି ଯେ, ସୁରକ୍ଷା ବାହିନୀର ନିଷ୍କ୍ରିୟତା କାରଣରୁ ମତୋଇ ଗ୍ରାମବାସୀଙ୍କୁ ଟାର୍ଗେଟ କରାଯାଇଛି । ଏହି ଆକ୍ରମଣ ସମୟରେ ଘର ପୋଡ଼ି ପାଉଁଶ ହୋଇଯାଇଥିଲା ।

# ଋଣ ନେଲା ତିନି ତିନୋଟି ଜୀବନ: ପୁଅର ମୃତ୍ୟୁ ଖବର ପାଇ ଆଖି ବୁଜିଲା ବାପା

ନୀଳଗିରି , ୧୪/୭ (ନି.ପ୍ର): ଋଣ ଶୁଝି ନପାରି ଶେଷରେ ତିନି ତିନୋଟି ଜୀବନ ଯାଇଥିବା ଏକ ଲୋମହର୍ଷକାରୀ ଘଟଣା ନୀଳଗିରି ମିତ୍ରପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ନୀଳଗିରି ଥାନା କେ. ପି. ଲାଖରାଜ ପଞ୍ଚାୟତ ଚଣ୍ଡୀପୁର ଗ୍ରାମର ଜୟକୃଷ୍ଣ ନନ୍ଦଦେବ ଗୋସ୍ୱାମୀଙ୍କ ପୁଅ ସ୍ୱରୁପାନନ୍ଦ ଗୋସ୍ୱାମୀ ଏବଂ ସ୍ୱରୂପାନନ୍ଦଙ୍କ ସ୍ତ୍ରୀ ସୁଶ୍ରୀ ସଂଗୀତା ଦେବଗୋସ୍ୱାମୀ କିଛି ଋଣ ଲଗାଣକାରୀ ସଂସ୍ଥା ଯେପରିକି ବିସ୍ତାରା, ବନ୍ଧନ ଏବଂ ଅନ୍ୟ ଅର୍ଥ ଲଗାଣକାରୀ ସଂସ୍ଥା ସମେତ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କରୁ ଲକ୍ଷାଧିକ ଟଙ୍କା ଋଣରେ ଆଣି ହଲାର୍ ମେସିନ, ମୁଢ଼ି ମିଲ, ହଳଦୀ ପେକିଂ ମେସିନ ସମେତ ବିଭିନ୍ନ ପ୍ରକାରର ମେସିନ ବସାଇ ଅର୍ଥ ରୋଜଗାର ସଂସ୍ଥା ଖୋଲିଥିଲେ। ମାତ୍ର ଉକ୍ତ ସଂସ୍ଥା ଗୁଡ଼ିକ କ୍ଷତିରେ ଚାଲିବା ଫଳରେ ସଠିକ୍ ସମୟରେ ଋଣ ପରିଶୋଧ କରିପାରିନଥିଲେ। ଏପଟେ ଋଣ ଲଗାଣକାରି ସଂସ୍ଥାର ବାରମ୍ବାର ତାଗିଦ୍ ଏବଂ ଜୁଲମ ଫଳରେ ଉଭୟ ପତିପତ୍ନୀ ନିରୁପାୟ ହୋଇ ବିଷପିଇ ଆତ୍ମହତ୍ୟା କରିବାର ଚରମ ନିଷ୍ପତି ନେଇଥିଲେ। ଗତ ବୁଧବାର ଉଭୟ ବିଳମ୍ବିତ ରାତିରେ ବିଷ ପିଇ ଦେଇଥିବା ବେଳେ ସେମାନଙ୍କୁ ତୁରନ୍ତ ନୀଳଗିରି ହସ୍ପିଟାଲ୍ ନିଆଯାଇ ଆଶୁ ଚିକିତ୍ସା କରାଯାଇ ରେମୁଣା ସ୍ଥିତ ଫକୀର ମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ କଟକ ବଡ଼ମେଡ଼ିକାଲକୁ ରେଫର୍ କରାଯାଇଥିଲା। ମାତ୍ର ଉତ୍ତମ ଚିକିତ୍ସା ପାଇଁ ପରିବାର ଲୋକ ଭୁବନେଶ୍ୱର ସ୍ଥିତ କିମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ମରଣ ସହ ସଂଗ୍ରାମ କରୁଥିଲେ। ତେବେ ଶନିବାର ରାତି ପ୍ରାୟ ୨.୧୫ ମିନିଟ ସମୟରେ ସ୍ୱରୁପାନନ୍ଦଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ୍ୟ ସମ୍ପନ୍ନ କରାଇଥିବା ବେଳେ ଆଜି ରବିବାର ସକାଳ ୯.୩୦ସମୟରେ ପୁଅର ମୃତ୍ୟୁ ଖବର ଜାଣିବା ପରେ ସୁଶ୍ରୀଙ୍କ ଶଶୁର ତଥା ସ୍ୱରୁପାନନ୍ଦଙ୍କ ବାପା ଜୟକୃଷ୍ଣ ନନ୍ଦଙ୍କ ହୃଦଘାତରେ ପରଲୋକ ହୋଇଛି। ଉଭୟଙ୍କ ଔରସରୁ ଗୋଟିଏ ପୁଅ ଓ ଗୋଟିଏ ନାବାଳିକା ଝିଅ ଥିବା ବେଳେ ବାପା ମାଙ୍କୁ ହରାଇ ଅନାଥ ହୋଇ ଅନ୍ଧାରୀ ଭବିଷ୍ୟତ କୁ ଆପଣେଇ ନେବାକୁ ବାଧ ହେବେ। ତେବେ ଋଣ ପାଇଁ ତିନି ତିନୋଟି ଅମୂଲ୍ୟ ଜୀବନ ଯିବା ଅଞ୍ଚଳପାଇଁ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ବୁଢ଼ାଗଡିଆରେ ପୂଜ୍ୟପୂଜା ସଂସଦର ମେଧା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଖଇରା, ୧୪/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସୁବାଷ-ନିରୁପମା ବିଦ୍ୱତ୍ତା ସମ୍ମାନ ପ୍ରଦାନ କରାଯାଇଛି । ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଖଇରା ବ୍ଲକର ବୁଢ଼ାଗଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ପୌରହିତ୍ୟ କରିଥିଲେ। ପ୍ରଧ୍ୟାପକ ଡ ଅଭୟ କୁମାର ମହାନ୍ତି ମୁଖ୍ୟଅତିଥି, ଔପଦା ମହାବିଦ୍ୟାଳୟର ଅଧ୍ୟକ୍ଷ ମୋହନ ଚରଣ ସାହୁ ମୁଖ୍ୟବକ୍ତା ଏବଂ ଅନନ୍ତ ପ୍ରସାଦ ବାରିକ,ଶରତ ଚନ୍ଦ୍ର ପଣ୍ଡା,ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ରାମଚନ୍ଦ୍ର ଦାଶ,ରଘୁନାଥ ମାହନ୍ତି,ଶ୍ରୀଧର ନାୟକ,ଉପେନ୍ଦ୍ର ଭୂୟାଁ, ସଂସଦର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ପ୍ରତିଭାଧାରୀ ଛାତ୍ରୀଛାତ୍ର ମାନେ ହେଲେ ବ୍ଲକ ସ୍ତରରେ ପ୍ରଥମ ହୋଇଥିବା ସୁଶାନ୍ତ କୁମାର ବେହେରା,୨ୟ ହୋଇଥିବା କ୍ରୀଷ୍ଣା ନାୟକ ଓ ଶୁଭଲକ୍ଷ୍ମୀ ଗିରି,୩ୟ ହୋଇଥିବା ସ୍ୱାଗତିକା ଗାହାଣ ଓ ଶଶିକାନ୍ତ ସେନାପତି । ମନ୍ମଥ ସାମଲ,ରମାକାନ୍ତ ମହାନ୍ତି, ପ୍ରଫୁଲ୍ଲ ସାମଲ,ପ୍ରଫୁଲ୍ଲ ବାରିକ, କୁଞ୍ଜଲତା ମାହନ୍ତ,ମାନସ ମୁଦୁଲି, ପ୍ରଶାନ୍ତ ବାରିକ, ମାୟାଧର ଦାସ, ବଂଶିଧର ନାୟକ, ଭଗବାନ ସେଠୀ, ଜଗଦୀଶ ନାୟକ, ନାରାୟଣ ମହାକୁଡ, ବାସୁଦେବ ଦାସ, ରଘୁନାଥ କର, ଗୟାଧର ନାୟକ, ବନମାଳି କର, ଦାମୋଦର ମହାନ୍ତି, ମାଧବ ସାମଲ ପ୍ରମୁଖ ସହଯୋଗ କରିଥିଲେ।




## ପଦ୍ମପୁର ୟୁଥ୍ ଫର ଡେଭଲପମେଣ୍ଟ ହେଲପିଂ ସୋସାଇଟି ପକ୍ଷରୁ ରକ୍ତଦାନ କାର୍ଯ୍ୟକ୍ରମ

ରେମୁଣା , ୧୪/୭ (ନି.ପ୍ର): ରେମୁଣା ନିର୍ବାଚନ ମଣ୍ଡଳୀ ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ୟୁଥ୍ ଫର ଡେଭଲପମେଣ୍ଟ ହେଲପିଂ ସୋସାଇଟି ପକ୍ଷରୁ ରକ୍ତ ଦାନ ଶିବିର ଇନ୍ଦିରା ମେମୋରିଆଲ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉଦଘାଟନ କରିଥିଲେ। ମହିଳା ନେତ୍ରୀ ଶୋଭନା ମହାନ୍ତି, କୃଷ୍ଣ ଚନ୍ଦ୍ର ସାହା,ବିପ୍ଳବ କେଶରୀ ଯାଦବ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସୋସାଇଟିର ସଭାପତି ବିକ୍ରମ ବିଶ୍ୱାଳ, ସମ୍ପାଦକ ରାମଚନ୍ଦ୍ର ମହାର୍ଣ୍ଣ।, ସଦସ୍ୟ ବିଜୟ କୁମାର ବେହେରା,ରାକେଶ ଦାସ,ବିଜୟ ପାତ୍ର, ଚନ୍ଦନ ମହାଳିକ,ଶ୍ରୀନିବାସ ରାଉତ, ତାପସ ଦାସ,ଭୂପତି ମହାଳିକ, ରବୀନ୍ଦ୍ର ପାତ୍ର,ଜୟନ୍ତ ପାତ୍ର, ମହେନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର, ଅଜୟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।




## ଅସ୍ତରାଗ ଅବସରପ୍ରାପ୍ତ ସେବା ସଂଘ ବାଲିଆ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



ରେମୁଣା , ୧୪/୭ (ନି.ପ୍ର): ରେମୁଣା ବ୍ଲକ ବାଲିଆ ସ୍ଥିତ ଦକ୍ଷିଣେଶ୍ୱର କାଳୀ ମନ୍ଦିର କମିଟି ଓ ଅସ୍ତରାଗ ଅବସରପ୍ରାପ୍ତ ସେବା ସଂଘ ପକ୍ଷରୁ ଚାରା ଗଛ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରଫେସର ପ୍ରଦ୍ୟୁତ ରଞ୍ଜନ ମଣ୍ଡଳ ଅଧ୍ୟକ୍ଷତା କରିଥିଲେ। ସଂଘର ନିଷ୍ପତି କ୍ରମେ ବାଲିଆ ରାଧାକୃଷ୍ଣ ମନ୍ଦିର ତଥା ଶ୍ୟାମା କାଳୀ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ନଡ଼ିଆ, ପିଜୁଳି, ସପେଟା, ବଉଳ, ଦେବଦାରୁ ଆଦି ଚାରା ଗଛ ରୋପଣ କରାଯାଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରଥମେ ଗଛ ରୋପଣ କରି ଉଦଘାଟନ କରିଥିଲେ।ବାଲିଆ ସରପଞ୍ଚ ନିତାଇ ଚରଣ ନାୟକ ସହଯୋଗ କରିଥିଲେ। ବାଲିଆ ଅସ୍ତରାଗ ଅବସରପ୍ରାପ୍ତ ସେବା ସଂଘ ସମେତ ବାଲିଆ ମନ୍ଦିର କମିଟି ତଥା ଗ୍ରାମ୍ୟ କମିଟିର ମୁଖ୍ୟ ବ୍ୟକ୍ତି ସମୁହ ଯଥା; ତ୍ରିଦେବ ନାୟକ, ମନ୍ମଥ କୁମାର ଘଡ଼େଇ, ପରିଣିତା ମିଶ୍ର,ଯୋଗେଶ ଚନ୍ଦ୍ର ପ୍ରଧାନ, ଆଲୋକ କୁମାର ମହାନ୍ତି, ସୁକୁମାର ଦାସ, କୃଷ୍ଣ ଚନ୍ଦ୍ର ସାହା, ଦିଲ୍ଲୀପ ନାୟକ, ଗୌରାଙ୍ଗ ବେହେରା, ବସନ୍ତ କର, ଆଲୋକ କୁମାର ମହାନ୍ତି, ବିନୟ କୁମାର ପଡିଆରି, ରତିକାନ୍ତ ରାଉତ ଆଦି ସହଯୋଗ କରିଥିଲେ।ସଂଘର ସମ୍ପାଦକ ରମେଶ ଚନ୍ଦ୍ର ଜେନା ପରିଚାଳନା କରିଥିଲେ। ସେହିପରି ଶାସଙ୍ଗ ପଞ୍ଚାୟତର ସରପଞ୍ଚ ପ୍ରଫୁଲ୍ଲ ଦିବେଦୀଙ୍କ ନେତୃତ୍ୱରେ ଅନ୍ତରା ପଡିଆ ଠାରେ ଶାଗୁଆନ, ପଟାସ, ଆକାଶି, କୃଷ୍ଣଚୁଡା, ଆମ୍ବ, ପିଜୁଳି ପରି ଶତାଧିକ ଗଛ ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ଦାସ ଯୋଗ ଦେଇଥିବାବେଳେ, ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ସୁନି ସୋରେନ, ଭାସ୍କର ମଲ୍ଲିକ, ଶଶିକାନ୍ତ ଦାସ, ଶରତ ବାରିକ, କମଳାକାନ୍ତ ମଲ୍ଲିକ, ନରେନ୍ଦ୍ର ସେଠୀ, ବୁଦ୍ଧିରାମ ଜେନା, ରାଜକିଶୋର ମହାନ୍ତି, ରମେଶ ଚନ୍ଦ୍ର ମଲ୍ଲିକ ଏବଂ ନାରୀନେତ୍ରୀ ଶୋଭନା ମହାନ୍ତି ପ୍ରମୁଖ ଚାରା ରୋପଣରେ ସହଯୋଗ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo